Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 211
Wednesday, 07 October 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୦୭ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବ୍ୟାରିକେଡ୍ ଉପରେ ରାହୁଲ, ପ୍ରିୟଙ୍କାଙ୍କୁ ଅଟକ ରଖିଲା ପୁଲିସ୍

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ଭିଡ଼ ଭିତରେ ସବୁ କିଛିକୁ ଅତିକ୍ରମ କରି ଆଗକୁ ବଢ଼ିଲେ । ସାମ୍ନାରେ ବଡ଼ବଡ଼ ବ୍ୟାରିକେଡ ଥିଲେ ମଧ୍ୟ ଖାତିର କଲେନି । ପୁଲିସ୍ ଅଟକାଇବାକୁ ଚେଷ୍ଟା କରିବା ବେଳେ ସିଧା ଜଣେ ସାଧାରଣ କର୍ମୀ ଭଳି ବ୍ୟାରିକେଡ ଉପରେ ଚଢ଼ିଗଲେ । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଏପରି ଅବତାର ଆଜି ପୂରା ଦେଶ ଦେଖିଛି । ବିରୋଧୀ ମେଂଟ ଇଣ୍ଡିଆ ବ୍ଲକର ଗଣତନ୍ତ୍ର ବଂଚାଅ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ରାହୁଲ ଗାନ୍ଧି ଆଜି ବ୍ୟାରିକେଡ ଉପରେ ଚଢ଼ି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ହାତରେ ତ୍ରିରଙ୍ଗା ଧରି ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ନିର୍ବାଚନ ଓ ଏସ୍ଆଇଆରରେ ଅନିୟମିତା ଦାବି କରି ଆଜି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି । ସେମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ କରିଛନ୍ତି । ବିରୋଧୀ ସଦସ୍ୟମାନେ ସଂସଦ ଠାରୁ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଡ଼କୁ ଯାଉଥିବା ବେଳେ ପୁଲିସ୍ ସେମାନଙ୍କୁ ବଡ଼ବଡ଼ ବ୍ୟାରିକେଡ୍ ଲଗାଇ ଅଟକାଇଥିଲା । ଏହି

ସମୟରେ ରାହୁଲ ଗାନ୍ଧି ବ୍ୟାରିକେଡ ଉପରେ ହଠାତ୍ ଚଢ଼ି ଯାଇଥିଲେ । ଏହାପରେ ସେ ସେଠାରେ ଛିଡ଼ା ହୋଇ ଜାତୀୟ ପତାକା ଉଡ଼ାଇଥିଲେ । ଏହାକୁ ଦେଖି ରାହୁଲଙ୍କ ସମର୍ଥକ ଓ ବିରୋଧୀ ଇଣ୍ଡିଆ ବ୍ଲକର ସଦସ୍ୟମାନେ ପୂରା ଉତ୍ସାହିତ ହୋଇ ପଡ଼ିଥିଲେ । ଏହି ସମୟରେ ପୁଲିସ୍ ରାହୁଲ ଗାନ୍ଧି ଓ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧି ଉଭୟଙ୍କୁ ଉଠାଇ ନେଇ ଅଟକ ରଖିଥିଲା । କିଛି ସମୟ ଅଟକ ରଖିବା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି । ଏମାନଙ୍କ ବ୍ୟତୀତ ବିରୋଧୀ ଦଳର ଆଉ କିଛି ସଦସ୍ୟମାନଙ୍କୁ ମଧ୍ୟ ପୁଲିସ୍ ଅଟକ ରଖିଥିଲା । ତେବେ ସେମାନଙ୍କୁ ଛାଡ଼ିବା ପରେ ରାହୁଲ, ପ୍ରିୟଙ୍କା ଓ ଅନ୍ୟମାନେ ପୁଣି ନିର୍ବାଚନ କମିଶନ ମୁଖ୍ୟାଳୟକୁ ଘେରାଉ ପାଇଁ ଉଦ୍ୟମ କରିଛନ୍ତି । ଆକାଶବାଣୀ ଭବନ ଭିତରେ ମଧ୍ୟ ରାହୁଲ ଓ ପ୍ରିୟଙ୍କା ଗାନ୍ଧି ପ୍ରବେଶ କରିବାକୁ ଉଦ୍ୟମ କରୁଥିବାର ଭିଡିଓ ସାମ୍ନାକୁ ଆସିଛି । ଏହି ଭବନଟି ନିର୍ବାଚନ କମିଶନ ମୁଖ୍ୟାଳୟ ନିକଟରେ ରହିଛି । ତେଣୁ ଏହି ବିଲଡିଂ ଦେଇ ସେମାନେ ନିର୍ବାଚନ କମିଶନରେ ପହଂଚିବାକୁ ଚାହିଁଥିଲେ । ହେଲେ ସେମାନଙ୍କୁ ଭିତରେ ପ୍ରବେଶ ପାଇଁ ଅନୁମତି ମିଳିନି । ଏଥିପାଇଁ ଆକାଶବାଣୀର ଭବନର ଗେଟ୍ ନମ୍ବର ୪ ନିକଟରେ ଥିବା ଗୋଟିଏ ଗଛ ମୂଳରେ ରାହୁଲ, ପ୍ରିୟଙ୍କା, ଦିଗବିଜୟ ସିଂହ ଓ ଦୀପେନ୍ଦର ହୁଡା ପ୍ରମୁଖ ଧାରଣାରେ ବସିଛନ୍ତି । ସେମାନଙ୍କୁ ସୁରକ୍ଷାକର୍ମୀମାନେ ଘେରି ରହିଛନ୍ତି ।

ଫ୍ରାନ୍ସିସ୍ ହାଲଜେନଙ୍କୁ ୨୦୨୬ ପଦାର୍ଥ ବିଜ୍ଞାନ ନୋବେଲ

ଷ୍ଟକହୋମ୍, ୬/୧୦ (ନ୍ୟୁ.ଏ): ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନସ୍ସ୍ ପକ୍ଷରୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ବୈଜ୍ଞାନିକ ଫ୍ରାନ୍ସିସ୍ ହାଲଜେନ୍‌ଙ୍କୁ ପ୍ରଦାନ କରାଯାଇଛି । ଫ୍ରାନ୍ସିସ୍ ଲୁଇସ୍ ହାଲଜେନ୍ ଜଣେ ବେଲଜିୟମ୍ କଣିକା ବା ପାର୍ଟିକିଲ୍ ଭୌତିକବିଦ୍ । ସେ

ୱିସ୍କନସିନ୍-ମାଡିସନ୍ ବିଶ୍ୱବିଦ୍ୟାଳୟର ହିଲଡେଲ୍ ଏବଂ ଗ୍ରେଗୋରୀ ବ୍ରେଟ୍ ବିଶିଷ୍ଟ ପ୍ରଫେସର ଏବଂ ଏହାର ପ୍ରଥମିକ ପାର୍ଟିକିଲ୍ ଫିଜିକ୍ସ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ । ତାଙ୍କୁ ଆଇସ୍‌କ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ଏବଂ ଜ୍ୟୋତିର୍ବିଜ ଉତ୍ପତ୍ତିର ଉଚ୍ଚ-ଶକ୍ତି ନ୍ୟୁଟ୍ରିନୋ ଆବିଷ୍କାରରେ ତାଙ୍କର ନିର୍ଣ୍ଣାୟକ ଅବଦାନ ପାଇଁ ଏହି ସମ୍ମାନଜନକ ସମ୍ମାନ ପ୍ରଦାନ କରାଯାଇଛି । ସେ ଦକ୍ଷିଣ ମେରୁର ବରଫ ଚାଦର ବ୍ୟବହାର କରି ନ୍ୟୁଟ୍ରିନୋ ନାମକ ରହସ୍ୟମୟ କଣିକାଗୁଡ଼ିକୁ ଟ୍ରାକ୍ କରିବା ପାଇଁ ଏକ କୌଶଳ ବିକଶିତ କରିଥିଲେ, ଯାହା ଜ୍ୟୋତିର୍ବିଜ୍ଞାନର ଏକ ସମ୍ପୂର୍ଣ୍ଣ ନୂତନ ଶାଖାର ମୂଳଦୁଆ ସ୍ଥାପନ କରିଛି । ୨୦୨୬ ବର୍ଷ ପାଇଁ ନୋବେଲ ପୁରସ୍କାର ରାଶି ୧୨ ନିୟୁତ ସ୍ୱିଡିସ୍ କ୍ରୋନର(ଭାରତୀୟ ମୁଦ୍ରାରେ ପ୍ରାୟ ୧୧.୫ ରୁ ୧୨ କୋଟି)ସ୍ଥିର କରାଯାଇଛି । ବୈଜ୍ଞାନିକଙ୍କ ଅନୁସାରେ, ବ୍ରହ୍ମାଣ୍ଡରେ ପ୍ରାକୃତିକ କଣିକା ତ୍ୱରକ ରହିଛି ଯାହା ପୃଥିବୀ-ଭିତିକ ପରୀକ୍ଷାଗାରରେ ହାସଲ କରାଯାଇଥିବା ଶକ୍ତି ଅପେକ୍ଷା ଦଶ ଲକ୍ଷ ଗୁଣ ଅଧିକ ଶକ୍ତି ସହିତ କଣିକା ଉତ୍ପାଦନ କରିପାରିବ । ସେମାନଙ୍କର ଉତ୍ସ ଏବଂ ପ୍ରକ୍ରିୟାଗୁଡ଼ିକ ପ୍ରାୟତଃ ରହସ୍ୟମୟ ହୋଇ ରହିଛି । ଅତ୍ୟନ୍ତ ଉଚ୍ଚ-ଶକ୍ତି ସମ୍ପନ୍ନ ନ୍ୟୁଟ୍ରିନୋ ଦିଗ ପରିବର୍ତ୍ତନ ନକରି କିମ୍ବା ଶକ୍ତି ନହରାଇ ପୃଥିବୀକୁ ଆସି ପାରିବ । ଏହି ମହାକାଶିକ ତ୍ୱରକ ବିଷୟରେ ଅନନ୍ୟ ସୂଚନା ପ୍ରଦାନ କରିଥାନ୍ତି । ଅତ୍ୟନ୍ତ ଉଚ୍ଚ-ଶକ୍ତି ବିଶିଷ୍ଟ ମହାକାଶିକ ନ୍ୟୁଟ୍ରିନୋ ବିରଳ । ସେମାନଙ୍କର ପାରସ୍ପରିକ କ୍ରିୟା ଚିହ୍ନଟ କରିବା ପାଇଁ ପ୍ରଚୁର ପରିମାଣର ବରଫ ଆବଶ୍ୟକ । ପ୍ରାୟ ୧ ଘନ କିଲୋମିଟର ବ୍ୟାପୀ ଆଇସକ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ଗବେଷଣା କାର୍ଯ୍ୟ ୨୦୧୧ରେ ସମାପ୍ତ ହୋଇଥିଲା । ଗବେଷକମାନେ ପ୍ରଥମ ଉଚ୍ଚ-ଶକ୍ତି ନ୍ୟୁଟ୍ରିନୋ ଚିହ୍ନଟ କରିଥିଲେ ଏବଂ ପରେ ସୌରମଣ୍ଡଳ ବାହାରେ ଉତ୍ପନ୍ନ ନ୍ୟୁଟ୍ରିନୋଗୁଡ଼ିକୁ ନିଶ୍ଚିତ କରିଥିଲେ ।

ଶରତରେ ଅଦିନିଆ ବୈଶାଖର ତାତି

ଭୁବନେଶ୍ୱର, ୬/୧୦ (ଆ.ପ୍ର) : ଶରତ ଋତୁରେ ଅଦିନିଆ ବୈଶାଖର ତାତି ! ଅକ୍ଟୋବରରେ ଖରା ଏତେ ଟାଙ୍ଗି ଟାଙ୍ଗି ଯେ ଭାଙ୍ଗିଗଲା ବର୍ଷ ବର୍ଷର ରେକର୍ଡ ! ଯେଉଁ ସମୟରେ ସକାଳୁ ହାଲୁକା କାକର ଓ ଶୀତଳ ପବନ ବହିବା କଥା, ସେହି ସମୟରେ ଫ୍ୟାନ୍ କି କୁଲର୍ ତଳେ ବି ଦେହରୁ ଝାଳ ବୋହିବା ବନ୍ଦ ହେଉନାହିଁ । ମାର୍ଚ୍ଚ-ଏପ୍ରିଲ ଭଳି ଅସହ୍ୟ ଖରା ସାଙ୍ଗକୁ ଅଣନିଶ୍ୱାସୀ କରିଦେଲା ଭଳି ଗୁଳୁଗୁଳିରେ ସାରା ଓଡ଼ିଶା ସନ୍ତୁଳି ହେଉଛି । ବିଶେଷ କରି ଶ୍ରୀକ୍ଷେତ୍ର ପୁରୀରେ ତାପମାତ୍ରା ଏଭଳି ଏକ ସ୍ତର ଛୁଇଁଛି, ଯାହା ପାଣିପାଗ ବିଭାଗକୁ ମଧ୍ୟ ଚକିତ କରିଦେଇଛି । ଶରତରେ ଏଭଳି ପାଗ ପଛର ପ୍ରକୃତ କାରଣ କ'ଣ ଏବଂ ଆଗକୁ ଆସୁଥିବା ନୂଆ ନିୟାମକ କି ବିପଦ ଆଣୁଛି ।

ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ପାଇଁ ସୁଯୋଗ, ୭ରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର, ୬/୧୦ (ଆ.ପ୍ର) : ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ବୁଧବାର ଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । ଅକ୍ଟୋବର ୭ ରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା । ଯେଉଁ ଯୁବକ-ଯୁବତୀମାନେ ୧।୧୦।୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ । ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ । ଏଥିସହିତ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ । ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ CEO Odishau ୱେବସାଇଟରେ ଉପଲବ୍ଧ କରାଯିବ । ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଂଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ ।

୧.୭୯ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୯.୨୬ କୋଟି ଟଙ୍କା ସୁଧ ଫେରସ୍ତ

ଭୁବନେଶ୍ୱର, ୬/୧୦ (ଆ.ପ୍ର) : ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ଏବଂ ସେମାନଙ୍କ ଗୋଷ୍ଠୀଗତ ସଂଗଠନଗୁଡ଼ିକୁ ଆର୍ଥିକ ଭାବେ ଅଧିକ ସୁଦୃଢ଼ କରିବାପାଇଁ ମିସନ ଶକ୍ତି ବିଭାଗ ପକ୍ଷରୁ ଆଜି (ମଙ୍ଗଳବାର) ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହାସହ ୧,୭୯,୮୦୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୯.୨୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି । ଭୁବନେଶ୍ୱରସ୍ଥିତ ମିସନ ଶକ୍ତିଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନିଜ ବକ୍ତବ୍ୟରେ, ରାଜ୍ୟରେ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିବେ ବୋଲି ମତ ପ୍ରକାଶ କରିଛନ୍ତି । ଏଥି ସହିତ ରାଜ୍ୟର ସମାଜ ଓ ଅର୍ଥନୀତିର ବିକାଶରେ ନାରୀଶକ୍ତି ଆଗାମୀ ଦିନରେ ନେତୃତ୍ୱ ନେବେ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ, ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସୁଧ ଫେରସ୍ତ ପାଇଁ ୫୭୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଏହା ପୂର୍ବରୁ ଚଳିତ ଆର୍ଥିକ ବର୍ଷରେ ଗତ ୨୪ ଜୁନ୍ ?ରେ ୨,୮୮,୧୯୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୭ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ଏହି ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ମୋଟ ୨୪୭.୦୩ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି । ସେହିପରି ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ

ଗୋଷ୍ଠୀଙ୍କ ପାଇଁ ବ୍ୟାଙ୍କ ଋଣ ଯୋଗାଣର ଲକ୍ଷ୍ୟ ୨୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଲକ୍ଷପତି ଦିଦି ଯୋଜନାର ଅଧିକ ପ୍ରୋତ୍ସାହନ ଓ ବ୍ୟାପକ ପ୍ରସାର ପାଇଁ କଲେକ୍ଟିଭ୍ ଫର୍ ଇଂଟିଗ୍ରେଟେଡ୍ ଲାଇଭଲିହୁଡ୍ ଇନିସିଏଟିଭ୍ସ'(ସିଆଇଏଲଆଇ) ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି । ମହିଳା ଏସଏଚଜି ମଧ୍ୟରେ ପରିବେଶ ଅନୁକୂଳ ସବୁଜ ଉଦ୍ୟୋଗିତାର ପ୍ରସାର ଓ ଅକ୍ଷୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରିଡ଼ା) ସହିତ ଅନ୍ୟ ଏକ ସହଯୋଗୀ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି । ଏହି କାର୍ଯ୍ୟକ୍ରମରେ ମିସନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ, ଆବାହକ, ଏସଏଲବିସିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ବ୍ୟାଙ୍କ ଓ ସହଯୋଗୀ ସଂସ୍ଥା, ଓରିଡ଼ା ଏବଂ ସିଆଇଏଲଆଇର ପ୍ରତିନିଧିମାନେ ତଥା ସମସ୍ତ ଜିଲ୍ଲାର ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

ହାଲରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଉଦଘାଟିତ

ଭୁବନେଶ୍ୱର, ୬/୧୦ (ଆ.ପ୍ର) : ସୁନାବେଡ଼ା ହାଲ୍ ଠାରେ ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଉଦ୍ଘାଟିତ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କୋରାପୁଟ ଜିଲ୍ଲାର ସୁନାବେଡା ଠାରେ ହାଲ୍ ମାନୁଫାକ୍ଚରିଙ୍ଗ୍ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଉଦ୍ଘାଟନ କରିଛନ୍ତି । ଏହା ସହିତ ସୁନାବେଡା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜନାଥ ସିଂହ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ HAL ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି । କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ । ୧୯୬୪ରୁ ଫ୍ରଂଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ

କରିଆସୁଥିବା HAL, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି । ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି । ଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିକ୍ଷାଂଚଳ ଭିତିଭୂମି ଏବଂ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ରାଜନାଥ ସିଂହ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜର ଅଭିଭାଷଣରେ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ । ଏହିସବୁ ଶିଳ୍ପଗୁଡିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହିତ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏହାଛଡ଼ା ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲ୍ସରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ୍ ତିଆରି କରୁଛି । ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସିଏମ୍ ମାଝୀ କହିଥିଲେ । HAL କୋରାପୁଟ ଡିଭିଜନ୍ ଦ୍ୱାରା ହାସଲ କରାଯାଇଥିବା ମାଇଲଖୁଂଟ ବିଷୟରେ ମତ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଗତ ୬୦ ବର୍ଷ ଧରି ଏହି ସଂସ୍ଥା ଦେଶର ସୁରକ୍ଷାରେ ଅତୁଳନୀୟ ଯୋଗଦାନ ଦେଇଆସୁଛି ।

ଇଣ୍ଡି ମେଂଟ ସହ ଚାଲିଲା ବିଜେଡ଼ି

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ଦିଲ୍ଲୀ ରାଜରାସ୍ତାରେ ଆଜି ଏକ ଅଭାବନୀୟ ତଥା ଚର୍ଚ୍ଚିତ ରାଜନୈତିକ ଦୃଶ୍ୟ ସାମ୍ନାକୁ ଆସିଛି । ଆଗେ ଆଗେ ଚାଲୁଥିଲେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତାଙ୍କ ଠିକ୍ ପଛରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଥିଲେ ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ । ସଂସଦ ଭବନରୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାହାରିଥିବା ଏହି ପଦଯାତ୍ରାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ, ସାଂସଦ ସୁଲତା ଦେଓ ଓ ପୂର୍ବତନ ସାଂସଦ ମୁନା ଖାଁ ପ୍ରମୁଖ ସାମିଲ ହୋଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ । ସବୁବେଳେ ଇଣ୍ଡି ମେଂଟର ବୈଠକ ଓ କାର୍ଯ୍ୟକ୍ରମରୁ ଦୂରରେ ରହୁଥିବା ବିଜେଡିର ଏହି ହଠାତ୍ ଅବତାର ଜାତୀୟ ଓ ରାଜ୍ୟ ରାଜନୀତିରେ ବଡ଼ ହଲଚଲ ସୃଷ୍ଟି କରିଛି । ଏହି ଆନ୍ଦୋଳନକୁ ନେଇ ବିଜେଡି ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛି ଯେ, ଗଣତନ୍ତ୍ର ଓ

ସମ୍ବିଧାନର ସୁରକ୍ଷା ପାଇଁ ଦଳ କେବଳ 'ପ୍ରସଙ୍ଗ ଭିତିକ' ଭାବେ ଇଣ୍ଡି ମେଂଟକୁ ସମର୍ଥନ ଜଣାଇଛି । ଏହା କୌଣସି ସ୍ଥାୟୀ ମେଂଟ ନୁହେଁ ଏବଂ ଦଳ ଏବେ ବି ଏନଡିଏ ଓ ଇଣ୍ଡିଆ ମେଂଟଠାରୁ ସମଦୂରତା ବଜାୟ ରଖୁଛି । ତେବେ ରାଜନୈତିକ ବିଶ୍ଳେଷକଙ୍କ ମତରେ, ବିଜେଡିର ଏହି ଆଭିମୁଖ୍ୟ ଅତ୍ୟନ୍ତ ଦ୍ୱନ୍ଦ୍ୱପୂର୍ଣ୍ଣ । ଗୋଟିଏ ପଟେ ଦଳ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ଦାବି କରି ରାହୁଲଙ୍କ ସହ କାନ୍ଧରେ କାନ୍ଧ ମିଶାଇ ଚାଲୁଛି, ଅନ୍ୟପଟେ କେନ୍ଦ୍ର ସରକାର କିମ୍ବା ବିଜେପି ବିରୋଧରେ ସିଧାସଳଖ ପାଟି ଫିଟାଉ ନାହିଁ । ବିଜେଡିର ଏହି ପଦକ୍ଷେପକୁ କଂଗ୍ରେସ ସ୍ୱାଗତ କରିଥିବା ବେଳେ ବିଜେପି ଏହାକୁ କଡ଼ା ଭାଷାରେ ସମାଲୋଚନା କରିଛି । ବିଜେପି ଅଭିଯୋଗ କରିଛି ଯେ ଏହା ବିଜେଡିର ନୂଆ ଛଦ୍ମବେଶ ଏବଂ ଏକ ରାଜନୈତିକ ଷ୍ଟଂଟ । ବିଜେଡି ପୂର୍ବରୁ ମଧ୍ୟ ନିଜ ସ୍ୱାର୍ଥ ଅନୁଯାୟୀ କେତେବେଳେ କେନ୍ଦ୍ର ସହ ତ କେତେବେଳେ ବିରୋଧୀଙ୍କ ସହ ସାମୟିକ ହାତ ମିଳାଇ ଆସିଛି । ଏବେ ପ୍ରଶ୍ନ ଉଠୁଛି—ଓଡ଼ିଶାରେ କ୍ଷମତା ହରାଇବା ପରେ ନବୀନ ପଟ୍ଟନାୟକ କ'ଣ ପ୍ରକୃତରେ ନିଜ ରଣନୀତି ବଦଳାଇ ଦିଲ୍ଲୀରେ ବିରୋଧୀ କ୍ୟାମ୍ପ ଆଡ଼କୁ ଢଳୁଛନ୍ତି, ନା ଏହା କେବଳ ଚର୍ଚ୍ଚାରେ ରହିବା ପାଇଁ ଏକ କ୍ଷଣସ୍ଥାୟୀ ପ୍ରୟାସ ?

ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ଅନୁଷ୍ଠିତ

ଖୋର୍ଦ୍ଧା: ୦୬/୧୦(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ କୁମାରୀ ପ୍ରହରାଜ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ପୋଷଣ ମାସ ପାଳନର ପାଂଚଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ । ସେଗୁଡ଼ିକ ହେଲା- (୧) ମାତୃ ଓ ଶିଶୁ ପୋଷଣ, (୨) ମସ୍ତିଷ୍କ ବିକାଶ ପାଇଁ ପ୍ରାରମ୍ଭିକ ଉତେଜନା (୦-୩ ବର୍ଷ), (୩) ପ୍ରାରମ୍ଭିକ ବୟସରେ ଖେଳାଧାରିତ ଶିକ୍ଷା (୩-୬ ବର୍ଷ), (୪) ଶିଶୁମାନଙ୍କର ସ୍କ୍ରିନ୍ ସମୟ ହ୍ରାସ କରିବାରେ ଅଭିଭାବକ ଓ ସମୁଦାୟର ଭୂମିକା ଏବଂ (୫) ଶକ୍ତିଶାଳୀ ଅଙ୍ଗନବାଡ଼ି କେନ୍ଦ୍ର ଗଠନରେ ସମୁଦାୟର ସହଯୋଗ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା କହିଥିଲେ ଯେ, ଜିଲ୍ଲାର କୌଣସି ମା' କିମ୍ବା ଶିଶୁ ଯେପରି ପୋଷଣ ଅଭାବର ଶିକାର ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ସେ ପୋଷଣ ମାସର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସମସ୍ତ ବିଭାଗ, କର୍ମଚାରୀ ଓ ସମୁଦାୟର ସହଯୋଗରେ ଏହାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପୋଷଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି ନିମନ୍ତେ ପଦଯାତ୍ରା ଆୟୋଜନ କରାଯାଇଥିଲା । ଏଥିସହ ପୁଷ୍ଟିକର ଖାଦ୍ୟ, ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଉପକରଣର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହା ସହିତ ରକ୍ତହୀନତା ପରୀକ୍ଷା ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଏହି ଅବସରରେ ଚିତ୍ରାଙ୍କନ, ତର୍କ, ସାଧାରଣ ଜ୍ଞାନ ଓ ରଚନା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପ୍ରତାପ ଚନ୍ଦ୍ର ବେହେରା ପୁରସ୍କୃତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପ୍ରକଳ୍ପ ଅଧିକାରୀ, ସିଡିପିଓ, ଡିସି ପୋଷଣ ସୁଚିତ୍ରା ନାୟକ, ଡିପିଏ ପୋଷଣ ବି ସନ୍ତୋଷଙ୍କ ସମେତ କଳ୍ପନା ପରିଡ଼ା, ଶୁଭସ୍ମିତା ବେହେରା, ଚନ୍ଦନ ହାଁସଦା, ସମିତା ମହାନ୍ତି, ଶଶୀ ଭୂଷଣ ନାୟକ, ଭାନୁମତୀ ମହାପାତ୍ର, ଶୁଭଲକ୍ଷ୍ମୀ ବଳବନ୍ତରାୟ, ଶିବ ସ୍ୱୟଂ, ଏଆଜ ଖାଁ, ଗୋବିନ୍ଦ ପରିଡ଼ା, ଦୀପ୍ତି ରଞ୍ଜନ ମହାନ୍ତି, ସୁରଥ ଚନ୍ଦ୍ର ବିଶ୍ୱାଳ, ରାକେଶ କୁମାର ହରିଚନ୍ଦନ, ସୁପରଭାଇଜରମାନେ, ଡିସି ପୋଷଣ, ଅଙ୍ଗନବାଡ଼ି କର୍ମୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ସକ୍ରିୟ ଭାବେ ଯୋଗଦେଇଥିଲେ । ପରିଶେଷରେ ଜିଲ୍ଲା ସୁରକ୍ଷା ଅଧିକାରୀ (ଘରୋଇହିଂସା) ଦେବକୀ ସାହୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ ।

ବଜାର ଗୃହ ଓ ରୋଷେଇ ଗୃହ ଉଦ୍‌ଘାଟନ କଲେ ବିଧାୟକ

ପାତ୍ରପୁର, ୦୬/୧୦ (ଆ.ପ୍ର) : ପାତ୍ରପୁର ସ୍ଥିତ କୁଠାରି ମନ୍ଦିର ବଜାର ଗୃହ ଓ ରୋଷେଇ ଗୃହ ମଙ୍ଗଳବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ପାତ୍ରପୁର ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଓ୍ୱାଇ ମୋହନ ରାଓ, ଜମାନ୍ତିଆପଲ୍ଲୀ ସମିତି ସଭ୍ୟ ପ୍ରଶାନ୍ତ କୁମାର ସାହୁ, ବି. ନୂଆଗାଁ ସମିତି ସଭ୍ୟ, ପି. ସଚ୍ଚିଦାନନ୍ଦ ସୁବୁଦ୍ଧି, ପୁରୋହିତ ରଘୁନାଥ ଶତପଥୀ, ସୂର୍ଯ୍ୟ ନାରାୟଣ ପାଢ଼ୀ, ସୁରେଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକଙ୍କ ପାଣ୍ଠିରୁ ଏହି ଗୃହ ନିର୍ମାଣ ହୋଇଥିବା ବେଳେ ଅଂଚଳବାସୀ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ହୀନ ଉଦ୍ୟମ କରୁଛି ବିରୋଧୀ : ବିରଂଚି ନାରାୟଣ ତ୍ରିପାଠୀ

ଭୁବନେଶ୍ୱର, ୦୬/୧୦ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶରେ ୧୨ ବର୍ଷର ସୁଶାସନ ଏବଂ ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ସରକାରଙ୍କ ଅଢ଼େଇ ବର୍ଷର ଲୋକାଭିମୁଖୀ ଶାସନ ଯୋଗୁଁ ଆଜି ବିରୋଧୀ ଦଳ ସମ୍ପୂର୍ଣ୍ଣ ମୁଦ୍ଦାହୀନ ହୋଇପଡ଼ିଛନ୍ତି । ଜନସାଧାରଣ ବିଜେପି ଉପରେ ଅତୁଟ ବିଶ୍ୱାସ ଓ ଆସ୍ଥା ପ୍ରକଟ କରିଥିବା ବେଳେ ବିରୋଧୀମାନେ ଅପ୍ରସଙ୍ଗକୁ ପ୍ରସଙ୍ଗ କରି କେବଳ ନାଟକବାଜି କରୁଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ଏକ ପ୍ରେସ ବିବୃତିରେ କହିଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିଜୁ ଜନତା ଦଳ (ବିଜେଡି)ର କଥା ଓ କାର୍ଯ୍ୟରେ ସର୍ବଦା ଆକାଶ-ପାତାଳ ଫରକ ରହିଛି । ବିଜେଡି ଏବଂ 'ଇଣ୍ଡି' ମେଂଟର ସମ୍ପର୍କ କିଛି ନୂଆ ନୁହେଁ, ଏମାନଙ୍କ ଭିତରେ ବହୁ ପୂର୍ବରୁ ଗୁପ୍ତ ମଧୁଚନ୍ଦ୍ରିକା ଚାଲିଆସୁଥିଲା । ଏପରିକି 'ଇଣ୍ଡି' ମେଂଟ ବୈଠକରେ ମଧ୍ୟ ବିଜେଡିର ସଂସଦୀୟ ଦଳ ନେତା ଯୋଗ ଦେଇଥିବାର ପ୍ରମାଣ ରହିଛି । ଆଜି ବିଜେଡି ରାଜନୀତିରେ ଏକ 'ନିର୍ମୂଳୀ ଲୁଟା'ରେ ପରିଣତ ହୋଇସାରିଛି । ନିଜର ଅସ୍ତିତ୍ୱ ବଚାଂଇବା ପାଇଁ ଏବଂ ରାଜନୈତିକ ସାହାରା ପାଇବାକୁ ଯ । ଇ କେତେବେଳେ 'ସିଜେପି' ତ କେତେବେଳେ 'ଇଣ୍ଡି' ମେଂଟ ପଛରେ ଗୋଡ଼ାଉଛି । ଲୋକସଭା ଓ ରାଜ୍ୟସଭାରେ ନିଜର ପ୍ରାସଙ୍ଗିକତା ହରାଇବା ପରେ ଓଡ଼ିଶାର ସ୍ୱାର୍ଥର ଦୁହାଇ ଦେବା ହେଉଛି କେବଳ 'ଚୋର ମୁହଁ ଟାଣ' ସଦୃଶ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ଓ ଇସ୍ତଫା ଦାବି କରୁଥିବା କଂଗ୍ରେସର ଦୋମୁହାଁ ନୀତି ଉପରେ ଶ୍ରୀ ତ୍ରିପାଠୀ କହିଛି ଯେ, ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ ଉଠାଉଥିବା କଂଗ୍ରେସ ନିଜ କଳା ଇତିହାସକୁ ମନେ ପକାଉ । ଦେଶରେ ଆଜି ପର୍ଯ୍ୟନ୍ତ ୧୦ ଥର ଏସ୍‌ଆଇଆର୍ ହୋଇଥିବା । ବେଳେ ସେଥିମଧ୍ୟରୁ ୯ ଥର କେବଳ କଂଗ୍ରେସ ଶାସନ କାଳରେ ହୋଇଛି । ଯେଉଁ କଂଗ୍ରେସ ନିରପେକ୍ଷତା ଓ ନୈତିକତାର ବଡ଼ ବଡ଼ ଭାଷଣ ଦେଉଛି, ସେହି କଂଗ୍ରେସ ହିଁ ନିର୍ବାଚନ କମିଶନରଙ୍କୁ ନିଜ ମନ୍ତ୍ରୀମଣ୍ଡଳରେ ସାମିଲ କରିଥିଲା ଏବଂ ନିର୍ବାଚନ କମିଶନରଙ୍କୁ ନେଇ ଶ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ବିରୋଧରେ ପ୍ରାର୍ଥୀ କରାଇଥିଲା । ତେଣୁ କଂଗ୍ରେସ ମୁହଁରେ ନୈତିକତାର କଥା ଆଦୌ ଶୋଭା ପାଉନାହିଁ । ନିର୍ବାଚନ ସମ୍ବନ୍ଧୀୟ ପ୍ରସଙ୍ଗ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ରେ ଶୁଣାଣି ଚାଲିଛି । ମାନ୍ୟବର ମୁଖ୍ୟ ବିଚାରପତି ମଧ୍ୟ ସ୍ପଷ୍ଟ କରିସାରିଛନ୍ତି ଯେ, ଏଥିରେ ସୁପ୍ରିମକୋର୍ଟ କୌଣସି ହସ୍ତକ୍ଷେପ କରିପାରିବେ ନାହିଁ । ପୂର୍ବରୁ ପଶ୍ଚିମବଙ୍ଗରେ ମଧ୍ୟ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଆର୍ ହୋଇଥିଲା, କିନ୍ତୁ ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ କୌଣସି ପ୍ରକାର ତ୍ରୁଟି ସାମ୍ନାକୁ ଆସିନଥିଲା । ଯଦି ବିରୋଧୀଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଅଛି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ କାହାର ନାମ କଟାଯାଇଛି, ତେବେ ତାହାକୁ ସାର୍ବଜନୀନ କରି ଗଣତାନ୍ତ୍ରିକ ତଥା ଆଇନଗତ ପ୍ରକ୍ରିୟାର ସାମ୍ନା କରନ୍ତୁ । କୌଣସି ପ୍ରମାଣ ନ ଥାଇ କେବଳ ଗଣମାଧ୍ୟମରେ ବୟାନ ବାଜି କରିବା ବିରୋଧୀଙ୍କ ହତାଶାର ପ୍ରତୀକ । ଭାରତୀୟ ଜନତା ପାର୍ଟି ସର୍ବଦା ସମ୍ବିଧାନ, ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ନିରପେକ୍ଷ ଆଇନ ଶାସନରେ ବିଶ୍ୱାସ କରେ । ଦେଶ ତଥା ଓଡ଼ିଶାର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟ ବିଜେପି ସରକାରଙ୍କ ସହିତ ଅଛନ୍ତି ଏବଂ ବିଜେପି ନିଷ୍ଠାର ସହିତ ଜନସେବାରେ ନିଜକୁ ନିୟୋଜିତ ରଖିଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ସେବା ସଂକଳ୍ପ ଅଭିଯାନ ଅଧୀନରେ ଜିଲ୍ଲାସ୍ତରୀୟ ନାଟକ ଉତ୍ସବ ପାଳିତ

ଜଗତସିଂହପୁର, ୦୬/୧୦ (ଆ.ପ୍ର) : ସେବା ସଂକଳ୍ପ ଅଭିଯାନ - ୨୦୨୬ ଅବସରରେ ଜଗତସିଂହପୁର ସଦର ମହକୁମାସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ଜିଲ୍ଲା ସ୍ତରୀୟ ନାଟକ ଉତ୍ସବ ଆୟୋଜିତ ହୋଇଯାଇଅଛି । ଏହି ନାଟକ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ 'ନମୋ ସେବା ଗାଥା' ନାଟକ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ, ଜଗତସିଂହପୁର ଦ୍ୱାରା ପରିବେଷଣ କରାଯାଇଥିଲା । ଏହି ନାଟକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ଚ୍ଚନା ସିଂହ, ଅଧ୍ୟକ୍ଷା, ଜଗତସିଂହପୁର ପୌରପରିଷଦ ଏବଂ ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ନାଟକ ଉତ୍ସବରେ ତହସିଲଦାର, ଜଗତସିଂହପୁର, ଡେପୁଟି କଲେକ୍ଟର(ସଂସ୍ଥା), ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ତଥା ସାଧାରଣ ନାଗରିକ ଉପସ୍ଥିତ ଥିଲେ । ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କଳ୍ପତରୁ ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟରେ ସେବା ସଙ୍କଳ୍ପ ଅଭିଯାନ, ପଥପ୍ରାନ୍ତ ନାଟକରେ ସଚେତନତା ବାର୍ତ୍ତା

ବାସୁଦେବପୁର, ୦୬/୧୦ (ଆ.ପ୍ର) : ସମାଜରେ ସଚେତନତା ସୃଷ୍ଟି ପାଇଁ ଆରମ୍ଭ ହୋଇଛି ସେବା ସଙ୍କଳ୍ପ ଅଭିଯାନ ୨୦୨୬ । ରାଜ୍ୟସରକାରଙ୍କ ନିର୍ଦ୍ଦେଶରେ ବାସୁଦେବପୁର ବଂଶୀପାଟଣାସ୍ଥିତ କଳ୍ପତରୁ ସଂସ୍କୃତ ଡିଗ୍ରୀମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଛି ପଥପ୍ରାନ୍ତ ନାଟକ । ନିଶାମୁକ୍ତ ସମାଜ, ଯୌତୁକ ନିବାରଣ ଏବଂ ଯୁବପିଢ଼ିକୁ ସଚେତନ କରିବା ଥିଲା ଏହି ନାଟକର ମୁଖ୍ୟ ଉଦ୍ଦେଶ୍ୟ । ରାସ୍ତାକଡ଼ରେ ଜମିଲା ଭିଡ଼...ଆଉ ଭିଡ଼ ଭିତରେ ଗୁଞ୍ଜିଲା ସଚେତନତାର ସ୍ୱର । ବାସୁଦେବପୁର ପୌରପାଳିକା ବଂଶୀପାଟଣାସ୍ଥିତ କଳ୍ପତରୁ ସଂସ୍କୃତ ଡିଗ୍ରୀମହାବିଦ୍ୟାଳୟ ପକ୍ଷରୁ ସେବା ସଙ୍କଳ୍ପ ଅଭିଯାନ ୨୦୨୬ ଅବସରରେ ଆୟୋଜିତ ହୋଇଥିଲା ପଥପ୍ରାନ୍ତ ନାଟକ । ଛାତ୍ରଛାତ୍ରୀମାନେ ନାଟକ ମାଧ୍ୟମରେ ସମାଜର ଅନେକ ଜ୍ୱଳନ୍ତ ସମସ୍ୟାକୁ ଲୋକଙ୍କ ସାମ୍ନାକୁ ଆଣିଥିଲେ ।ନିଶା ଆଜି ଯୁବପିଢ଼ିକୁ ବିପଥଗାମୀ କରୁଛି । ନିଶା କବଳରୁ ଯୁବପିଢ଼ିକୁ ଦୂରେଇ ରଖିବା ସହ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ଦେଇଥିଲେ ଛାତ୍ରଛାତ୍ରୀ । ସେହିପରି ଯୌତୁକ ପ୍ରଥା ଭଳି ସାମାଜିକ ବ୍ୟାଧି ବିରୋଧରେ ମଧ୍ୟ ନାଟକ ମାଧ୍ୟମରେ ଦିଆଯାଇଥିଲା ଦୃଢ଼ ସଚେତନତା ବାର୍ତ୍ତା । । କେବଳ ଅଭିନୟ ନୁହେଁ...ନାଟକର ପ୍ରତିଟି ସଂଳାପରେ ଥିଲା ସମାଜ ପରିବର୍ତ୍ତନର ଆହ୍ୱାନ । ଯୁବପିଢ଼ି ଆଗକୁ ଆସିଲେ ହିଁ ସମାଜରୁ ନିଶା, ଯୌତୁକ ଭଳି କୁପ୍ରଥା ଦୂର ହୋଇପାରିବ ବୋଲି ଦିଆଯାଇଥିଲା ବାର୍ତ୍ତା । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀଙ୍କ ଉପସ୍ଥିତିରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଭୋଇ, ଶ୍ରୀଲତା ମହାକୁଡ଼, ଦେବେନ୍ଦ୍ର କୁମାର ମହାନ୍ତି, ଜସ୍ମାରାଣୀ ନାୟକଛାତ୍ର ଓ ଛାତ୍ରୀ ମାନଙ୍କୁ ନାଟକ ପାଇଁ ସଂଳାପିକ କରାଇଥିଲେ, ସଞ୍ଜୟ କୁମାର ପ୍ରଧାନ, ପ୍ରମିଳା ଅଗସ୍ତି, ନୀଳାମ୍ବର ଦୀକ୍ଷିତ, ଭରତ କୁମାର ମହାନ୍ତି, ଶ୍ରଦ୍ଧାଞ୍ଜଳୀ ପାଣିଗ୍ରାହୀଙ୍କ ସମେତ ବହୁ ଅଧ୍ୟାପକ-ଅଧ୍ୟାପିକା ଯୋଗଦେଇଥିଲେ ସଚେତନତା ପାଇଁ ମଂଚ ଦରକାର ନାହିଁ...ସମାଜର ଗଳିକନ୍ଦିରେ ପହଂଚିଲେ ହିଁ ବଦଳିବ ଚିନ୍ତାଧାରା । ଆଉ ଏହି ଲକ୍ଷ୍ୟ ନେଇ କଳ୍ପତରୁ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଏହି ପ୍ରୟାସ ସେବା ସଙ୍କଳ୍ପ ଅଭିଯାନକୁ ଦେଇଛି ଏକ ନୂଆ ବାର୍ତ୍ତା ।

ରାଇକିଆ ସୁଧାକିରଣ କଲେଜରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ



ଟିକାବାଲି, ୦୬/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ସୁଧା କିରଣ କଲେଜରେ ଦ୍ୱିତୀୟ ବର୍ଷ ଯୁକ୍ତ ଦୁଇ ଛାତ୍ର ଛାତ୍ରୀଙ୍କ ଅଭିଭାବକଙ୍କୁ ନେଇ ଅଭିଭାବକ ସମ୍ମିଳନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ଛାତ୍ରୀଙ୍କ ସମସ୍ୟା ଆଗାମୀ ପରୀକ୍ଷା କିପରି ଭଲ କରିବେ ଏବଂ ନିଜର ଜୀବନ ଯାତ୍ରାକୁ କି ପରି ଆଗକୁ ଗଢ଼ିବାରେ ସକ୍ଷମ ହେବେ ଆଲୋଚନା ହୋଇଥିଲା । କଲେଜର ପାଠ ପଢ଼ାନେଇ ଅଭିଭାବକ ମାନେ ନିଜ ମନରେ ସନ୍ତୋଷ ପ୍ରକାଶ କରିଥିଲେ । ଯୁକ୍ତ ଦୁଇ ଅଧ୍ୟକ୍ଷ ଡ଼ଃ. ଶ୍ୟାମ ସୁନ୍ଦର ଢ଼ାଙ୍ଗୁଆ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିବା ବେଳେ ଅଧ୍ୟାପକ ଧର୍ମେନ୍ଦ୍ର ଦିଗାଲ, ଆଲୋକ ପରିଛା, ନିଳାଂଚଳ ସାହୁ, ଅଧ୍ୟାପିକା ଜି ଗ୍ୟାନପ୍ରଭା ମଂଚାସୀନ ରହିଆଲୋଚନରେ ଭାଗ ନେଇଥିଲେ । ଅଧ୍ୟାପକ ଡ଼. ସନ୍ତୋଷ ନାୟକ ବହୁତ୍ ଅଭିଭାବକ ଏହି ସମ୍ମିଳନୀରେ ଯୋଗଦେଇ ନିଜ ପିଲାଙ୍କ ସୁବିଧା, ଅସୁବିଧା ଜଣାଇ ନିଜ ନିଜର ମତାମତ ରଖିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ଆଗାମୀ ସମ୍ମିଳନୀରେ ଆହୁରି ଅଧିକ ଯୋଗଦେଇ ମତାମତ ରଖିବା ପାଇଁ ଅନୁରୋଧ କରିଥିଲେ ।

ଧୋଡ୍ରାରା ମଣ୍ଡଳର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଝରିଗାଁ, ୦୬/୧୦ (ଆ.ପ୍ର) : ଝରିଗାଁ ଧୋଡ୍ରାରା ମଣ୍ଡଳ ଭାରତୀୟ ଜନତା ପାର୍ଟି (ବିଜେପି)ର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଛି । ଝରିଗାଁ ବିଧାୟକ ନରସିଂହ ଭତରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଧୋଡ୍ରାରା ମଣ୍ଡଳ ସଭାପତି ଭୁଜବଳ ଗୌଡ଼ଙ୍କ ନେତୃତ୍ୱରେ ବିଜେଡି ଓ କଂଗ୍ରେସ ଦଳର ବହୁ କର୍ମୀ ବିଜେପିରେ ସାମିଲ ହୋଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ତଥା କଲ୍ୟାଣମୂଳକ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନହିତକାରୀ କାର୍ଯ୍ୟକଳାପରେ ଆକୃଷ୍ଟ ହୋଇ ସେମାନେ ବିଜେପିରେ ଯୋଗଦେଇଥିବା କହିଥିଲେ । କାର୍ଯ୍ୟକ୍ରମରେ ଓ୍ୱାର୍ଡ ସଭ୍ୟ ବକ୍ର ମାଝୀ, ଶୁକମନ ଭତରା, ନକୁଳ ଭତରା, ଖଗପତି ମାଝୀ, ଦମ୍ବରୁଧର ଭତରା, ଯୁଗ ପୂଜାରୀ, ମାନସିଂ ଭତରା ଓ ପ୍ରଦୀପ ମଣ୍ଡଳଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ବୈଠକରେ ମଣ୍ଡଳସ୍ତରରେ ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ସକ୍ରିୟ କରିବା, ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ମଜବୁତ କରିବା ଏବଂ ଜନସେବାକୁ ଅଧିକ ପ୍ରଭାବଶାଳୀ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ବିଧାୟକ ନରସିଂହ ଭତରା ସାଙ୍ଗଠନିକ କାର୍ଯ୍ୟକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବା ସହ ଲୋକଙ୍କ ସେବାରେ ନିରନ୍ତର ଭାବେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ସଭାପତି ଭୁଜବଳ ଗୌଡ଼ଙ୍କ ସମେତ ବରିଷ୍ଠ ଦଳୀୟ ନେତା, କାର୍ଯ୍ୟକର୍ତ୍ତା ଓ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଉଦ୍ୟମିତା ତଥା ନବସୃଜନ ସଚେତନତା କାର୍ଯ୍ୟକ୍ରମ



ଖଲ୍ଲିକୋଟ, ୦୬/୧୦ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଉଦ୍ୟମିତା ବିକାଶ ତଥା ନବସୃଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ ପୌରୋହିତ୍ୟ କରିବା ସହ ନିଜ ଅଭିଭାଷଣରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭାର ଅଭାବ ନାହିଁ ସେମାନଙ୍କୁ କେବଳ ଉଚିତ ମାର୍ଗଦର୍ଶନର ଆବଶ୍ୟକତା ରହିଥିବା କଥା ଉଲ୍ଲେଖ କରିବା ସହ ଏଭଳି କାର୍ଯ୍ୟକ୍ରମ ବେଶ ଉପାଦେୟ ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ ।ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ନାତକୋତର ପରିଷଦ ଅଧ୍ୟକ୍ଷା ଡ. ଉଷାରାଣୀ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପୂର୍ବରୁ ଆମ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଉଦ୍ୟମିତା ବିକାଶ ନିମନ୍ତେ ପାଇଥିବା ପ୍ରୋତ୍ସାହନ ରାଶି ସମ୍ପର୍କରେ ଉଲ୍ଲେଖ କରିଥିଲେ କ୍ଷତିବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଏବଂ ବିପଣନ ସମିତିର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜ ଗୋପାଳ ଦାଶ ନିଜ ବକ୍ତବ୍ୟରେ ଷ୍ଟାର୍ଟଅପ୍ ତଥା ଉଦ୍ୟମିତାର ବ୍ୟାଖ୍ୟା କରିବା ସହ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସମନ୍ୱୟ ରଖିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଏହା ସହ ଗଞ୍ଜାମ ଜିଲ୍ଲାରେ ସ୍ଥଳର ଉତ୍ପାଦ ଗୁଡ଼ିକୁ ନେଇ ନୂତନ ଉଦ୍ୟୋଗ ଆରମ୍ଭ କରିବା ସହ ଏହାର ବଜାର ସୃଷ୍ଟି କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମଂଚାସୀନ ଅନ୍ୟତମ ବିଷୟ ବିଶେଷଜ୍ଞ ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଅନେକ ନୂତନ ଧାରଣା ଉନ୍ମୋଚନ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗ ଆରମ୍ଭ କରିବା ନିମନ୍ତେ ମାର୍ଗଦର୍ଶନ କରିଥିଲେ । ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଆଇକ୍ୟୁଏସିର ସଂଯୋଜକ ତଥା ଉପ କୁଳସଚିବ ଡ. ଗୌତମ ସାବତ । କାର୍ଯ୍ୟକ୍ରମ ଅବସରରେ ଦୁଇ ଯୁବ ଉଦ୍ୟୋଗୀ ପ୍ରଜ୍ଞାଞ୍ଜଳି ପଟ୍ଟନାୟକ ଓ ଆରୋ ମୋଟର୍ସର ଏ. ରୋଶନ ନିଜ ନିଜର ଉଦ୍ୟମିତା ଅଭିଜ୍ଞତାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଂଟି ଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁଶୀଲ କୁମାର ରାଠୋର ଧନ୍ୟବାଦ ଅର୍ପଣ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରବଳ ଉତ୍ସାହରେ ଯୋଗ ଦେଇଥିଲେ ।

ଜରାଜୀର୍ଣ୍ଣ ଅବସ୍ଥାରେ ଅବସରପ୍ରାପ୍ତ ସରକାରୀ ସଂଘ ଗୃହ

ଯାଜପୁର, ୦୬/୧୦ (ଆ.ପ୍ର) : କଥାରେ ଅଛି ସରକାର କା ମାଲ, ଦରିଆ ମେ ଡାଲ୍ । ଏପରି ଅବସ୍ଥାରେ ଦେଖିବାକୁ ମିଳିଛି ଯାଜପୁର ସହର ଜିଲ୍ଲା ପ୍ରଶାସନ ଅଫିସ ମଧ୍ୟରେ ଥିବା ଅବସରପ୍ରାପ୍ତ ସରକାରୀ ସଂଘ ଗୃହଟି । ଯାହା ଦେଖିବାକୁ ମିଳେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଏଠାରେ ଜମାରୁ କାର୍ଯ୍ୟକାରୀ ହେଉନାହିଁ । ସରକାରୀ ଚାକିରିରୁ ଅବସର ପରେ ନିଜର ସମୟ ଅବଲମ୍ବନ କରିବା ସହିତ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଗୃହଟି ନିର୍ମାଣ କରାଯାଇଥିଲା । ହେଲେ କଣ ହେବ ଏହା ବର୍ତ୍ତମାନ ଭୂତକୋଠି ପାଲଟି ବା ସହିତ ବିଭିନ୍ନ ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏପରି ଏକ ଅଳିଆ ଆବର୍ଜ୍ଜନା ଜମା ହୋଇ ରହିଥିବା ବେଳେ, ସରକାରୀ ବାବୁମାନଙ୍କର କିପରି ନଜର ପଡୁନାହିଁ । ପରିବେଶକୁ ନଷ୍ଟ କରିବା ସହ ବାୟୁମଣ୍ଡଳ ଦୂଷିତ କରୁଛି ଏପରି ଅଳିଆ ଆବର୍ଜ୍ଜନା । ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଅବସରପ୍ରାପ୍ତ ସରକାରୀ ସଂଘ ପକ୍ଷରୁ ଦାବି କରିଛନ୍ତି ।

ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ

ଭବାନୀପାଟଣା, ୦୬/୧୦ (ଆ.ପ୍ର) : ଦୁଇଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା । ଜିଲ୍ଲାରେ ପହଂଚିବା ପରେ ପ୍ରଥମେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାରେ ମୃତ୍ତିକା ଓ ଜଳ ସଂରକ୍ଷଣ ସହିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା ।ସମୀକ୍ଷା ପରେ ଶ୍ରୀ ପଣ୍ଡା ଲାଞ୍ଜିଗଡ଼ ବ୍ଲକ ଅଂଚଳ ପରିଦର୍ଶନ କରିଥିଲେ । ସେଠାରେ ଜଳଧାରା ଯୋଜନା ମାଧ୍ୟମରେ ନିର୍ମିତ କ୍ଷେତ ପୋଖରୀଗୁଡ଼ିକର କାର୍ଯ୍ୟକାରିତା ବୁଲି ଦେଖିବା ସହ ଏହାର ଉପଯୋଗିତା ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ପୋଖରୀ ହୁଡ଼ାରେ ପଇଡ଼ ଚାରା ରୋପଣ କରିଥିଲେ ।ଏହି ଅବସରରେ ସ୍ଥାନୀୟ ଚାଷୀ ଅନନ୍ତ ବେହେରା ଓ ଲଳିତ ବେହେରାଙ୍କୁ ସମନ୍ୱିତ କୃଷି ପଦ୍ଧତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଭାବେ ବୁଝାଇଥିଲେ । କୃଷି ସହ ଜଳ ଓ ମୃତ୍ତିକା ସଂରକ୍ଷଣକୁ ଯୋଡ଼ି ଚାଷୀମାନଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗସ୍ତର ଦ୍ୱିତୀୟ ଦିନରେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଥୁଆମୂଳ ରାମପୁର ବ୍ଲକର କାଣୀଗୁଣା ଓ ଦୁଦୁକାଗୁଡ଼ା ଗାଁ ପରିଦର୍ଶନ କରିଥିଲେ । ଏଠାରେ କାର୍ଯ୍ୟକାରୀ ହୋଇଥିବା କଫି ବଗିଚା ପରିଦର୍ଶନ କରିବା ସହ କଫି ଚାଷର ଅଗ୍ରଗତି ଓ ଚାଷୀମାନଙ୍କ ଲାଭ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ଜୟପାଟଣା ବ୍ଲକରେ ପହଂଚି ପ୍ରଧାନମନ୍ତ୍ରୀ କୃଷି ସିଂଚନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ପ୍ରକଳ୍ପଗୁଡ଼ିକର ସ୍ଥିତି, ଚାଷୀମାନଙ୍କୁ ମିଳୁଥିବା ସୁବିଧା ଓ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କଠାରୁ ସୂଚନା ନେଇଥିଲେ । ମୃତ୍ତିକା ଓ ଜଳ ସଂରକ୍ଷଣ ସହ ଆଧୁନିକ ଓ ସମନ୍ୱିତ କୃଷି ପଦ୍ଧତି ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି ଏବଂ ଜଳସେଚନ ସୁବିଧାକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଗସ୍ତ ସମୟରେ ଗୁରୁତ୍ୱ ଦିଆଯାଇଥିଲା ।

୪ ବର୍ଷରେ ବି ନଳକୂପ ଠିକ୍ ହେଲାନି, ଅବହେଳା ସ୍ୱୀକାର କଲେ ସହକାରୀ ଯନ୍ତ୍ରୀ

ଲକ୍ଷ୍ମଣେଶ୍ୱର, ୦୬/୧୦ (ଆ.ପ୍ର) : ଗ୍ରାମାଂଚଳରେ ସୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ବାଲିଆପାଳ ବ୍ଲକର ବାଲିକୁଟି ପଂଚାୟତ ଦକ୍ଷିଣ ମହାବଳା ଗ୍ରାମର ମହାନ୍ତି ସାହିରେ ଦୀର୍ଘ ୪ ବର୍ଷ ଧରି ଏକ ନଳକୂପ ଅଚଳ ହୋଇ ପଡିଛି । ନଳକୂପରୁ ଆଇରନ ମିଶା ଗୋଳିଆ ପାଣି ବାହାରୁଥିବା ସହ ଏହାର ବିଭିନ୍ନ ସ୍ଥାନରେ କ୍ଷତ ଥିବାରୁ ସରୀସୃପ ପଶିବାର ଆଶଙ୍କା ରହିଛି । ଏହି ନଳକୂପ ଉପରେ ନିର୍ଭରଶୀଳ ପ୍ରାୟ ୧୫ ପରିବାର ଏବେ ୫୦୦ ମିଟରରୁ ୧ କିଲୋମିଟର ଦୂରରୁ ପାଣି ଆଣୁଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସମସ୍ୟାର ସମାଧାନ ପ । ଇ ସରପଂଚଙ୍କଠାରୁ ଆରମ୍ଭ କରି ବସୁଧା ସହାୟତା ନମ୍ବର ୧୯୧୬ ଓ 'ଆମ ସାଥୀ' ଆପ୍‌ରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ନଳକୂପ ମରାମତି ହୋଇନାହିଁ । ଅଭିଯୋଗଗୁଡ଼ିକୁ ବନ୍ଦ କରିଦିଆ ଯାଉଥିବା ମଧ୍ୟ ଅଭିଯୋଗ ହୋଇଛି । ଏନେଇ ବାଲିଆପାଳ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂଗଠନର ସହକାରୀ ଯନ୍ତ୍ରୀ ପଙ୍କଜ କୁମାର ତ୍ରିପାଠୀଙ୍କୁ ପଚାରିବାରୁ, ସେ ଦାୟିତ୍ୱହୀନତାକୁ ସ୍ୱୀକାର କରିବା ସହ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୯ ବର୍ଷ ମଧ୍ୟ ଲାଗିପାରେ ବୋଲି କହିଥିବା ଅଭିଯୋଗ ହୋଇଛି । ପାଣ୍ଠି ଅଭାବ ନେଇ ସେ ସରକାରଙ୍କ ଉପରେ ମଧ୍ୟ ଦୋଷ ଲଦିଥିବା ଜଣାପଡିଛି । କେବଳ ମହାବଳା ନୁହେଁ, ବାଲିଆପାଳ ବ୍ଲକର କୁଣ୍ଡୁଳି, ନିମପଦା, ଦାଣ୍ଡିପଦା ଆଦିବାସୀ ସାହି ଓ ରେମୁ ଭଳି ଅନ୍ୟାନ୍ୟ ଅଂଚଳରେ ମଧ୍ୟ ପାନୀୟ ଜଳ ସମସ୍ୟା ଥିବା ଅଭିଯୋଗ ହୋଇଛି । କୁଣ୍ଡୁଳି ଗ୍ରାମର ସଚେତନ ଯୁବକ ମନୋଜ କୁମାର ବେହେରା ଏବଂ ରେମୁ ଗ୍ରାମର ଜିତେନ୍ଦ୍ର ବିଶ୍ୱାଳ ନିଜ ଅଂଚଳର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଫଳ ଶୂନ ବୋଲି ଅଭିଯୋଗ କରିଛନ୍ତି । ଏହାକୁ ନେଇ ପ୍ରଶାସନର କାର୍ଯ୍ୟଦକ୍ଷତା ଏବଂ ସରକାରଙ୍କ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି । ସମସ୍ୟା ସମ୍ପର୍କରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଂଚାୟତିରାଜ ବିଭାଗର ସଚିବ, ବାଲେଶ୍ୱର ଜିଲ୍ଲାପାଳ ଓ ବାଲିଆପାଳ ବିଡିଓଙ୍କୁ 'ଏକ୍ସ' ମାଧ୍ୟମରେ ଅଡିଓ ସହ ଅବଗତ କରାଇଛନ୍ତି । ତେବେ ୪ ବର୍ଷ ଧରି ଅଚଳ ନଳକୂପ କେବେ ଠିକ୍ ହେବ ? ଲୋକଙ୍କୁ ଆଉ କେତେ ବର୍ଷ ପାଣି ପାଇଁ ଅପେକ୍ଷା କରିବାକୁ ପଡିବ-ଏହା ଏବେ ବଡ଼ ପ୍ରଶ୍ନ ।

କାଳିଆଖିଆ ଗ୍ରାମରେ ମା' ମନସା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖଇରାପଦା, ୦୬/୧୦ (ଆ.ପ୍ର) : ବାଲିଆପାଳ ବ୍ଲକ ବେତଗଡ଼ିଆ ପଂଚାୟତ ଅଧିନସ୍ଥ କାଳିଆଖିଆ ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ନିର୍ମିତ ମା' ମନସା ଦେବୀଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଉଦଘାଟକ ଭାବେ ବସ୍ତାର ବିଧାୟିକା ସୁବାସିନୀ ଜେନା ଯୋଗଦେଇ ମାଆଙ୍କ ମନ୍ଦିରର ଶୁଭ ଉଦଘାଟନ କରିଥିଲେ । ମା' ମନସା ଦେବୀଙ୍କ ଆଶୀର୍ବାଦ ଭିକ୍ଷା କରି ବିଧାୟିକା ଶ୍ରୀମତୀ ଜେନା ଅଂଚଳବାସୀଙ୍କର ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ । ମାଆ ମନସା ଦେବୀଙ୍କ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ ଏବଂ ହରି ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବେତଗଡ଼ିଆ ପଂଚାୟତର ସରପଂଚ ସୁମିତ୍ରା ଗିରି, ସନ୍ତୋଷ କୁମାର ଗିରି,ଜୀବନ କୃଷ୍ଣ ନାୟକ, ମନ୍ମଥ ପାଣି, ଯତୀନ୍ଦ୍ର ଗିରି, ବଳରାମ ଆଦକ, ଲକ୍ଷ୍ମଣ ପଡିହ୍ରା, ଅନନ୍ତ ଗିରି, ସୁଧୀର ପାଡ଼ିଆରୀ, ଯୁଧିଷ୍ଠିର ଗିରି, ଜଗନ୍ନାଥ ସାହୁ,ଅନିଲ କୁମାର ପାତ୍ର, ଗୋପାଳ ଚନ୍ଦ୍ର ଦାସ, ଲିଙ୍ଗରାଜ ଗିରି, ବିଜୟ ଦାସ, ମୁରାରୀ ମୋହନ ଗିରି, ଜୟନ୍ତ ଆଦକ, ଜଗନ୍ନାଥ ମାଝୀ, ହରିଶଙ୍କର ଦତ,ଜୟାନନ୍ଦ ପାତ୍ର, ଶକ୍ତିପଦ ଗିରି, ସରସ୍ୱତୀ ଗିରି, ପ୍ରଶାନ୍ତ କାମିଲା ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । କାଳିଆଖିଆ ଗ୍ରାମର ସମସ୍ତ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ ।

ପୁନର୍ଗଠିତ ହେଲା ଓୟୁଜେର ବାଲେଶ୍ୱର ଜିଲ୍ଲା ଶାଖା

ଗଙ୍ଗାଧର ରାଉତ ସଭାପତି ବିବେକାନନ୍ଦ ଦାସ ସମ୍ପାଦକ ଓ ସୁରେଶ ଚନ୍ଦ୍ର ଦାସ କୋଷାଧକ୍ଷ ମନୋନୀତ

ଗଙ୍ଗାଧର ରାଉତ · ବିବେକାନନ୍ଦ ଦାସ · ସୁରେଶ ଚନ୍ଦ୍ର ଦାସ

ବାଲେଶ୍ୱର, ୦୬/୧୦ (ଆ.ପ୍ର) : ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ବାଲେଶ୍ୱର ଜିଲ୍ଲା ଶାଖାର ଦ୍ୱିବାର୍ଷିକ ସମ୍ମିଳନୀରେ ନୂତନ କର୍ମକର୍ତ୍ତା ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ କରାଯାଇଛି । ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଚୟନ କମିଟିରେ ଏହି ନିଷ୍ପତି ନିଆଯାଇଛି । ଏହି କମିଟିରେ ପରାମର୍ଶ ଦାତା ଭାବେ ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ଚନ୍ଦ୍ରମୋହନ ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ଅଜିତ କୁମାର ମହାନ୍ତି ସୁକାନ୍ତ ବିଦ୍ୟାଣୀ ରହିଛନ୍ତି । ନୂତନ କମିଟିରେ ଗଙ୍ଗାଧର ରାଉତଙ୍କୁ ସଭାପତି, ବିବେକାନନ୍ଦ ଦାସଙ୍କୁ ସାଧାରଣ ସମ୍ପାଦକ ଓ କୋଷାଧକ୍ଷ ଭାବେ ସୁରେଶ ଚନ୍ଦ୍ର ଦାସଙ୍କୁ ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ କରାଯାଇଛି । ସେହିପରି ନୂତନ କମିଟିରେ ଉପସଭାପତି ଭାବେ ଉତ୍କଳ ବନ୍ଧୁ ପଣ୍ଡା, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ସମ୍ପାଦକ ଭାବରେ ତପୋଧନ ବାରିକ, ନନ୍ଦକିଶୋର ସାହୁ, ଲକ୍ଷ୍ମୀଧର ବାରିକ, ରବିରଞ୍ଜନ ତ୍ରିପାଠୀ, ସୋମନାଥ ସାହୁ ମନୋନୀତ ହୋଇଥିବା ବେଳେ ବ୍ଲକ ସଂଯୋଜକ ଭାବେ ସୋରରୁ ସୁଶାନ୍ତ କୁମାର ବେହେରା, ରମାକାନ୍ତ ପଣ୍ଡା, ବାହାନଗାରୁ ଜୟଦେବ ଆଚାର୍ଯ୍ୟ, ସିମୁଳିଆରୁ ଗଦାଧର ଜେନା, ରେମୁଣାରୁ ଲକ୍ଷ୍ମୀଧର ଗଣ, ବାଲିଆପାଳରୁ ରାଜଶ୍ରୀ ପାଣିଗ୍ରାହୀ, ବାଲେଶ୍ୱରରୁ ମହେଶ୍ୱର ପ୍ରଧାନ, ଖଇରା ପାଇଁ ଉମେଶ ଚନ୍ଦ୍ର ଜେନା ଓ ସଞ୍ଜୟ କୁମାର ବେହେରା ରହିଛନ୍ତି । ସାଂଗଠନିକ ଦାୟିତ୍ୱ ଦୁଇ ଜଣ ଅଭିଜ୍ଞ ସଦସ୍ୟ ମଧୁସୂଦନ ଦାସ ଓ ଦୁପ୍ତିକାନ୍ତ ପାଢ଼ୀଙ୍କୁ ଦିଆଯାଇଥିବା ବେଳେ ୟୁନିଅନର ଶୃଙ୍ଖଳା କମିଟିରେ ଅଛନ୍ତି ଅରୂପ ଦାସ, କୈଳାସ ଚନ୍ଦ୍ର ଦାସ, ମନୋଜ ରାୟ, ସନ୍ତୋଷ କୁମାର ନାୟକ । ଜିଲ୍ଲାରେ ସଙ୍ଗଠନକୁ ଅଧିକ କ୍ରିୟାଶୀଳ, ଉତରଦାୟୀ ଓ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଜନତାଙ୍କ ପାଇଁ ପ୍ରତିଶ୍ରୁତି ବଦ୍ଧ କରେଇବାକୁ ସଦସ୍ୟ ମାନେ କାର୍ଯ୍ୟ କରିବା ଉପରେ ବରିଷ୍ଠ ସଦସ୍ୟମାନେ ଗୁରୁତ୍ୱ ଆରୋପ କରିଛନ୍ତି ।

ଆର୍‌ଆଣ୍ଡ୍‌ବି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଏକାଧିକ ଠିକଣାରେ ଭିଜିଲାନ୍ସ ଚଢ଼ାଉ

୨୦ ଦାମୀ ପ୍ଲଟ୍, ୫ ଏକର ଫାର୍ମହାଉସ୍ ଓ ୨.୭୭ ଲକ୍ଷ ଟଙ୍କା ନଗଦ ଠାବ

ବାଲେଶ୍ୱର, ୦୬/୧୦ (ଆ.ପ୍ର) : ଆୟ ବହିର୍ଭୂତ ସମ୍ପତି ଠୁଳ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ସୋମବାର ଆରଆଣ୍ଡବି ଡିଭିଜନ୍, ବାରିପଦା ଅଧୀନସ୍ଥ ବେତନଟୀ ଅରଆଣ୍ଡବି ସବ୍‌ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ସହ ସମ୍ପୃକ୍ତ ବାଲେଶ୍ୱର, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲ୍ଲାର ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି । ବାରିପଦାର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ମାନ୍ୟବର ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଂଟ୍ ବଳରେ ଏହି ତଲାସୀ ଚାଲିଛି । ଚଢ଼ାଉରେ ୫ ଜଣ ଡିଏସ୍‌ପି, ୮ ଜଣ ଇନ୍‌ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ହୋଇଛନ୍ତି । ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରର ଅଙ୍ଗାରଗଡ଼ିଆସ୍ଥିତ ତିନି ମହଲା ଘର, ଖୋର୍ଦ୍ଧାର ବାଲିଅନ୍ତାସ୍ଥିତ ଦୁଇ ମହଲା ଘର, ବେତନଟୀସ୍ଥିତ ତାଙ୍କ କାର୍ଯ୍ୟାଳୟ ଓ ବାସଭବନ, ଜଳେଶ୍ୱରର ରାୟଣ- ରାମଚନ୍ଦ୍ରପୁରସ୍ଥିତ ପୈ... ବାଲେଶ୍ୱରର ବସ... ଫାର୍ମହାଉସ୍, ବାମପଦା... ଏକ ଘର ସମେତ ତ... ସହଯୋଗୀଙ୍କ ଅଙ୍ଗା... ବୈଶିଙ୍ଗୀ ଓ ବାମପଦସ୍ଥିତ... ତଲାସୀ ଚାଲିଛି । ତଲାସୀ ବେଳେ ଏପର୍ଯ୍ୟନ୍ତ ଶ୍ରୀ ମହାନ୍ତି ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ବୋଲି କୁହାଯାଉଥିବା ଅନେକ ସମ୍ପତିର ସନ୍ଧାନ ମିଳିଛି । ଏଥିରେ ବାଲେଶ୍ୱର ଅଙ୍ଗାରଗଡ଼ିଆରେ ପ୍ରାୟ ୩,୫୦୦ ବର୍ଗଫୁଟ୍‌ର ତିନି ମହଲା କୋଠା ଏବଂ ଖୋର୍ଦ୍ଧା ବାଲିଅନ୍ତାରେ ପ୍ରାୟ ୧,୮୦୦ ବର୍ଗଫୁଟ୍‌ର ଦୁଇ ମହଲା କୋଠା ରହିଛି । ସେହିପରି ବାଲେଶ୍ୱର ଜିଲ୍ଲା ବସନ୍ତପୁରରେ ପ୍ରାୟ ୫ ଏକର ଜମିରେ ଥିବା ଫାର୍ମହାଉସ୍‌ର ସନ୍ଧାନ ମିଳିଛି । ଏହି ଫାର୍ମହାଉସ୍‌ରେ ଦୁଇଟି ମାଛ ପୋଖରୀ ଓ ପୋଲଟ୍ରି ଫାର୍ମ ଥିବା ଜଣାପଡ଼ିଛି । ଏହାବ୍ୟତୀତ ବାଲେଶ୍ୱର ସହର ଓ ଏହାର ଆଖପାଖ ଅଂଚଳରେ ୨୦ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି । କୋଠା, ଫାର୍ମହାଉସ୍ ଓ ପ୍ଲଟ୍‌ଗୁଡ଼ିକର ମାପ, ମୂଲ୍ୟାୟନ ଓ ଆକଳନ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ କରାଯାଉଛି । ତଲାସୀରୁ ଏପର୍ଯ୍ୟନ୍ତ ୨ ଲକ୍ଷ ୭୭ ହଜାର ଟଙ୍କା ନଗଦ, ଗୋଟିଏ ଚାରିଚକିଆ ଗାଡ଼ି ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଛି । ଏଥିସହ ଦୁଇଟି ଲକରର ସନ୍ଧାନ ମିଳିଛି । ସେଥିରୁ ଗୋଟିଏ ତାଙ୍କ ପତ୍ନୀଙ୍କ ନାମରେ ଏବଂ ଅନ୍ୟଟି ତାଙ୍କ ଜଣେ ସହଯୋଗୀଙ୍କ ନାମରେ ଥିବା ଜଣାପଡ଼ିଛି । ଉଭୟ ଲକର୍ ଏପର୍ଯ୍ୟନ୍ତ ଖୋଲା ଯାଇନାହିଁ । ବିଭିନ୍ନ ବ୍ୟାଙ୍କ ଜମା ଓ ଅନ୍ୟାନ୍ୟ ଆର୍ଥିକ ନିବେଶ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଉଛି । ୧୯୯୭ରେ ମାତ୍ର ୫ ହଜାର ଟଙ୍କା ଦରମାରେ ଜୁନିଅର ...ନିୟର ଭାବେ ଚାକିରି ଆରମ୍ଭ । ...ଲାନ୍ସ ପକ୍ଷରୁ ଜାରି ତାଙ୍କ ଚାକିରି ...ତ ତଥ୍ୟ ଅନୁଯାୟୀ, ଅରବିନ୍ଦ ...ନ୍ତିଙ୍କ ଜନ୍ମ ୨୮ ଡିସେମ୍ବର ...୬୬ । ସେ ୪ ଅଗଷ୍ଟ ...୯୭ରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍‌ରେ ଜେଇ (ଜେଆରୱାଇ) ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ । ସେତେବେଳେ ତାଙ୍କ ପ୍ରାରମ୍ଭିକ ମାସିକ ଦରମା ଥିଲା ୫,୦୦୦ ଟଙ୍କା । ୧୯୯୯ ଜାନୁଆରୀରେ ତାଙ୍କୁ ଇଡକୋ, ନବରଙ୍ଗପୁରରେ ଜେଇ ଭାବେ ବଦଳି କରାଯାଇଥିଲା । ସେଠାରେ ୨୦୦୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ୨୦୦୫ରୁ ୨୦୧୨ ପର୍ଯ୍ୟନ୍ତ ସେ ବାଲେଶ୍ୱର ଆରଡି ଡିଭିଜନ୍ ଅଧୀନ ବାହାନଗା ଓ ସୋରୋ ଆରଡି ସେକ୍ସନ୍‌ରେ ଜେଇ ଭାବେ କାର୍ଯ୍ୟ କରିଥିଲେ । ୨୦୧୩ରେ ସେ ଆସିଷ୍ଟାଂଟ ଇଞ୍ଜିନିୟର ଭାବେ ପଦୋନ୍ନତି ପାଇ ବାରିପଦା ଆରଡି ଡିଭିଜନ୍ ଅଧୀନ ବୋଇସିଙ୍ଗା ଆରଡି ସେକ୍ସନ୍‌ରେ ନିଯୁକ୍ତ ହୋଇଥିଲେ । ୨୦୨୦ରେ ତାଙ୍କୁ ଢେଙ୍କାନାଳ ଆରଡି ଡିଭିଜନ୍ ଅଧୀନ ମହିଧରପୁର ଆରଡି ସେକ୍ସନ୍‌କୁ ବଦଳି କରାଯାଇଥିଲା । ୨୦୨୨ରେ ସେ ପରିଜୋଇଲି ଆରଆଣ୍ଡବି ଡିଭିଜନ୍‌ରେ ଆସିଷ୍ଟାଂଟ ଇଞ୍ଜିନିୟର ଭାବେ ଯୋଗ ଦେଇଥିଲେ । ୨୦୨୩ରେ ଆସିଷ୍ଟାଂଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଭାବେ ପଦୋନ୍ନତି ପାଇଥିଲେ । ୨୦୨୫ ଜାନୁଆରୀରେ ତାଙ୍କୁ ବେତନଟୀ ଆର୍‌ଆଣ୍ଡ୍‌ବି ସବ୍‌ଡିଭିଜନ୍‌ରେ ଆସିଷ୍ଟାଂଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଭାବେ ବଦଳି କରାଯାଇଥିଲା । ଭିଜିଲାନ୍ସ ସୂଚନା ଅନୁଯାୟୀ, ୨୯ ସେପ୍ଟେମ୍ବର ୨୦୨୬ରେ ସେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଭାବେ ପଦୋନ୍ନତି ପାଇଛନ୍ତି ଏବଂ ବର୍ତମାନ ସେହି ପଦରେ କାର୍ଯ୍ୟରତ ଅଛନ୍ତି । ଭିଜିଲାନ୍ସର ତଲାସୀ ଅଭିଯାନ ଜାରି ରହିଛି । ସମସ୍ତ ସମ୍ପତିର ମୂଲ୍ୟାୟନ ଓ ଆର୍ଥିକ ନିବେଶର ଯାଂଚ ପରେ ଏହି ମାମଲାରେ ଆହୁରି ତଥ୍ୟ ସାମ୍ନାକୁ ଆସିବା ସମ୍ଭାବନା ରହିଛି ।

ପ୍ଲାଷ୍ଟିକ ଫ୍ୟାକ୍ଟ୍ରି ଭିତରେ ବନ୍ୟା ପାଣି

ଭୋଗରାଇ, ୦୬/୧୦ (ଆ.ପ୍ର) : ସୁବର୍ଣ୍ଣରେଖା ବନ୍ୟାରେ ଖାଲି ଯେ ସାଧାରଣ ଲୋକଙ୍କ ଜନ ଜୀବନ କି ଚାଷୀଙ୍କ ଜୀବିକା ନଷ୍ଟ ହୋଇଛି ତାହା ନୁହେଁ । ଛୋଟ ଛୋଟ ଉଦ୍ୟୋଗପତିଙ୍କ ବ୍ୟବସାୟ ମଧ୍ୟ ଠପ ହୋଇଛି । ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ଚାରି ଥର ବନ୍ୟା ଆସିବା ପରେ ସବୁ ବର୍ଗର ଲୋକେ ହଇରାଣ ହରକତ ହୋଇଛନ୍ତି । ତେବେ ନାଦୀରୁ ବନ୍ୟା ଛାଡ଼ିଛି ସତ କିନ୍ତୁ ବନ୍ୟା ପାଣି ନିଷ୍କାସନ ନ ହେବାରୁ ଏବେ ବି ବହୁ ଗାଁରେ ପାଣି ଜମି ରହିଛି । ତାହାରି ଭିତରେ ଏକ ପ୍ଲାଷ୍ଟିକ ପାଣି ଟାଙ୍କି ଫ୍ୟାକ୍ଟ୍ରି ଭିତରେ ପାଣି ଲହଡ଼ି ମାରୁଛି । ଯାହା ଫଳରେ ବନ୍ୟା ପାଣି ପଶି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ କଂଚାମାଲ ନଷ୍ଟ ହୋଇଛି । ଏଭଳି ଏକ ଚିତ୍ର ଆସିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କଟିସାହି ଗାଁରେ ଥିବା ସୋମ- ଇଂଟରନେସନାଲ ନାମକ ଏକ ପ୍ଲାଷ୍ଟିକ ପାଣି ଟାଙ୍କି ଫ୍ୟାକ୍ଟ୍ରିରେ । ଫ୍ୟାକ୍ଟ୍ରିରେ ହଠାତ ରାତାରାତି ପାଣି ପଶି କଂଚାମାଲ ସହ ଅନେକ ଜିନିଷ ପତ୍ର ଓ କିଛି ଯନ୍ତ୍ରାଂଶ ନଷ୍ଟ ହୋଇଛି । ଯାହାକୁ ନେଇ ଚିନ୍ତାରେ ଫ୍ୟାକ୍ଟ୍ରି ମାଲିକ ଓ ଶ୍ରମିକ । ଫ୍ୟାକ୍ଟ୍ରି ବନ୍ଦ ହୋଇ ପଡ଼ିଥିବାରୁ ତିଆରି ହୋଇଥିବା ଜିନିଷ ମଧ୍ୟ ବିକ୍ରି କରାଯାଇ ପାରୁନାହିଁ । ଯାହା ଫଳରେ କର୍ମଚାରୀ ମାନେ କାମ କରି ନ ପାରି ହାତ ବାନ୍ଧି ବସିଥିବା ବେଳେ ମାଲିକ ମଧ୍ୟ ଚିନ୍ତାରେ ଅଛନ୍ତି ।

ଓଡ଼ିଶା ବନ୍ଦକୁ ସମର୍ଥନ କରିବ ସିପିଆଇଏମ

ଭୋଗରାଇ, ୦୬/୧୦ (ଆ.ପ୍ର) : ବିଜେପିର ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ତ ରାଷ୍ଟ୍ରୀୟ ସମ୍ପତି ଗୁଡ଼ିକୁ କର୍ପୋରେଟ ହାତକୁ ଟେକି ଦେଇଛି । ଯାହା ଫଳରେ କେନ୍ଦ୍ର ସରକାର ସମସ୍ତ ରାଜସ୍ୱକୁ ନେଇ ସ୍ୱଳ୍ପ ଅଂଶ ରାଜ୍ୟକୁ ଦେବ । ଏଥିପାଇଁ ଓଡିଶାର ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି ହେବା ସହିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ । ସେହିପରି ଏସଆଇଆର ନାମରେ ବହୁ ମତଦାତାଙ୍କ ନାମକୁ ଭୋଟର ତାଲିକାରୁ ବାଦଦେବା ସମ୍ବିଧାନ ବିରୋଧୀ, ଏଥିପାଇଁ ଜନଅସନ୍ତୋଷ ବୃଦ୍ଧି ପାଇଛି । ସେଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଗୁପ୍ତାଙ୍କ ଇସ୍ତଫା, ଓଡିଶାର ପାଠ୍ୟପୁସ୍ତକରେ ଥିବା ତ୍ରୁଟି ବର୍ତମାନ ସୁଦ୍ଧା ଠିକ ହୋଇ ନ ପାରିବା ଏବଂ ବିଶେଷ କରି ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ନଦେବା, କୃଷି ଋଣ ଛାଡ କରିବା ଇତ୍ୟାଦି ଦାବିରେ ଆସନ୍ତା ଅକ୍ଟୋବର ୮ ତାରିଖ ଇଣ୍ଡିଆ ମେଂଟ ପକ୍ଷରୁ ୧୨ ଘଂଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏହାକୁ ସଫଳ କରିବା ପାଇଁ ଆଜି ସିପିଆଇ (ଏମ) ଭୋଗରାଇ ଅଂଚଳିକ କମିଟି ପକ୍ଷରୁ ଥାନାଛକସ୍ଥିତ ପାର୍ଟି ଅଫିସରେ ବରିଷ୍ଠ ସିପିଆଇ (ଏମ) ନେତା ଅଧୀର ଗିରି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସିପିଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବାସ୍ମିମାନ ଆଚାର୍ଯ୍ୟ, ଭୋଗରାଇ ଅଂଚଳିକ କମିଟି ସମ୍ପାଦକ ବିଶ୍ୱଜିତ ଦାସ, କୃଷ୍ଣ ମୋହନ ପୁର୍ତ୍ତି, ଜଗନ୍ନାଥ ମାଇତି, ଶୁକଦେବ ସାହୁ, ରାଜେଶ ଦତ, ମୃତ୍ୟୁଞ୍ଜୟ ଦାସ, ଗୌରହରି ମହାନ୍ତି, ମମତାଜ ସାହା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

ଦୁର୍ଗାପୂଜା ଓ ଭସାଣି ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଜାରି କଲା କଟକଣା ଓ ଆଚରଣବିଧି

ବାଲେଶ୍ୱର, ୦୬/୧୦ (ଆ.ପ୍ର) : ଆଗାମୀ ୧୭ ଅକ୍ଟୋବରରୁ ଆରମ୍ଭ ହେବାକୁ ଥିବା ଶାରଦୀୟ ଦୁର୍ଗାପୂଜାକୁ ପାରମ୍ପରିକ ରୀତିନୀତି, ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଓ ଆଚରଣବିଧି ଜାରି କରାଯାଇଛି । ଏନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଗତ ୩ ଅକ୍ଟୋବର ଅପରାହ୍ଣରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପୂଜା ପାଇଁ ଆବଶ୍ୟକ ଅନୁମତି ଓ ଆପତିବିହୀନ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଆସନ୍ତା ୭ରୁ ୯ ଅକ୍ଟୋବର ପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରାଯିବ । ପ୍ରତିଦିନ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ୩୦ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲିବ । ଏଥିସହିତ ଶୋଭାଯାତ୍ରା ପାଇଁ ମଧ୍ୟ ପୂଜା କମିଟିଗୁଡ଼ିକୁ ଆବଶ୍ୟକ ଅନୁମତି ନେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଦୁର୍ଗା ମା'ଙ୍କ ବିସର୍ଜନ ପାଇଁ ୨୨ ଅକ୍ଟୋବର ତାରିଖ ଧାର୍ଯ୍ୟ କରାଯାଇଛି । ଭସାଣି ଉତ୍ସବ ସମୟରେ ମଦ୍ୟପାନ, ନିଶାଦ୍ରବ୍ୟର ବ୍ୟବହାର, ମାରଣାସ୍ତ୍ର ଓ ଲାଠି ନେବା ସହିତ ବାଣ ଓ ଆତସବାଜି ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି । ପୂଜା ଓ ଭସାଣି ସମୟରେ ଆଇନଶୃଙ୍ଖଳା ଏବଂ ଜନସୁରକ୍ଷା ଉପରେ ବିଶେଷ ନଜର ରଖାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟି, ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ ପ୍ରଶାସନ ସହ ସହଯୋଗ କରିବା ସହ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହିତ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପାଳନ ପାଇଁ ଆହ୍ୱାନ ଦିଆଯାଇଛି ।

ଭାରତୀୟ ଜ୍ଞାନ ପ୍ରଣାଳୀରେ ଧାତୁବିଜ୍ଞାନ ଉପରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୀଳଗିରି, ୦୬/୧୦ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ରସାୟନ ବିଭାଗ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ଆୟୋଜନରେ 'ଭାରତୀୟ ଜ୍ଞାନ ପ୍ରଣାଳୀରେ ଧାତୁବିଜ୍ଞାନ' ଶୀର୍ଷକ ପାଂଚଦିନିଆ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅକ୍ଟୋବର ୫ ତାରିଖରେ ଉଦ୍‌?ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମ ଅକ୍ଟୋବର ୯ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରି ଭାରତୀୟ ଜ୍ଞାନ ପ୍ରଣାଳୀ ସହ ଗବେଷଣା ଓ ଶିକ୍ଷାକୁ ଅଧିକ ସମୃଦ୍ଧ କରିବା ସହ ପାରମ୍ପରିକ ଜ୍ଞାନକୁ ଆଧୁନିକ ବୈଜ୍ଞାନିକ ଅନୁସନ୍ଧାନ ସହ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ୀ, ସ୍ୱାଗତ ଭାଷଣ ଦେବା ସହ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ଏବଂ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ତଥା ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରକୋଷ୍ଠର ନୋଡାଲ ଅଧିକାରୀ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ମଧ୍ୟ ଉଦ୍‌?ଘାଟନୀ ଅଧିବେଶନରେ ନିଜର ଅଭିମତ ରଖିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ଭାରତର ପାରମ୍ପରିକ ବୈଜ୍ଞାନିକ ଓ ବୈଷୟିକ ଜ୍ଞାନର ଅଧ୍ୟୟନର ଶିକ୍ଷାଗତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ପ୍ରଶିକ୍ଷଣରେ ୩୪ ଜଣ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରୁଛନ୍ତି । ପ୍ରାଚୀନ ଭାରତୀୟ ଧାତୁବିଜ୍ଞାନ, ପାରମ୍ପରିକ ଓ ଆଧୁନିକ ଧାତୁବିଜ୍ଞାନ, ଅଗ୍ନିଜାତ ଧାତୁ ପ୍ରକ୍ରିୟା, ପାରମ୍ପରିକ ଭାଟି ପ୍ରଯୁକ୍ତି, ଭୂତାତ୍ତ୍ୱିକ ମାନଚିତ୍ରଣ, ପାରମ୍ପରିକ ଖଣି ଖନନ, ଧାତୁ ଖଣିଜ ଉତୋଳନ, ପଂଚଧାତୁ ମିଶ୍ରଧାତୁ, ଇସ୍ପାତ ପ୍ରଯୁକ୍ତି, ଧାତୁ ବିଶୋଧନ, ଜଳୀୟ ଧାତୁ ପ୍ରକ୍ରିୟାକରଣ ଓ ଧାତୁର ସ୍ଥାୟୀ ପୁନଃଚକ୍ରଣ ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଉଛି । ପ୍ରଶିକ୍ଷଣର ଅଂଶ ଭାବେ ବ୍ୟବହାରିକ ଅଧିବେଶନ, ପରୀକ୍ଷାଗାର ପରୀକ୍ଷଣ, କ୍ଷେତ୍ର ପରିଦର୍ଶନ ଓ ଅଂଶଗ୍ରହଣକାରୀଙ୍କ ପ୍ରକଳ୍ପ ଉପସ୍ଥାପନା ଆୟୋଜିତ ହେବ । ଆଇଆଇଟି ଭୁବନେଶ୍ୱର, ସିଏସଆଇଆର-ଆଇଏମଏମଟି ଭୁବନେଶ୍ୱର, ଆଇଆଇଟି (ଆଇଏସଏମ୍) ଧାନବାଦ, ଆଇଆଇଟି ଖଡ଼୍‌ଗପୁର ଏବଂ ସିଏସଆଇଆର-ସିଇସିଆରଆଇ, ତାମିଲନାଡୁ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ବିଶେଷଜ୍ଞମାନେ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଧାତୁବିଜ୍ଞାନର ବିଭିନ୍ନ ଦିଗ ଉପରେ ଜ୍ଞାନ ଓ ଅଭିଜ୍ଞତା ବାଂଟିବେ । ଅଧ୍ୟାପକମାନଙ୍କ ଦକ୍ଷତା ବିକାଶ, ଆନ୍ତଃବିଷୟକ ଗବେଷଣା ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀକୁ ଆଧୁନିକ ଉଚ୍ଚଶିକ୍ଷା ଓ ବୈଜ୍ଞାନିକ ଅଗ୍ରଗତି ସହ ସମନ୍ୱିତ କରିବା ଦିଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶେଷ ସହାୟକ ହୋଇପାରିବା ନେଇ ଆଶାପୋଷଣ କରାଯାଇଛି ।

ଛାତ୍ର ସଂସଦ ନିର୍ବାଚନ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଲା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୬/୧୦ (ଆ.ପ୍ର) : ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଗାମୀ ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶ ମଧ୍ୟରେ ସୁଚାରୁ ଭାବେ ପରିଚାଳନା କରିବା ନେଇ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପିଜି କାଉନସିଲ୍ ଅଧ୍ୟକ୍ଷ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ବରିଷ୍ଠ ଅଧ୍ୟାପକ-ଅଧ୍ୟାପିକା ଏବଂ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ ।ବୈଠକରେ ନିର୍ବାଚନ ସମୟରେ କ୍ୟାମ୍ପସରେ ଶାନ୍ତି, ନିରାପତା ଓ ଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଓ ରଣନୀତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ନିର୍ବାଚନକୁ କେନ୍ଦ୍ର କରି କ୍ୟାମ୍ପସରେ କୌଣସି ପ୍ରକାରର ଅଶାନ୍ତି କିମ୍ବା ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ, ସେଥିପାଇଁ ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା ।

ଅକ୍ଟୋବର ଆଠ ତାରିଖ ଓଡିଶା ବନ୍ଦକୁ ସଫଳ ପାଇଁ ସୋମନାଥପୁରସ୍ଥିତ ତୈଳ ଡିପୋରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନୀଳଗିରି, ୦୬/୧୦ (ଆ.ପ୍ର) : ଏଠାରୁ ମାତ୍ର ୫ କିମି ଦୂର ସୋମନାଥପୁର ସ୍ଥିତ ତୈଳ ଡିପୋରେ ଅକ୍ଟୋବର ଆଠ ତାରିଖ ଓଡିଶା ବନ୍ଦକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସୂଚନାରୁ ଜଣା ଯାଇଛି, ଡବଲ ଇଞ୍ଜିନ ସରକାର ଆସିବା ପରେ ରାଷ୍ଟ୍ରୀୟ ସମ୍ପତି ଗୁଡିକ କର୍ପୋରେଟ ହାତକୁ ଟେକି ଦିଆଯାଉଛି । ଓଡିଶାରେ ଏମଏମଡି ଆର ଆଇନ୍ ବଳରେ ଓଡିଶାର ଖଣିରୁ ଯେତେ ରାଜସ୍ୱ ଆଦାୟ ହୁଏ ତାହାକୁ କେନ୍ଦ୍ର ସରକାର ହାତକୁ ଟେକି ଦିଆଯିବ । ଯାହାକି ଓଡିଶାର ଉନ୍ନତିର ପ୍ରତିବନ୍ଧକ ସୃଷ୍ଟି କରିବ । ତତ୍ ସହିତ ଏସ ଆଇ ଆର ନାମରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ବିଜେପି ଦଳର ଦଲାଲ ସାଜି ଭାରତର କୋଟି କୋଟି ଭୋଟରଙ୍କ ନାମକୁ ଭୋଟର ଲିଷ୍ଟରୁ ବାଦ ଦେଉଛନ୍ତି । ଯାହାଦ୍ୱାରା କି ସେମାନେ ନିଜର ନାଗରିକତ୍ୱ ହରାଉଛନ୍ତି । ଓଡିଶାରେ ପାଠ୍ୟ ପୁସ୍ତକରେ ୧୭୪୨ଟି ତ୍ରୁଟି ରହିଛି । ଏହାକୁ ସୁଧାର ପାଇଁ ବହୁ ବାର ଦାବୀ ହୋଇ ଥିଲେ ସୁଦ୍ଧା ତାହା ଅଦ୍ୟାବଧି ପରିବର୍ତ୍ତନ ହେଲା ନାହିଁ । ବର୍ତମାନ ସୁଦ୍ଧା ଛାତ୍ର /ଛାତ୍ରୀ ଭୁଲ ପାଠ୍ୟ ପୁସ୍ତକରେ ଅଧ୍ୟୟନ କରୁଛନ୍ତି । ଉକ୍ତ କାର୍ଯ୍ୟ ପାଇଁ ଓଡିଶାର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବା ଦରକାର । ବନ୍ୟାରେ କ୍ଷତିଗ୍ରସ୍ତଙ୍କୁ ଯାଥା ଶୀଘ୍ର କ୍ଷତି ପୂରଣ ଦେବା ପାଇଁ ପଦକ୍ଷେପ ନେବାପାଇଁ ସରକାରଙ୍କୁ ଦାବୀ କରାଯାଇଛି । ଉକ୍ତ ଚାରି ଦଫା ଦାବୀରେ ଇଣ୍ଡିଆ ମେଂଟ ତରଫରୁ ଅକ୍ଟୋବର ଆଠ ତାରିଖ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏହାକୁ ସମର୍ଥନ ଜାଣଇ ସିଟୁ ଅନୁବନ୍ଧିତ ଟ୍ୟାଙ୍କ୍ ଲ୍ୟାରୀ ୱାର୍କର୍ସ ୟୁନିଅନ ତରଫରୁ ସୋମନାଥପୁର ସ୍ଥିତ ତିନୋଟି ତୈଳ ଡିପୋରେ ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସାଧାରଣ ସଭା ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ସଭାରେ ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କା ଉପସ୍ଥିତ ରହି ଉକ୍ତ ବନ୍ଦକୁ ସଫଳ ପାଇଁ ଅନୁରୋଧ କରିଥିଲେ । ଉକ୍ତ ସଭାରେ ଅମର ରାଉତ, ମଦନ ବେହେରା, ଶୈଳେଶ ଠାକୁର, ସେକ୍ ମୋବାରକ, ଶମ୍ଭୁ ଜେନା, ଦିଲ୍ଲୀପ ଚଢ଼ାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ବୁଧବାର, ୦୭ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସମୟ କହିବ ଭବିଷ୍ୟତ କ'ଣ !

କୌଣସି ନିଶା ଦ୍ରବ୍ୟ ସେବନ ନକରି ମଧ୍ୟ ସାଧାରଣ ମଣିଷ କେମିତି ନିଶାରେ ପ୍ରଚଳିତ ହୁଅନ୍ତି ଏକ ବିସ୍ମୟକର ଘଟଣା । ଏହି କଥାଟି କୌଣସି ହାସ୍ୟାସ୍ପଦ କିମ୍ବା ପରିହାସ ମୂଳକ ନୁହେଁ, ବରଂ ମଣିଷ ମନର ଏକ ମନସ୍ତାତ୍ୱିକ ବିଶ୍ଳେଷଣ । ନିଶା ଅର୍ଥାତ ଏକ ନିର୍ଦ୍ଦିଷ୍ଟ ବିଷୟ ମଧ୍ୟରେ ନିଜକୁ ସୀମିତ ରଖି ଦୁନିଆର ବାକି ସବୁ କଥାକୁ ଭୁଲିଯିବା । କୌଣସି ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ମଣିଷ ନିଜର ହିତାହିତ ଜ୍ଞାନ ଶୂନ୍ୟ ହୋଇ ସେହି ନିଶା ନଛାଡିବା ପର୍ଯ୍ୟନ୍ତ ଗୋଟିଏ ନିର୍ଦ୍ଦିଷ୍ଟ ଭାବଧାରା ମଧ୍ୟରେ ଚାରଣ କରିଥା'ନ୍ତି । ସେହି ନିଶାର ସମୟ ସୀମା ସରିଗଲା ପରେ ପୁଣି ସେମାନେ ସାଧାରଣ ମଣିଷ ଭଳି ଆଚରଣ କରିଥା'ନ୍ତି । କିନ୍ତୁ ଦୁନିଆରେ ଏମିତି ନିଶା ଅଛି ଯାହାର ନିର୍ଦ୍ଦିଷ୍ଟ ସମୟ କିମ୍ବା ଶେଷ ସୀମା ନଥାଏ । ଆଉ ସେହି ନିଶା ମଣିଷ ଜୀବନର କୌଣସି ଗୋଟିଏ ସମୟରେ ଆରମ୍ଭ ହୋଇ ଜୁଇରେ ଚିତା ଲାଗିବା ପର୍ଯ୍ୟନ୍ତ ଶେଷ ହୋଇନଥାଏ । ସେହି ନିଶାରେ ନିଶାସକ୍ତ ଆଜିର ସାଧାରଣ ଜୀବନ ଠାରୁ ଆରମ୍ଭ କରି ଅତ୍ୟନ୍ତ ଉଚ୍ଚ କୋଟିର ମଣିଷଙ୍କ ପାଖରେ ମଧ୍ୟ ଦେଖିବାକୁ ମିଳୁଛି ଯାହା ୧୦୦ ଶତକଡା ମଣିଷଙ୍କୁ ଆଜି ଦିନରାତି ଅହରହ ନିଶାଗ୍ରସ୍ତ କରି ରଖିଛି । ସେହି ନିଶା ମଣିଷର ମାନସିକ ସ୍ତରରୁ ଉତ୍ପତି ନିଜ ଶାରୀରିକ ବିଡମ୍ବନା ଜନିତ, ଯାହା କୌଣସି ନିଶା ଦ୍ରବ୍ୟର ପ୍ରଭାବରୁ ହୋଇନଥାଏ । ହେଲେ ନିଶା ଦ୍ରବ୍ୟ ଜନିତ ନିଶାକୁ ଆୟତ୍ତ କରିବା କ୍ଷମତା ରଖିଥିବା ମଣିଷ ଆଜି ମାନସିକ ବିଡମ୍ବନା ଜନିତ ନିଶାରୁ ନିଜକୁ ମୁକ୍ତୁଳିତ କରି ନପାରି, ଦିନକୁ ଦିନ ତାହାର ପ୍ରକୋପରେ ନିଜକୁ ଜାଳି ଜାଳି ଅହରହ ମରୁଛି । ନିଶାଦ୍ରବ୍ୟ ସେବନକାରୀଙ୍କୁ ନିଶା ଯେତିକି ଆନନ୍ଦ ପ୍ରଦାନ କରି ଶାରୀରିକ କ୍ଳେଶରେ ସହଯୋଗ କରିଥାଏ, ତାହାଠାରୁ ଯଥେଷ୍ଟ ଅଧିକ ଏହି ମାନସିକ ନିଶାସକ୍ତ ପରିସ୍ଥିତି ଆନନ୍ଦ ପ୍ରଦାନ ପୂର୍ବକ କେମିତି ଆଶାତୀତ ଶାରୀରିକ କ୍ଳେଶ ପ୍ରଦାନ କରିଥାଏ ଭାବ ବହିର୍ଭୂତ ନିର୍ବୋଧ, ଅଜ୍ଞାନ ମଣିଷ ବୁଝିବା ଏତେ ସହଜ ନୁହେଁ। କହିବାକୁ ଗଲେ ଆମ ଦେଶ ଲୋକ ମାନଙ୍କର ଏମିତି ମନସ୍ତାତ୍ୱିକ ନିଶାଗ୍ରସ୍ତ ହୋଇ ନିଜ ଜୀବନକୁ ଅଶାନ୍ତ ପରିସ୍ଥିତି, ପରିବେଶ ମଧ୍ୟରେ ରଖି ରକ୍ତଚାପ, ମଧୁମେହ ଭଳି ଆହୁରି ଅନେକ ରୋଗ ଗ୍ରସ୍ତ ଅବସ୍ଥାରେ ଦିନରାତି ଅସନ୍ତୁଳିତ ମାନସିକତା ପ୍ରବଣ ଅବସ୍ଥାରେ ବଂଚିବା ପାଇଁ କୌଣସି ପ୍ରେରଣା ନଥିଲା । ଲୋକଙ୍କ ଜୀବନ ଯାପନ ଶୈଳୀ ଏକ ପ୍ରାକୃତିକ ପରିସ୍ଥିତି ମଧ୍ୟରେ ସନ୍ତୁଳିତ ଅବସ୍ଥାରେ ରହୁଥିଲା । ପ୍ରାଚୀନ ସମୟର ଅନେକ ସୁଖ୍ୟାତ ଦାର୍ଶନିକଙ୍କ ମନସ୍ତାତ୍ୱିକ, ସାମାଜିକ, ମାନବିକ ଚେତନା ଉପରେ ଆଧାରିତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାର୍ଶନିକ ମତବାଦ ଗୁଡିକୁ ଅନୁକରଣ କରି ସାଧାରଣ ଲୋକେ ସୁଖ ଶାନ୍ତିରେ ଜୀବନ ଅତିବାହିତ କରିବାରେ ସକ୍ଷମ ହୋଇ ପାରୁଥିଲେ । ମାନସିକ ନିଶାଗ୍ରସ୍ତ ହେବା ଦୂରର କଥା କୌଣସି ନିଶା ଦ୍ରବ୍ୟ ବ୍ୟବହାର ମଧ୍ୟ ଖୁବ୍ ବିରଳ ଥିଲା । ତେଣୁ ଲୋକଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ସଦ୍ଭାବ ଏତେ ମାତ୍ରାରେ ଥିଲାଯେ ପଡୋଶୀଙ୍କୁ ଲୋକେ ନିଜ ପରିବାର ଭଳି ଭାବୁଥିଲେ । ତେଣୁ ଭାରତୀୟଙ୍କ ମର୍ଯ୍ୟାଦା ସର୍ବତ୍ର ଅକ୍ଷୁର୍ଣ୍ଣ ରହିଥିଲା । ସେହି ସମୟରେ ବିଶ୍ୱବ୍ୟାପୀ ସବୁ ଦେଶର ସାଧାରଣ ଲୋକଙ୍କ ସହିତ ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ତଥା ବୁଦ୍ଧିଜୀବୀ, ନିରୀହ ଲୋକଙ୍କ ଜୀବନ ଜୀବିକା ଉପରେ ବ୍ୟାପକ ପ୍ରଭାବ ତଥା ସେମାନଙ୍କୁ କ୍ରୀତଦାସ ହୋଇଯିବା ଅବାଦ୍ କରି ବହୁ ବିରୁଦ୍ଧାଭାସ ପ୍ରକଟ କରିଥିଲେହେଁ କୌଣସି ଫଳପ୍ରଦ ହେଲାନାହିଁ । କାରଣ କିଛି କ୍ଷମତାଧାରୀ ମଣିଷଙ୍କ ଭାବଧାରାକୁ ଯଥେଷ୍ଟ ପ୍ରଭାବିତ କରି ବିଶ୍ୱବ୍ୟାପୀ ନିଜର ବ୍ୟବସାୟକୁ ତ୍ୱରାନ୍ୱିତ କରାଯିବା ଲକ୍ଷରଖି ଯାହା ସମ୍ଭବ ବ୍ୟପାରୀ ମାନେ କରି ଗଲିଲେ । ତେଣୁ ସାଧାରଣ ଲୋକଙ୍କ ତାହା ପରବର୍ତ୍ତୀ ବର୍ତ୍ତମାନର ୨୦ ବର୍ଷ ମଧ୍ୟରେ କ'ଣଯେ ହୋଇଛି ସମୀକ୍ଷା କରିବା ପାଇଁ ବର୍ତ୍ତମାନ ଆଉ ବେଳ ନାହିଁ କାହାର । କାରଣ ସମସ୍ତେ ଆଜି ନିଶାରେ । ଆଉ ସମସ୍ତଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ରଖିଥିବା ଆଉ କେହି ନୁହେଁ କେବଳ ସେହି ବ୍ୟବସାୟୀ ମାନେ । କିନ୍ତୁ ସାଧାରଣ ଲୋକେ ଜାଣିନାହାଁନ୍ତି କେମିତି ସେମାନେ ଦିନରାତି କୁହୁକୁହୁ ହେଉଛନ୍ତି ନିଶାରେ ନିଜକୁ ଜାଳି ଜାଳି ସେମାନଙ୍କୁ ପୋଷିବା ପାଇଁ । ପ୍ରଥମେ ନିଶାଦ୍ରବ୍ୟର ବ୍ୟାପକ ପ୍ରଚଳନ କରାଯାଇ ନିଶାଖୋରଙ୍କ ଠାରୁ ଯଥେଷ୍ଟ ଆର୍ଥିକ ଲାଭ ଉଠାଯିବା ପ୍ରୟାସ କରାଗଲା । ବର୍ତ୍ତମାନ ସମୟରେ ଅନ୍ୟୁନ ୭୫ ଶତକଡାରୁ ଅଧିକ ସାଧାରଣ ମଣିଷ ନିଶା ଦ୍ରବ୍ୟ ଗୁଡିଏ ବ୍ୟବହାର କରି ବ୍ୟାପାରୀଙ୍କୁ ପୋଷିବାରେ ଲାଗିଛନ୍ତି, ସମସ୍ତେ ଜାଣନ୍ତି ।

ସମସ୍ତ ବଙ୍ଗାଳି ବାଂଲାଦେଶୀ ନୁହେଁ, ଭାରତୀୟ ବଙ୍ଗାଳି

॥ ଚନ୍ଦନ କୁମାର ମାଇତି ॥

ପ୍ରାଚୀନ କାଳରୁ ଭାରତରେ ମୁଖ୍ୟତ ବିଭିନ୍ନ ସମ୍ପ୍ରଦାୟ ଏବଂ ଭାଷା ଭାଷୀ ଲୋକ ରହୁଛନ୍ତି । ସେହିପରି ବଙ୍ଗଳା ଏକ ଭାଷା ଓ ତାହାର ଏକ ପ୍ରଦେଶ ମଧ୍ୟ ରହିଅଛି । ଭାରତରେ ବଙ୍ଗଳା ଭାଷା ବୋଲୁଥିବା ଲୋକ ମୁଖ୍ୟତ ପଶ୍ଚିମବଙ୍ଗରୁ ହୋଇଥାନ୍ତି । କିନ୍ତୁ ପ୍ରାଚୀନ କାଳରୁ ବିଭିନ୍ନ କାରଣ ହେତୁ ବଙ୍ଗଳା ଭାଷୀ ଲୋକ ଭାରତର କୋଣ ଅନୁକୋଣରେ ଦେଖିବାକୁ ମିଳନ୍ତି । ବହୁତ ପୂର୍ବରୁ ଅର୍ଥାତ ଇଂରେଜ ଶାସନ ସମୟ କାଳରୁ ଭାରତର ରାଜଧାନୀ କଲିକତା ଥିବା ସମୟରେ ପଶ୍ଚିମବଙ୍ଗ ଲୋକମାନେ ଦେଶର ବିଭିନ୍ନ ସ୍ଥାନକୁ ଯାଇ ବେପାର ବାଣିଜ୍ୟ କରୁଥିଲେ । ଫଳରେ ସମୟ କ୍ରମେ ବହୁତ ରାଜ୍ୟ ମାନଙ୍କରେ ବଙ୍ଗାଳି ଲୋକମାନେ ଜୀବନ ଜାପାନ କରିଆସିବାର ଦେଖିବାକୁ ମିଳେ । ସେହିପରି ଭାବରେ ଅନ୍ୟ ରାଜ୍ୟର ଲୋକମାନେ ମଧ୍ୟ ପଶ୍ଚିମ ବଙ୍ଗରେ ରହିଆସୁଛନ୍ତି, ଏହିଟା ଏକ ସୌଭାବିକ କଥା ।

ଭାରତର ନାଗରିକ ହିସାବରେ ଆଇନ ଗତ ଅଧିକାର ଅଛି 'ଭାରତୀୟ ନାଗରିକ ଭାରତର ସମସ୍ତ ସ୍ଥାନରେ ରହିପାରିବେ' ଏବଂ ସେହିଠାରେ ସମସ୍ତ ସୁବିଧା ଉପଭୋଗ କରିପାରିବେ । କିନ୍ତୁ ବିଭିନ୍ନ ସମୟରେ ଦେଖିବାକୁ ମିଳେ ଯେ ବଙ୍ଗଳା ସମ୍ପ୍ରଦାୟ ବା ବଙ୍ଗଳା ଭାଷୀ ଲୋକଙ୍କୁ ବାଂଲାଦେଶୀ କୁହାଯାଏ । ଲୋକଙ୍କ କହିବା କଥା ବଙ୍ଗାଳି ଲୋକ କେବଳ ବାଙ୍ଗଲାଦେଶରେ ରୁହନ୍ତି । ଏହା ସମ୍ପୂର୍ଣ ଭୁଲ ବା ରାଜନୈତିକ କିଛି କାରଣ ରହିଥାଇ ପାରେ । ଓଡିଶାରେ କିଛି ଜିଲ୍ଲା ମାନଙ୍କରେ ଯେଉଁ ବଙ୍ଗଳା ଲୋକମାନେ ବହୁତ ପୂର୍ବରୁ ରହିଆସୁଛନ୍ତି ସେମାନଙ୍କୁ ମଧ୍ୟ କୁହାଯାଉଛି । ଏହା ମୁଖ୍ୟତଃ ସମୁଦ୍ର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ମାନଙ୍କରେ ରହୁଥିବା ଲୋକମାନେ ଏଥିରେ ପ୍ରଭାବିତ ହେଉଆସୁଛନ୍ତି । ସରକାର ଏହା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଅଛି କେଉଁମାନେ ଅବୈଧ ଭାବରେ ଭାରତରେ ପ୍ରବେଶ କରୁଛନ୍ତି ଏବଂ ସେମାନଙ୍କ ପ୍ରତି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଯଥା ଶୀଘ୍ର ନିଆଯିବ ଦରକାର । ଯେଉଁ ମାନେ ଅବୈଧ ଭାବରେ ରହିଆସୁଛନ୍ତି ସେହିଠାରେ ଝଓଜ କୁ କଡ଼ା କଡ଼ି ଭାବରେ ଲାଗୁକରି ଯଥାଶୀଘ୍ର ଭାରତରୁ ବିତାଡିତ କରାଯିବା ଆବଶ୍ୟକ ରହିଛି ।

ବହୁତ ପୂର୍ବରୁ ପାଖାପାଖି ଶହେ ବର୍ଷ ବା ଭାରତ ସ୍ୱାଧୀନ ହେବା ପୂର୍ବରୁ ଓଡିଶାର କିଛି ସାହୁକାର ଏବଂ ରାଜା ମାନେ ଶ୍ରମିକ ଭାବରେ ପଶ୍ଚିମବଙ୍ଗରୁ ବହୁତ ଲୋକଙ୍କୁ ଶ୍ରମିକ ଭାବରେ ଆଣୁଥିଲେ । ସେହି ସମୟରେ ଶ୍ରମିକ ମାନଙ୍କୁ ରହିବା ପାଇଁ ରାଜା ବା ଜମିଦାରମାନେ ଚାଷ କରିବାକୁ କିଛି ଜାଗା ମଧ୍ୟ ଦେଉଥିଲେ । ଯାହା ଫଳରେ ପଶ୍ଚିମ ବଙ୍ଗରୁ ଆସୁଥିବ ଶ୍ରମିକ ମାନେ ଧୀରେ ଧୀରେ ଜମି ଅଧିଗ୍ରହଣ କରି ରହି ଆସୁଅଛନ୍ତି । ସେହିପରି ଭାବରେ କିଛି କିଛି ବଙ୍ଗାଳି ଲୋକ ଓଡିଶା ଆସିବାକୁ ଲାଗିଲେ ଏବଂ ପରବର୍ତୀ ସମୟରେ ସ୍ଥାୟୀ ଭାବରେ ରହିଗଲେ । ପରେ ପରେ ବଙ୍ଗାଳି ଲୋକ ଜୀବନ ଜାପାନ କରିବା ପାଇଁ ବିଭିନ୍ନ ଉପାୟ ଯେମିତିକି ଚାଷ କରିବା ଏବଂ ସମୁଦ୍ରର ମାଛ ଧରିବା କାମ କରିବାକୁ ଲାଗିଯାଇଥିଲେ । ଉଦାହରଣ ସ୍ୱରୂପ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ରାଜା ମଧ୍ୟ ବିଭିନ୍ନ ସମୟରେ ପଶ୍ଚିମ ବଙ୍ଗ ମେଦିନିପୁର, କଂଟେଇ ଆଦି ସ୍ଥାନମାନଙ୍କରୁ ଲୋକଙ୍କୁ ଆଣି ଚାଷ କାମ ଆଦିରେରେ ନିୟୋଜିତ କରିବାର ଦେଖାଯାଏ । ସେହି ଲୋକମାନେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସ୍ଥିତ ଧାମରା, ଚକିମୁଣ୍ଡା, ତାଳଚୁଆ, ଡାଙ୍ଗମାଳ, ଗୁପ୍ତି, କୁନୁସନଗର ଇତ୍ୟାଦି ସ୍ଥାନମାନଙ୍କରେ ଏବେ ମଧ୍ୟ ରହିଆସୁଛନ୍ତି । ବର୍ତମାନ ବିବାଦର ବିଷୟ ଯେ ବଙ୍ଗଳା କହୁଥିବା ଏବଂ ବଙ୍ଗାଳି ଲୋକମାନଙ୍କୁ ବାଂଲାଦେଶୀର ଆରୋପ ଲଗାଯାଉଛି । ଏହା ହେଉଛି ଦେଶର ଅବସ୍ଥା ଏବଂ ଲୋକଙ୍କ ମାନସିକତା । ବିଭିନ୍ନ ସମୟରେ ସାଧାରଣ ଲୋକଟି ଜିଲ୍ଲା ବାହାରକୁ ଯାଇ ନିଜର ନାମ ବା ପରିଚୟ ରଖିଲା ସମୟରେ ବଙ୍ଗାଳି ଦେଖିଲେ ତାଙ୍କୁ ବାଂଲାଦେଶୀ ବୋଲି କୁହାଯାଉଛି । ସମୁଦ୍ର ଉପକୂଳବର୍ତୀ ଅଂଚଳ ଯଥା ରାଜନଗର ଯେଉଁ ବଙ୍ଗାଳି ଲୋକ ରହୁଛନ୍ତି ସେମାନେ ବହୁତ ପୂର୍ବରୁ ଅର୍ଥାତ ଭାରତ ସ୍ୱାଧୀନ ହେବା ପୂର୍ବରୁ ସ୍ଥାୟୀ ଭାବରେ ରହିଆସୁଛନ୍ତି । ସମୟ ସମୟରେ ସରକାରଙ୍କ ଦୁର୍ବଳତା ଏବଂ ପ୍ରଶାସନର ଦୁର୍ଭାଗ୍ୟରେ ରାଜନଗର ସ୍ଥିତ ବିଭିନ୍ନ ସ୍ଥାନମାନଙ୍କରେ ବାଂଲାଦେଶୀ ପ୍ରବେଶ କରିବାରେ ଦେଖାଯାଇଛି । ଏହାର କାରଣ ନୁହେଁ ଯେ ସମସ୍ତେ ବାଂଲାଦେଶୀ । ଯାହା ଦ୍ୱାରା ସାଧାରଣ ସ୍ଥାୟୀ ବଙ୍ଗାଳି ଲୋକଟି ହଇରାଣ ହେଉଛନ୍ତି ଯଦି ଏହା ଉପରେ ସରକାର ନଜର ନଦେବେ ଆଗକୁ ସ୍ଥାୟୀ ଜନସାଧାରଣ ବହୁତ ହଇରାଣ ହେବେ ।

ମୁଖ୍ୟତଃ ରାଜନଗର ସ୍ଥିତ ତାଳଚୁଆ, ଗୁପ୍ତି, ଈଶ୍ୱରପୁର, ପେଣ୍ଠ ଆଦି ସ୍ଥାନ ମାନଙ୍କରେ ମତ୍ସଜୀବି ମାନେ ରହିଆସୁଛନ୍ତି । ଏମାନେ ପୁରା ବଙ୍ଗାଳି ବା ପୁରା ଓଡ଼ିଆ ନୁହନ୍ତି । ଏକ ପ୍ରକାର ମିଶ୍ରଣ ଭାଷା କହୁଥିବା ଲୋକ ଏବଂ ଏହି ପ୍ରକାର ଭାଷା ଭାଷୀ ବାଲେଶ୍ୱର, ମେଦିନିପୁର ଓ କାଁଥି ପାର୍ଶ୍ୱବର୍ତୀ ଅଂଚଳ ମାନଙ୍କରେ ଦେଖିବାକୁ ମିଳିଥାଏ । ଏମାନେ ଏକ ପ୍ରକାର ଓଡ଼ିଆ ଲୋକ ବୋଲି ଆମେ କହିପାରିବ । କାରଣ ମେଦିନୀପୁର ଓ କାଁଥି ଅଂଚଳ ଗୁଡିକ ପୂର୍ବରୁ ଓଡିଶାର ଅଂଶ ଥିଲା ବୋଲି କୁହାଯାଏ । ଅର୍ଥାତ ଏହି ସ୍ଥାନ ମାନଙ୍କରୁ ଆସିଥିବା ଲୋକ ମାନଙ୍କୁ ଆମେ ଓଡ଼ିଆ ହିଁ କହପରିବା । ବହୁତ ବର୍ଷ ପୂର୍ବରୁ ବା ଏକ ଦଶନ୍ଧି ବର୍ଷ ପୂର୍ବରୁ ତାଳଚୁଆ ଓ ଧାମରା ଲୋକମାନେ ପଶ୍ଚିମ ବଙ୍ଗ ସାଧାରଣ ନିର୍ବାଚନରେ ନିଜର ମତ ଦାନ କରୁଥିଲେ । ବର୍ତମାନ ସମୟରେ ନିଜର ପରିଚୟ ପାତ୍ର ସଂଶୋଧନ କରି ଓଡିଶା ନିର୍ବାଚନରେ ନିଜର ମୋତେ ଦାନ କରୁଛନ୍ତି । ଅର୍ଥାତ ଏହିଥିରୁ ପ୍ରମାଣ ମିଳେ ଯେ ସମୁଦ୍ର ଉପକୂଳବର୍ତୀ ଯଥା ରାଜନଗର ବଙ୍ଗାଳି ଲୋକମାନେ କଉଠି ନା କଉଠି ଭାରତୀୟ । ଏହା ମଧ୍ୟ ସତ୍ୟତା ରହିଛି ଯେ ସ୍ଥାୟୀ ବଙ୍ଗାଳି ଲୋକମାନଙ୍କ ମଧ୍ୟରେ ବାଂଲାଦେଶୀ ଅନୁପ୍ରବେଶକରି ଛଦ୍ମବେଶୀ ଭାବରେ ପଶ୍ରୟ ନେଉଛନ୍ତି । ପ୍ରମୁଖ ବିଷୟ ହେଉଛି ଅନୁପ୍ରବେଶକରି, ରହିଙ୍ଗା ବାଂଲାଦେଶୀ ଠାରୁ ସାଧାରଣ ଲୋକଙ୍କୁ ସୁରକ୍ଷା କରିବା ଏବଂ ବାଙ୍ଗଲାଦେଶୀ ମାନଙ୍କୁ ବିତାଡିତ କରିବା ପ୍ରଶାସନ ଓ ସରକାରଙ୍କ ଦାୟିତ୍ୱ ରହିଛି । ଯେଉଁ ଯେଉଁ ସ୍ଥାନ ମାନଙ୍କରେ ବାଂଲାଦେଶୀ ଅନୁପ୍ରବେଶକରି ମାନଙ୍କର ପାଦୁର୍ଭାବ ରହିଛି ସେହି ସ୍ଥାନ ଗୁଡିକରେ ଝଓଜ କଡ଼ା କଡ଼ି ଲାଗୁ କରିବାର ଆବଶ୍ୟକ ରହିଛି ।

ଓଡିଶା ନିଜର ଏକ ଭାଷା ଓ ସଂସ୍କୃତି ପରିପୂର୍ଣ ରାଜ୍ୟ ଯାହା ସାରା ବିଶ୍ୱକୁ ନିଜର ମାର୍ଗଦର୍ଶନ କରିଥାଏ । ଓଡିଶାର ପାର୍ଶ୍ୱବର୍ତୀ ରାଜ୍ୟ ମାନଙ୍କରୁ ଆସି ଓଡିଶାରେ ବସବାସ କରୁଥିବା ଲୋକ ମଧ୍ୟ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଆପଣେଇ ନେଇଛନ୍ତି । ଏହାର ଉଦାହରଣ ଓଡିଶାର ସୀମା ଅନ୍ୟ ରାଜ୍ୟ ଗୁଡିକ ସହିତ ସଂଯୁକ୍ତ ହେଉରହିଛି । ଯାହା ଫଳରେ ଅନ୍ୟ ରାଜ୍ୟ ଲୋକ ଓଡିଶାରେ ଏବଂ ଓଡ଼ିଆ ଲୋକ ଅନ୍ୟ ରାଜ୍ୟ ମାନଙ୍କର ଦେଖିବାକୁ ମିଳେ । ସେହି ସ୍ଥାନ ଗୁଡିକରେ ଏକ ପ୍ରକାର ମିଶ୍ରଣ ଭାଷା ଦେଖାଯିବ ସହିତ ପାର୍ଶ୍ୱ ରାଜ୍ୟର ସଂସ୍କୃତି ମଧ୍ୟ ପ୍ରତିଫଳିତ ହୁଏ । ଆଉ ଏକ ଉଦାହରଣ ଗଞ୍ଜାମ ଜିଲ୍ଲାକୁ ଲକ୍ଷ୍ୟ କରିବା ଯଦି ସେହି ଜିଲ୍ଲାକୁ ଲାଗିକରି ଆନ୍ଧ୍ର ପ୍ରଦେଶ ରହିଛି ଯାହା ଫଳରେ ଗଞ୍ଜାମରେ ମଧ୍ୟ ତେଲୁଗୁ ଭାଷୀ ଲୋକ ଦେଖାଯାଆନ୍ତି । ସେହିପରି ଭାବରେ ମୟୂରଭଞ୍ଜ, ଝାରସୁଗୁଡା, ବଲାଙ୍ଗୀର, ବରଗଡ଼ ଆଦି ଜିଲ୍ଲାର ସୀମାବର୍ତୀ ଅଂଚଳମାନଙ୍କରେ ହିନ୍ଦି ଭାଷୀ ଲୋକ ଦେଖାଯାନ୍ତି କାରଣ ଝାଡ଼ଖଣ୍ଡ ଏବଂ ଛତିଶଗଡ ଓଡିଶାର ସୀମା ସହିତ ଲାଗିକି ରହିଛି । ସେହିପରି ପଶ୍ଚିମ ବଙ୍ଗକୁ ବାଲେଶ୍ୱର ଜିଲ୍ଲା ସଂଯୋଜିତ କରିଛି । ଯାହା ଫଳରେ ଓଡ଼ିଶାର ସମୁଦ୍ର ଉପକୂଳବର୍ତୀ ଅଂଚଳ ଯେମିତିକି ଦିଘା ପାଖରୁ ଆରମ୍ଭ କରି ପାରାଦ୍ୱୀପ ପର୍ଯ୍ୟନ୍ତ ବଙ୍ଗାଳା ଲୋକମାନେ ବସବାସ କରୁଥିବାର ଦେଖାଯାଏ । ମୁଖ୍ୟତଃ ସମୁଦ୍ର ପାଖାପାଖି ଅଂଚଳରେ ରହିବାର ଉଦ୍ଦେଶ ମତ୍ସ୍ୟଜୀବୀ ଏବଂ କୃଷି କାର୍ଯ୍ୟ । ଲକ୍ଷ୍ୟ କରାଯାଏ ଏମାନଙ୍କର ଜୀବିକା ସମୁଦ୍ରରୁ ମାଛ ଧରିବ, ଗୋପାଳନ ଓ କୃଷି ଇତ୍ୟାଦି କାର୍ଯ୍ୟରେ ନିର୍ଭରଶୀଳ । ଭାରତରେ ବଙ୍ଗାଳି ଲୋକଙ୍କ ଭୂମିକା କହିଲେ ହଜାର ହଜାର ପୃଷ୍ଠା ଆବଶ୍ୟକ । କହିବାକୁ ଗଲେ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଜାତୀୟ କବି ରବୀନ୍ଦ୍ର ନାଥ ଟେଗୋର ଏମିତି ଏନେକ ବଙ୍ଗାଳି ଲୋକଙ୍କ ଉଦାହରଣ ରହିଛି ଭାରତ ଇତିହାସରେ ରହିଆସିଛି । ଏକ ସମୟରେ ଭାରତ ଅର୍ଥନୈତିକ ମେରୁଦଣ୍ଡ ପଶ୍ଚିମ ବଙ୍ଗ ଥିଲା । ବର୍ତମାନ ସମୟରେ ଓଡ଼ିଶାର ଅର୍ଥନୀତିରେ ବଙ୍ଗାଳି ମତ୍ସଜୀବି ଓ କୃଷକମାନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନିୟ । ତେଣୁ ଓଡ଼ିଶାରେ ରହୁଥିବା ବଙ୍ଗାଳି ସମ୍ପ୍ରଦାୟ ଲୋକଙ୍କୁ ବାଂଲାଦେଶୀ କହି ଅପମାନିତ କରିବା କିମ୍ବା ଲଜ୍ଜିତ କରିବ ଏହା ଏକ ନିନ୍ଦନୀୟ ବିଷୟ ହେଇପଡ଼ିଛି । ତେଣୁ ବଙ୍ଗାଳି ଲୋକଙ୍କୁ ଯଦି ଏହିପରି ଆଗକୁ ବାଂଲାଦେଶୀ କୁହାଯିବ ତେବେ ଓଡ଼ିଶା ଓ ଭାରତ ପାଇଁ ଦୁର୍ଭାଗ୍ୟର ବିଷୟ ।

କେନ୍ଦ୍ରାପଡ଼ା, ରାଜନଗର
ମୋ : ୭୬୦୯୦୨୮୭୦୪

ଆଦି କୁମ୍ଭାର ଆଦି ବିଶ୍ୱକର୍ମା

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଲେବେ ଯନ୍ତ୍ର ଆଦିସ୍ରଷ୍ଟା । ଆଦିକୁମ୍ଭାର, କୁମ୍ଭକାର ରୁଦ୍ରପାଳ । ସେ ମାନବର ଜଳସିଦ୍ଧ, ତୈଳସିଦ୍ଧ ଖାଦ୍ୟର ମୂଳ ପ୍ରବର୍ତକ । କଂଚା ପୋଡ଼ା ଖାଦ୍ୟ ଭୋଜନରୁ ମହାପ୍ରଭୁ ନୀଳମାଧବ, ସିଝା ସିଦ୍ଧଭୋଜନ ମାନସ କରି ଏକ ବିବର୍ତନ ନିଜ ପାଇଁ ମାନବ ଜାତି ପାଇଁ ଏକ ବିଶେଷ ପନ୍ଥାର ଲାଗୁକଲେ । ସବୁବେଳେ ତ ପ୍ରଭୁଙ୍କ ହାତ ଜ୍ଞାନୀ ଜନର ହାତ, ସେ ବିଶ୍ୱକର୍ମା ହୋଇ ନିଜେ ନିଜର ରୂପ ପ୍ରସ୍ତୁତ ଶ୍ରୀକ୍ଷେତ୍ରରେ ଅତି ଦୁର୍ମୁଲ୍ୟ ରତ୍ନ ସିଂହାସନରେ ଦାରୁ ମୂର୍ତିରେ ବିରାଜମାନ ହେଲେ । ଏଥିରେ ବଢ଼େଇ ଜାତିର କୃତି ରଖିଲେ । ଭୋଜନ କରିବେ ଆଧାର କୃଷକ ଜାତି ଚାଷୀ ଖାଦ୍ୟ ଶସ୍ୟ ଉତ୍ପାଦନ ମାଟି, ଜଳବାୟୁ ଶସ୍ୟ ବିହନ ମଞ୍ଜିକୁ ନେଇ ବର୍ଷ ବର୍ଷ ପଡ଼ି ପିଢ଼ି ପିଢ଼ି ଧରି କରି ସ୍ୱଭାଗ, ରାଜଭାଗ ସହ ପ୍ରଭୁଙ୍କ ଅମୃତ ମଣୋହୀକୁ ନେଇ ଚାଲିବେ । ଅମୃତ ମଣୋହୀ ଦେବ ଭାଗ ସେ ସର୍ବ ଉର୍ଦ୍ଧର ଉତ୍ପାଦିତ ଶସ୍ୟର ଆଗ୍ରଭାଗ । ସର୍ବଦା ଦେବତା ଅଗ୍ରହାରି । ଦେବ ବ୍ୟବସ୍ଥାରେ ରାଜବ୍ୟବସ୍ଥା ସଦୃଶ ସେନା, ପୋଲି ଅଛନ୍ତି ତେବେ ମହାପ୍ରଭୁଙ୍କ ଲୀଳାରେ ଅଦୃଶ୍ୟ ବାହିନୀ, ବତ୍ୟା, ମହାବାତ୍ୟା, ଅତିନିଆ ମେଘ, ମରୁଡ଼ି, ନଦୀବନ୍ୟା, ଜଳ ପ୍ଲାବନ, ଭୂମିକମ୍ପ, ମହାମାରୀ, ଯୁଦ୍ଧ ଅସଥାଙ୍କ ଆତଙ୍କବାଦୀ ଆକ୍ରମଣ, ପ୍ରତି ଗୃହରେ କଳହ, ପ୍ରତିବେଶୀ ସହ ମାନ ମନାନ୍ତର, ବିଛେଦ, ଅକାଳ ମୃତ୍ୟୁ, ଏସବୁ ଦେବ ଦଣ୍ଡର ବାହିନୀ । କେଉଁଠି ସାମୁହିକ, କେଉଁଠି ପାରିବାରିକ କେଉଁଠି ବ୍ୟକ୍ତି ବିଶେଷର ବ୍ୟକ୍ତିଗତ ଜୀବନରେ ଏପରି ଦଣ୍ଡ ଦାତାଙ୍କ ହାବୁଡ଼ରେ ପଡ଼ିବା ହେଉଛି ।

ଭଜନ ସମ୍ରାଟ ଭିକାରୀ ବଳ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଭଜନରେ ଗାଇଲେ, ସେ ପ୍ରଭୁଙ୍କ ହଳିଆ ରୂପେ ଜନ୍ମ ନେବାକୁ ଆଶାୟୀ । ହଳିଆ ଜମିରେ ହଳ ବୁଲାଇ ଦେହ ମେହନତ କରି ଶସ୍ୟ ଉପୁଜାଏ କିନ୍ତୁ ଜମି ଜମିଦାରର ଏ ସଂସାରରେ ଏକମାତ୍ର ଜମିଦାର ସେହି ଜଗନ୍ନାଥ ନୀଳାଚଳିଆ ବାଙ୍କଚୁଳିଆ ଯାହାଙ୍କ ଆଜ୍ଞାରେ ସର୍ବେ ଆତଜାତ । ଶସ୍ୟ ପନିପରିବା ରୋଷେଇ ପାଇଁ ହାଣ୍ଡି ପାତ୍ର ଦରକାର ଏହାର ନିର୍ମାଣ କର୍ତା ରୂପେ ସେ ହିଁ ଆଦି କୁମ୍ଭକାର, ଦେଖ କୁଡୁଆ, ସେବି ଆମର ରାଜ୍ୟର ମାନ୍ୟ ମାଟି ପାତ୍ର, ଅନ୍ନ ହିଁ ଜଗନ୍ନାଥ ମହାପ୍ରଭୁ ବିଷ୍ଣୁ ତାଙ୍କ ବାହକ ଗରୁଡ଼, ଏହି କୁଡୁଆରେ ଥରେ ମହାପ୍ରସାଦ ରନ୍ଧା ହେଲେ ବା ପଶିଲେ ତାହା ଗରୁଡ଼ଜୀଙ୍କ ବହନ ଅଧିକାରକୁ ଆସୁଛି । କୁମ୍ଭାର, ବଢ଼େଇ, ମାଟି ଓ କାଠର ଘୂର୍ଣ୍ଣୟ ପ୍ରକ୍ରିୟାରେ ଚକ୍ର ଓ କୁନ୍ଦ ହେଉଛି ପ୍ରଥମ ଲେଦ ମସିନ ଯନ୍ତ । ଏହା ମହାପ୍ରଭୁଙ୍କ ସେବା ସାମିଲର ଆଦି ଉତ୍ସ ।

ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ଦୂରଭାଷ :
୯୪୩୭୧୦୩୧୨୫୩

ଯୌଥ ପରିବାରର ଛାତ ତଳେ: ଯେଉଁଠି ଘର ବଡ଼ ନୁହେଁ, ହୃଦୟ ବଡ଼ ଥିଲା

॥ ମିଲନ କୁମାର ମିଶ୍ର (ଭରଦ୍ୱାଜ) ॥

ଦିନେ ଆମ ଘରର କବାଟ ବହୁତ ବଡ଼ ଥିଲା । ସେହି କବାଟ ଦେଇ ଘରକୁ ପଶୁଥିଲେ ଜେଜେ, ଜେଜେମା, ବାବା, ବୋଉ, କକା, ଖୁଡ଼ୀ, ଭାଇ, ଭଉଣୀ—କେବଳ ମଣିଷ ନୁହେଁ, ପଶୁଥିଲା ଏକାଠି ରହିବାର ଏକ ବଡ଼ ପରମ୍ପରା । ଗୋଟିଏ ଚୁଲିରେ ରୋଷେଇ ହେଉଥିଲା, ଗୋଟିଏ ଅଗଣାରେ ଅନେକ ପିଲା ଖେଳୁଥିଲେ, ଗୋଟିଏ ଥାଳିରେ ଭାତ ବଢ଼ିବା ବେଳେ କାହାର ଭାଗ କେତେ—ତାହାର ହିସାବ ରହୁନଥିଲା । ଘରେ ଲୋକ ଅଧିକ ଥିଲେ, କିନ୍ତୁ ଏକାକୀପଣ କମ୍ ଥିଲା । ଆଜି ଘରଗୁଡ଼ିକ ବଡ଼ ହୋଇଛି, କୋଠରୀ ବଢ଼ିଛି, ସୋଫା ନରମ ହୋଇଛି, ଟେଲିଭିଜନ ବଡ଼ ହୋଇଛି; କିନ୍ତୁ ଅଜଣା କାରଣରୁ ଘର ଭିତରେ ମଣିଷର ସଂଖ୍ୟା କମିଯାଇଛି । ଦୁଇଟି କୋଠରୀରେ ଚାରିଟି ମୋବାଇଲ, ଚାରିଟି ମୁହଁ ଓ ଚାରିଟି ଅଲଗା ଜଗତ । ଗୋଟିଏ ଛାତ ତଳେ ରହି ମଧ୍ୟ ଆମେ କେତେ ଦୂରରେ ! ଏହା ହେଉଛି ଆଜିର ପରିବାରର ଏକ ଅଜବ ବାସ୍ତବତା ।

ଯୌଥ ପରିବାର ଆମ ସମାଜର କେବଳ ଏକ ପରିବାର ପ୍ରଣାଳୀ ନଥିଲା; ଏହା ଥିଲା ଏକ ସାମାଜିକ ସୁରକ୍ଷା ବ୍ୟବସ୍ଥା । ଘରେ ଜଣେ ଅସୁସ୍ଥ ହେଲେ ଅନ୍ୟମାନେ ତାଙ୍କ ପାଖରେ ଥିଲେ । ଜଣେ ବେକାର ହେଲେ ପରିବାର ତାଙ୍କୁ ଧରି ରଖୁଥିଲା । ଜଣେ ବୋହୂ ମା' ହେଲେ ଶାଶୁ ଥିଲେ, ନଣନ୍ଦ ଥିଲେ, ଦେଢ଼ଶୁର ଥିଲେ; ପିଲାଟି କେବଳ ତା'ର ବାପା-ମା'ର ନୁହେଁ, ସମଗ୍ର ପରିବାରର ଥିଲା । ଜଣେ ଭୁଲ କଲେ ତାଙ୍କୁ ବୁଝାଇବାକୁ କେହି ଥିଲେ, ଜଣେ ଦୁଃଖ ପାଇଲେ ତାଙ୍କ ଲୁହ ପୋଛିବାକୁ ଅନେକ ହାତ ଥିଲା । ଆଜି ସେହି ସହଯୋଗୀ ହାତଗୁଡ଼ିକ ଧୀରେ ଧୀରେ ଦୂରକୁ ଚାଲିଯାଉଛି । ତେବେ ଆମେ କ'ଣ ପୁଣି ପୁରୁଣା ଯୌଥ ପରିବାରକୁ ଫେରିଯିବା ଉଚିତ ? ପ୍ରଶ୍ନଟି କିନ୍ତୁ ଏତେ ସରଳ ନୁହେଁ ।

କାରଣ ପୁରୁଣା ଯୌଥ ପରିବାରର ମଧ୍ୟ ନିଜର ସମସ୍ୟା ଥିଲା । ସମସ୍ତଙ୍କ ଇଚ୍ଛା ସମାନ ନଥିଲା, ମତ ସମାନ ନଥିଲା । ପରିବାରର ବଡ଼ଙ୍କ ନିଷ୍ପତିକୁ ପ୍ରଶ୍ନ କରିବା ସହଜ ନଥିଲା । ଅନେକ ନାରୀ ନିଜ ଇଚ୍ଛାକୁ ଚୁପ୍‌ଚାପ୍ ମନ ଭିତରେ ଚାପି ରଖୁଥିଲେ । ବ୍ୟକ୍ତିଗତ ସ୍ୱାଧୀନତାର ସୁଯୋଗ ମଧ୍ୟ ଆଜି ତୁଳନାରେ ଅନେକ କମ୍ ଥିଲା । ତେଣୁ କେବଳ ଅତୀତକୁ ସୁନାର ଯୁଗ ଭାବେ ଦେଖିଲେ ଯଥାର୍ଥତା ସମ୍ପୂର୍ଣ୍ଣ ହେବ ନାହିଁ । କିନ୍ତୁ ଆଜିର ଏକାକୀ ପରିବାର ମଧ୍ୟ ଆମକୁ ଅନେକ ପ୍ରଶ୍ନ ପଚାରୁଛି ।

ସ୍ୱାମୀ-ସ୍ତ୍ରୀ ଦୁହେଁ ଚାକିରିଆ । ସକାଳେ ପିଲା ସ୍କୁଲ, ବାପା-ମା' ଅଫିସ; ସନ୍ଧ୍ୟାରେ ଫେରିଲେ ଘରର କାମ, ଅଫିସର ଚାପ, ଅନଲାଇନ୍ ? ମିଟିଂ, ମୋବାଇଲ ଓ ଟେଲିଭିଜନ । ପିଲାଟି ବଡ଼ ହେଉଛି ମାତାପିତାଙ୍କ ମଧ୍ୟରେ, କିନ୍ତୁ ଜେଜେଙ୍କ କାହାଣୀ ବିନା, ଜେଜେମାଙ୍କ ହାତର ଖାଦ୍ୟ ବିନା, କକାଙ୍କ ଗାଳି ଓ ଖୁଡ଼ୀଙ୍କ ସ୍ନେହ ବିନା । ପିଲାର କୋଠରୀରେ ଖେଳନା ଅଛି, ମୋବାଇଲ ଅଛି, ଅନେକ ସୁବିଧା ଅଛି; କିନ୍ତୁ ଖେଳିବା ପାଇଁ ସେହି ପୁରୁଣା ସାଥୀମାନେ କେଉଁଠି ? ତା'ର ଶୈଶବରେ ଅନେକ ଜିନିଷ ଅଛି, କିନ୍ତୁ ଅନେକ ମଣିଷ ନାହାନ୍ତି । ଏହା କେଉଁ ପ୍ରକାର ଉନ୍ନତି ? ଆଜିର ଯୌଥ ପରିବାର ଭାଙ୍ଗିବାର ଆଉ ଏକ ବଡ଼ କାରଣ ହେଉଛି ଚାକିରି ଓ ଜୀବନର ଗତିଶୀଳତା । ପୁଅ ଭୁବନେଶ୍ୱରରେ, ଝିଅ ବେଙ୍ଗାଲୁରୁରେ, ଭାଇ ମୁମ୍ବାଇରେ, ବାପା-ମା' ଗାଁରେ । ସମସ୍ତଙ୍କ ହାତରେ ମୋବାଇଲ ଅଛି, ଭିଡିଓ କଲ୍ ? ଅଛି, କିନ୍ତୁ ଆଲିଙ୍ଗନ ନାହିଁ । ଜନ୍ମଦିନରେ ଭିଡିଓ କଲ୍ ? ହେଉଛି, ପର୍ବରେ ଫଟୋ ଆସୁଛି, କିନ୍ତୁ ମୁଣ୍ଡରେ ହାତ ରଖିବାକୁ କେହି ପାଖରେ ନାହାନ୍ତି । ପ୍ରଯୁକ୍ତି ଦୂରତା କମାଇଛି, କିନ୍ତୁ ସବୁବେଳେ ଶୂନ୍ୟତା କମାଇପାରିନାହିଁ ।

ବିଶେଷକରି ବୃଦ୍ଧମାନଙ୍କ ଜୀବନରେ ଏହି ପରିବର୍ତନର ଯନ୍ତ୍ରଣା ଅଧିକ । ଯେଉଁ ବାପା ଜୀବନର ସବୁକିଛି ପିଲାଙ୍କ ପାଇଁ ଦେଇଦେଲେ, ଅବସର ପରେ ତାଙ୍କ ପାଖରେ ରହିଗଲା ଗୋଟିଏ ଘର, କିଛି ପୁରୁଣା ଫଟୋ ଓ ମୋବାଇଲର ଏକ ନମ୍ବର—'ପୁଅ' । ସେହି ନମ୍ବରକୁ ଫୋନ୍ କରିବା ପୂର୍ବରୁ ମଧ୍ୟ ସେ ଭାବନ୍ତି—'ବ୍ୟସ୍ତ ଥିବ କି ?' ମା' ଅସୁସ୍ଥ ହେଲେ ଝିଅ କହେ—'ଭାଇ ଅଛି ନା !' ଭାଇ କହେ—'ଭଉଣୀ ତ ପାଖରେ ଅଛି !' ଶେଷରେ ଦୁହେଁ ଦୂରରେ ଥାଆନ୍ତି, ଆଉ ବୃଦ୍ଧ ମା'ବାପା ନିଜ ଘରେ ନିଜେ ଏକା । କେତେବେଳେ ଆଧୁନିକ ଜୀବନ ଆମକୁ ସୁବିଧା ଦେଇଛି, କିନ୍ତୁ ସେହି ସୁବିଧାର ମୂଲ୍ୟ ଭାବେ ଆମେ ହୁଏତ ସମ୍ପର୍କର କିଛି ଉଷ୍ମତା ହରାଇଛୁ ।

ତେଣୁ ଯୌଥ ପରିବାରର ଅର୍ଥ କେବଳ ଗୋଟିଏ ଘରେ ଅନେକ ଲୋକ ରହିବା ନୁହେଁ । ଏହାର ପ୍ରକୃତ ଅର୍ଥ ହେଉଛି—ଦୁଃଖରେ କେହି ଏକା ନ ରହିବା । ଜଣେ ପଡ଼ିଗଲେ ଅନ୍ୟଜଣେ ହାତ ବଢ଼ାଇବା, ଜଣେ ହସିଲେ ଅନ୍ୟମାନେ ହସିବା, ଜଣେ କାନ୍ଦିଲେ ଅନ୍ୟମାନଙ୍କ ଆଖି ଓଦା ହୋଇଯିବା । ଯୌଥ ପରିବାରର ପ୍ରକୃତ ସମ୍ପଦ ଜମି, ଘର କିମ୍ବା ସମ୍ପତ୍ତି ନୁହେଁ; ତାହାର ସମ୍ପଦ ହେଉଛି—'ଆମେ ଅଛୁ' ବୋଲି ଥିବା ବିଶ୍ୱାସ ।

ଆବଶ୍ୟକତା ବଦଳିଛି, ନାରୀଙ୍କ ଭୂମିକା ବଦଳିଛି, ଚାକିରିର ଧାରା ବଦଳିଛି, ବ୍ୟକ୍ତିସ୍ୱାଧୀନତାର ମୂଲ୍ୟ ବଢ଼ିଛି । ତେଣୁ ଆମକୁ ଅତୀତର ଘରକୁ ଫେରାଇ ଆଣିବା ନୁହେଁ;ବରଂ ତା'ର ଆତ୍ମାଟିକୁ ବଂଚାଇ ରଖିବା ଆବଶ୍ୟକ । ଘର ଅଲଗା ହେଉ, କିନ୍ତୁ ହୃଦୟ ଅଲଗା ନ ହେଉ । ରୋଷେଇଘର ଅଲଗା ହେଉ, କିନ୍ତୁ ଦୁଃଖର ଥାଳିଟି ଅଲଗା ନ ହେଉ । ପୁଅ ଦୂରରେ ରହୁ, କିନ୍ତୁ ବାପାଙ୍କ ଔଷଧର ଖବର ତା'ର ମନରେ ରହୁ । ଝିଅ ଅନ୍ୟ ସହରରେ ରହୁ, କିନ୍ତୁ ମା'ର ଏକାକୀ ସନ୍ଧ୍ୟା ତା'ର ମନେ ପଡୁ । ଯୌଥ ପରିବାର ହୁଏତ ଆଜି ଗୋଟିଏ ଘରେ ରହିବାର ନାଁ ନୁହେଁ; ଏକାଠି ରହିବାର ମନୋଭାବର ନାଁ । ହୁଏତ ଆମେ ନୂଆ ପ୍ରକାରର ଯୌଥ ପରିବାର ଗଢ଼ିପାରିବା—ଯେଉଁଠି ସମସ୍ତେ ଗୋଟିଏ ଛାତ ତଳେ ନ ରହିଲେ ମଧ୍ୟ ଏକାଠି ରହିବେ । ପର୍ବରେ ଏକାଠି ହେବେ, ବିପଦରେ ଏକାଠି ଠିଆ ହେବେ, ବୃଦ୍ଧଙ୍କ ଦାୟିତ୍ୱ ବାଂଟିନେବେ, ପିଲାମାନଙ୍କୁ ଜେଜେ-ଜେଜେମାଙ୍କ ସହ ଯୋଡ଼ି ରଖିବେ । ଦୂରତା ଥିବ, କିନ୍ତୁ ବିଚ୍ଛିନ୍ନତା ନ ଥିବ । କାରଣ ଶେଷରେ ମଣିଷର ଆବଶ୍ୟକତା କେବଳ ନିଜର ଏକ ଘର ନୁହେଁ; ଆବଶ୍ୟକ ହୁଏ 'ମୋର ଲୋକ' ବୋଲି କହିପାରିବାର କିଛି ମଣିଷ । ଆଜି ଆମେ ପିଲାଙ୍କୁ ଭଲ ସ୍କୁଲ ଦେଉଛୁ, ଭଲ ଘର ଦେଉଛୁ, ଭଲ ଭବିଷ୍ୟତ ଦେବାକୁ ଚେଷ୍ଟା କରୁଛୁ । କିନ୍ତୁ ତାଙ୍କୁ ଆମେ କଣ ସମ୍ପର୍କର ଭାଷା ଶିଖାଇ ପାରୁଛୁ ? ଜେଜେଙ୍କ ହାତ ଧରିବା, ଜେଜେମାଙ୍କ କାହାଣୀ ଶୁଣିବା, କକାଙ୍କୁ ନିଜ ଲୋକ ଭାବିବା, ଭାଇଭଉଣୀଙ୍କ ଦୁଃଖରେ ପାଖରେ ଠିଆ ହେବା—ଏସବୁ ମଧ୍ୟ ତ ଜୀବନର ଶିକ୍ଷା । ଏମିତି ଶିକ୍ଷା କୌଣସି ସ୍କୁଲର ପାଠ୍ୟପୁସ୍ତକରେ ମିଳେନାହିଁ; ଏହା ଶିଖାଯାଏ ଘରର ଅଗଣାରେ, ସମ୍ପର୍କର ଉଷ୍ମତାରେ, ବଡ଼ମାନଙ୍କ ଛାୟାରେ ଓ ଛୋଟମାନଙ୍କ ହସରେ । ଗୋଟେ ସମୟରେ ଘରେ ଲୋକ ଅଧିକ ଥିଲେ, ତେଣୁ ଖର୍ଚ୍ଚ ଅଧିକ ହେଉଥିଲା; କିନ୍ତୁ ଦୁଃଖ ବାଂଟିବାକୁ ଲୋକ ମଧ୍ୟ ଅଧିକ ଥିଲେ । ଆଜି ହୁଏତ ଖର୍ଚ୍ଚ ବାଂଟିବାର ସୁବିଧା ଅଛି, କିନ୍ତୁ ଦୁଃଖ ବାଂଟିବାର ଲୋକ କମିଯାଇଛନ୍ତି । ଘର ଛୋଟ ହୋଇନାହିଁ; ଆମର 'ଆମେ' ଭାବଟି ହିଁ ଛୋଟ ହୋଇଯାଇଛି । ତେଣୁ ଆଜିର ସମୟରେ ଯୌଥ ପରିବାରର ଯଥାର୍ଥତାକୁ ଖୋଜିବାବେଳେ ଆମେ ପୁରୁଣା ଘରର ନକଲ କରିବା ଦରକାର ନାହିଁ । ଆମକୁ କେବଳ ସେହି ପୁରୁଣା ଘରର ଏକ ଅମୂଲ୍ୟ ଜିନିଷକୁ ଫେରାଇ ଆଣିବାକୁ ପଡ଼ିବ—'ତୁମେ ଏକା ନୁହଁ, ଆମେ ଅଛୁ'—ଏହି ବିଶ୍ୱାସ । କାରଣ ଦିନ ଶେଷରେ ମଣିଷ ଯେତେ ବଡ଼ ଘର ତିଆରି କରୁନା କାହିଁକି, ଯଦି ସେହି ଘରେ ତା'ର ଦୁଃଖ ଶୁଣିବାକୁ କେହି ନାହାନ୍ତି, ତା'ହେଲେ ସେ ଘର କେବଳ ଇଟା-ପଥରର ଠିକଣା । ଘରର ଅର୍ଥ ଚାରିଟି କାନ୍ଥ ନୁହେଁ—ଘରର ଅର୍ଥ ହେଉଛି, ଚାରିଆଡୁ ଭାଙ୍ଗି ପଡ଼ିଲେ ବି ଯେଉଁଠି କେହି କହିବ—'ଭୟ କରନି... ମୁଁ ଅଛି ।' ସେହି 'ମୁଁ ଅଛି'ର ଉଷ୍ମତା ଯେପର୍ଯ୍ୟନ୍ତ ଆମ ପରିବାରରେ ବଂଚିଛି, ସେପର୍ଯ୍ୟନ୍ତ ଯୌଥ ପରିବାର ମରିନାହିଁ—କେବଳ ତାହାର ଠିକଣା ବଦଳିଛି ବୋଲି ଭାବିବାକୁ ହେବ ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର୍ ଶାସନ, କେନ୍ଦୁଝର ବଜାର, କେନ୍ଦୁଝର-
୭୫୮୦୦୧
ମୋ: ୭୦୦୮୨୪୧୨୮୭

ସେଇଠୁ ଆରମ୍ଭ
SEITHO ARAMBHA
ବୁଧବାର, ୦୭ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ରହିଲେ ଅସ୍ଥାୟୀ ବନ କର୍ମଚାରୀ

ଦଶପଲ୍ଲା, ୦୬/୧୦ (ଆ.ପ୍ର) : ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ, କୁଶଙ୍ଗ, ବାଣିଗୋଛା ପୂର୍ବ ଓ ବାଣିଗୋଛା ପଶ୍ଚିମ ବଂଚଳରେ କାର୍ଯ୍ୟରତ ଅସ୍ଥାୟୀ ବନ କର୍ମଚାରୀମାନେ ଗତ ୨୮ ତାରିଖରେ ସେମାନଙ୍କର ବକେୟା ପାରିଶ୍ରମିକ ନମିଳିବା ପ୍ରତିବାଦରେ ବନଖଣ୍ଡ ଅଧିକାରୀ ପିସିସିଏଫ, ଏସିଏଫଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପାରିଶ୍ରମିକ ବକେୟା: ଅରଣ୍ୟ, ବନ୍ୟଜନ୍ତୁ ଓ ପରିବେଶ ସୁରକ୍ଷାରେ ନିରନ୍ତର ନିୟୋଜିତ ଥିବା ସତ୍ତ୍ୱେ କେତେକ ଅସ୍ଥାୟୀ କର୍ମଚାରୀଙ୍କୁ ଗତ ଜୁଲାଇ ଓ ଅଗଷ୍ଟ ମାସର ପାରିଶ୍ରମିକ ମିଳିନାହିଁ । ଏଥିସହିତ ଗତ ମଇ ଓ ଜୁନ୍ ମାସର ପାରିଶ୍ରମିକ ମଧ୍ୟ ସମ୍ପୂର୍ଣ୍ଣ କର୍ମଚାରୀଙ୍କୁ ମିଳିପାରି ନଥିବା ଅଭିଯୋଗ କରିଥିଲେ । କୌଣସି ସମାଧାନ ହୋଇନଥିବା ଯୋଗୁଁ ୪ ଗୋଟି ବନାଂଚଳ ଅଧୀନରେ କାର୍ଯ୍ୟରତ ଅସ୍ଥାୟୀ ବନକର୍ମଚାରିମାନେ ସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ମା ବାଟପନ୍ଥୁଲଙ୍କ ପିଠ ପରିସରରେ ଏକ ବୈଠକ ଆୟୋଜନ କରିଥିଲେ । ବୈଠକରେ ୨୦୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ବନ କର୍ମଚାରୀ ଯୋଗଦେଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମସ୍ତେ କାର୍ଯ୍ୟବନ୍ଦ କରି ଛୁଟିରେ ରହିବା ପାଇଁ ନିଷ୍ପତି ନେଇଥିଲେ । ତେବେ ଜଙ୍ଗଲ ପରିବେଶ ଓ ଜଳବାୟୁ ବିଭାଗ ତରଫରୁ ପ୍ରତି ବର୍ଷ କୋଟି କୋଟି ଟଙ୍କା ସରକାର ବ୍ୟୟ କରୁଥିବାବେଳେ ଅସ୍ଥାୟୀ ବନକର୍ମଚାରି ମାନେ ପ୍ରତିଦିନ ୨୪ ଘଂଟା ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାପାଇଁ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସଠିକ ଭାବେ ସେମାନଙ୍କୁ ମାସିକ ପାରିଶ୍ରମିକ ମିଳିପାରୁନାହିଁ । ଆର୍ଥିକ ଅନାଟନ ଯୋଗୁଁ ପରିବାରରେ ବିଶୃଙ୍ଖଳା ଦେଖାଦେଉଥିବା ବେଳେ ଅନ୍ୟପଟେ କାର୍ଯ୍ୟରୁ ବିରତି ନେଲେ ବିଭାଗୀୟ କର୍ମଚାରୀଙ୍କ ଛଟେଇ ଭୟ ଯୋଗୁଁ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଥିବା ଅନେକ କର୍ମଚାରୀ କହିଛନ୍ତି । ତେବେ ଅସ୍ଥାୟୀ ବନ କର୍ମଚାରୀମାନେ ଆଜିଠୁ ସମୂହ ଛୁଟିରେ ରହିବା ପରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ପରିବେଶବିତଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନା ମୁତାବକ ଅସ୍ଥାୟୀ ବନକର୍ମଚାରିମାନେ ପୂର୍ବରୁ ବାରମ୍ବାର ବିଭାଗୀୟ ଉପରିସ୍ଥ ଅଧିକାରୀ ମାନଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ ମଧ୍ୟ ଶେଷରେ ନିରାଶ ହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସମ୍ପାଦକ କରୁଣାକର ବେହେରା କହିଛନ୍ତି । ବିଭାଗୀୟ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ ଏଇ ଅସ୍ଥାୟୀ ବନକର୍ମଚାରୀଙ୍କ ପାରିଶ୍ରମିକ ପ୍ରଦାନ ଓ ଜଙ୍ଗଲ, ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

ମୋକଦ୍ଦମା ସମାଧାନ ପାଇଁ ତୃତୀୟ ମଧ୍ୟସ୍ଥତା ଅଭିଯାନ

ଜଗତସିଂହପୁର, ୦୬/୧୦ (ଆ.ପ୍ର) : ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ 'ରାଷ୍ଟ୍ର ପାଇଁ ମଧ୍ୟସ୍ଥତା' ଶୀର୍ଷକରେ ତୃତୀୟ ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆରମ୍ଭ ହୋଇଯାଇଛି । ଏହି ଅଭିଯାନ ଅନୁଯାୟୀ ଜିଲ୍ଲା ଓ ତାଲୁକ ସ୍ତରୀୟ ବିଭିନ୍ନ ଅଦାଲତରେ ଥିବା ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବାଣିଜ୍ୟିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ, ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଗୁଡିକୁ ଚିହ୍ନଟ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମୋକଦ୍ଦମାର ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯିବ । ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ତରଫରୁ ତାଲିମପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ଆଇନଜୀବୀମାନଙ୍କୁ ନିୟୋଜିତ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଗୁଡିକୁ ସମାଧାନ କରାଯିବ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଉଛି ।

ଝରୀଗାଁରେ ନବନିଯୁକ୍ତ ସିଡିପିଓ ଭାରତୀ ମହାନ୍ତିଙ୍କୁ ଭବ୍ୟ ସ୍ୱାଗତ

ଝରୀଗାଁ, ୦୬/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ନୂତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଭାବେ ଭାରତୀ ମହାନ୍ତି ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ସେ କାଟପାଡ଼ା ସିଡିପିଓ ଭାବେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରୁଥିଲେ । ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଝରୀଗାଁରେ ତାଙ୍କର ଯୋଗଦାନକୁ ନେଇ ବିଭାଗୀୟ ମହଲରେ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି । ଯୋଗଦାନ ଅବସରରେ କାର୍ଯ୍ୟାଳୟର କର୍ମଚାରୀ ଓ ସହକର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ଆନ୍ତରିକ ଭାବେ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ତିଳତମା ମାଝୀ, ଜୟନ୍ତୀ ମାଝୀ, ପ୍ରାଚୀ ଦେ, ମନୀଷା କବିରାଜ, ପ୍ରଣମିତା ପଟ୍ଟନାୟକ, ଫୁଲସରା ଭତ୍ରା, ଲମ୍ବୁର ଭତ୍ରା, ଦମୟନ୍ତୀଙ୍କ ସମେତ ବହୁ କର୍ମଚାରୀ ଓ ଶୁଭେଚ୍ଛୁ ଉପସ୍ଥିତ ରହି ନବନିଯୁକ୍ତ ସିଡିପିଓଙ୍କୁ ଶୁଭକାମନା ଜଣାଇଥିଲେ । ଝରୀଗାଁ ବ୍ଲକରେ ମହିଳା ଓ ଶିଶୁ କଲ୍ୟାଣ କ୍ଷେତ୍ରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ଆହୁରି ଗତିଶୀଳ କରିବା ସହ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସୁଚାରୁ ପରିଚାଳନା, ପୋଷଣ ସେବା ଓ ମାତୃ-ଶିଶୁ କଲ୍ୟାଣ ଯୋଜନାର ସଫଳ ରୂପାୟନରେ ଶ୍ରୀମତୀ ମହାନ୍ତିଙ୍କ ନେତୃତ୍ୱ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି ।

'ମଧ୍ୟସ୍ଥତା ୩.୦' ମାଧ୍ୟମରେ ମାମଲାର ସମାଧାନ ପାଇଁ ଦେଶବ୍ୟାପୀ ଜନ ଅଭିଯାନ

ପାରଳାଖେମୁଣ୍ଡି, ୦୬/୧୦ (ଆ.ପ୍ର) : 'ମଧ୍ୟସ୍ଥତା' ମାଧ୍ୟମରେ ଉଚ୍ଚ ନ୍ୟାୟାଳୟ , ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ଯୋଗ୍ୟ ମାମଲାଗୁଡ଼ିକର ସରଳ, ସହଜ ଓ ଶୀଘ୍ର ସମାଧାନ ପାଇଁ ଦେଶରେ ତୃତୀୟଥର ପାଇଁ 'ମଧ୍ୟସ୍ଥତା ୩.୦' ଅଭିଯାନ ଆରମ୍ଭ ହୋଇଛି । ଏହି ଦେଶବ୍ୟାପୀ ଅଭିଯାନ ୧ ଅକ୍ଟୋବର ୨୦୨୬ରୁ ଆରମ୍ଭ ହୋଇଛି । ଏହି ଅଭିଯାନର ସୁଯୋଗ ନେଇ ଯୋଗ୍ୟ ମାମଲାଗୁଡ଼ିକର ପରିସମାପ୍ତି କରିବାକୁ ଜନସାଧାରଣ ଓ ମାମଲାର ପକ୍ଷମାନଙ୍କୁ ଆହ୍ୱାନ କରାଯାଉଛି । ଏହି ଅଭିଯାନ ଅଧୀନରେ ଘରୋଇ ହିଂସା ଓ ଯୌତୁକ ନିର୍ଯାତନା, ଭୂ-ଅଧିଗ୍ରହଣ, ପାରିବାରିକ ବିବାଦ, ଚେକ୍ ବାଉନ୍ସ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଉପାଯୋଗ୍ୟ ଫୌଜଦାରୀ ମାମଲା ସମେତ ବିଭିନ୍ନ ଯୋଗ୍ୟ ଦେୱାନୀ ଓ ଅନ୍ୟାନ୍ୟ ବିବାଦର ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ । ମଧ୍ୟସ୍ଥତା ମାଧ୍ୟମରେ ପକ୍ଷମାନଙ୍କ ସହମତିଭିତିକ ଭାବେ ବିବାଦର ସମାଧାନ ହୋଇଥାଏ । ଏହା ଦ୍ୱାରା ସମୟ ଓ ଅର୍ଥର ସଂଚୟ ହେବା ସହିତ ମାମଲାର ଶୀଘ୍ର ପରିସମାପ୍ତି ସମ୍ଭବ ହୋଇଥାଏ । ତେଣୁ ଯୋଗ୍ୟ ମାମଲାର ପକ୍ଷମାନେ ଏହି ଅଭିଯାନର ସୁଯୋଗ ନେଇ ନିଜ ବିବାଦର ଶୀଘ୍ର ଓ ସହଜ ସମାଧାନ ପାଇଁ ଆଗେଇ ଆସିବାକୁ ଅନୁରୋଧ କରାଯାଉଛି । ଅଧିକ ସୂଚନା ଓ ଆଇନଗତ ସହାୟତା ପାଇଁ ନିକଟସ୍ଥ ଜିଲ୍ଲା ଆଇନ ସେବା ପ୍ରାଧିକରଣ/ତାଲୁକ ଆଇନ ସେବା କମିଟି ସହ ଯୋଗାଯୋଗ କରିବା ସହିତ ଟୋଲ୍-ଫ୍ରି ଆଇନ ସହାୟତା ହେଲ୍ପଲାଇନ୍ ୧୫୧୦୦ ରେ ଯୋଗାଯୋଗ କରିପାରିବେ ।

ନୂଆପଡ଼ାରେ 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ' ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନୂଆପଡ଼ା, ୦୬/୧୦ (ଆ.ପ୍ର) : 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ' ଅଧୀନରେ ଜିଲ୍ଲା ଓ ଅନୁଷ୍ଠାନ ସ୍ତରୀୟ ଷ୍ଟାର୍ଟଅପ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀ ଦାଶ 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଜିଲ୍ଲାର ଯୁବକଯୁବତୀଙ୍କ ମଧ୍ୟରେ ନବସୃଜନ, ଉଦ୍ୟୋଗିତା ଓ ଷ୍ଟାର୍ଟଅପ୍ ମନୋଭାବର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷକରି ଚାକିରି ଖୋଜୁଥିବା ଯୁବକଯୁବତୀ ଓ ସଫଳ ଉଦ୍ୟୋଗୀମାନଙ୍କ ମଧ୍ୟରେ ଥିବା ଦୂରତାକୁ ଦୂର କରି ଯୁବପିଢ଼ିଙ୍କୁ ଉଦ୍ୟୋଗିତା ଦିଗରେ ଆଗେଇ ଆସିବା ପାଇଁ ପ୍ରେରଣା, ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ । ବୈଠକରେ ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର ସମୀର ମୁଦୁଲି, ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଣତିରାଣୀ ପ୍ରଧାନ, ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ମାନସ ପଟେଲ, ଉପ-ସିଇଓ, ଓରମାସ୍ ବିବେଶ ଘୋଷ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଦ୍ୱେଇଙ୍କ ସମେତ ସରକାରୀ ଆଇଟିଆଇ, ସରକାରୀ ପଲିଟେକ୍ନିକ୍ ଓ ବିଭିନ୍ନ ଡିଗ୍ରୀ କଲେଜର ଅଧ୍ୟକ୍ଷମାନେ ଯୋଗଦେଇଥିଲେ । ଏହି ଅବସରରେ କମିଟିର ସଦସ୍ୟମାନଙ୍କୁ 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ'ର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମର ରୂପରେଖା ସମ୍ପର୍କରେ ଅବଗତ କରାଯାଇଥିଲା । ଛାତ୍ରଛାତ୍ରୀ ଓ ଯୁବକଯୁବତୀଙ୍କୁ ଷ୍ଟାର୍ଟଅପ୍, ନବସୃଜନ ଓ ଉଦ୍ୟୋଗିତା ସମ୍ପର୍କରେ ସଚେତନ କରିବା ସହ ସଫଳ ଉଦ୍ୟୋଗୀଙ୍କ ଅଭିଜ୍ଞତା ଓ ମାର୍ଗଦର୍ଶନ ସେମାନଙ୍କ ନିକଟରେ ପହଂଚାଇବା ନେଇ ଆଲୋଚନା ହୋଇଥିଲା । ଜିଲ୍ଲାରେ ୦୨ଟି ଜିଲ୍ଲା ସ୍ତରୀୟ ଏବଂ ୨୦ଟି ଅନୁଷ୍ଠାନ ସ୍ତରୀୟ, ମୋଟ ୨୨ଟି ଷ୍ଟାର୍ଟଅପ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନ ଚୂଡ଼ାନ୍ତ କରାଯାଇଛି । କାର୍ଯ୍ୟକ୍ରମଗୁଡ଼ିକରେ ଅଧିକରୁ ଅଧିକ ଯୁବକଯୁବତୀ ଓ ଛାତ୍ରଛାତ୍ରୀଙ୍କୁ ସାମିଲ କରିବା ସହ ସେମାନଙ୍କ ମଧ୍ୟରେ ନବସୃଜନ ଓ ଉଦ୍ୟୋଗିତା ପ୍ରତି ଆଗ୍ରହ ସୃଷ୍ଟି କରିବା ନିମନ୍ତେ ସମ୍ପୃକ୍ତ ବିଭାଗ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ କୁହାଯାଇଥିଲା । 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ' ମାଧ୍ୟମରେ ଯୁବପିଢ଼ିଙ୍କ ସୃଜନଶୀଳ ଚିନ୍ତାଧାରାକୁ ଉଦ୍ୟୋଗରେ ପରିଣତ କରିବା ସହ ସ୍ୱାବଲମ୍ବନ ଓ ନିଯୁକ୍ତି ସୃଷ୍ଟିର ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଲା ମହିଳା ଉଦ୍ୟୋଗିତା ଉପରେ କର୍ମଶାଳା

ଭୁବନେଶ୍ୱର, ୦୬/୧୦ (ଆ.ପ୍ର) : ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ସଶକ୍ତ ଓ ଆତ୍ମନିର୍ଭର କରିବା ସହ ଉଦ୍ୟୋଗିତାର ନୂଆ ସୁଯୋଗ ଓ ଆହ୍ୱାନ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ମହିଳା ଉଦ୍ୟୋଗିତା: ସୁଯୋଗ, ଆହ୍ୱାନ ଏବଂ ଭବିଷ୍ୟତର ରାସ୍ତା' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଓମେନ୍ସ ଷ୍ଟଡିଜ୍, ପର୍ସନାଲ୍ ମ୍ୟାନେଜମେଂଟ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ ବିଭାଗ ଏବଂ ଅହମ୍ମଦାବାଦସ୍ଥିତ ଏଂଟରପ୍ରେନ୍ୟୋରସିପ୍ ଡେଭଲପମେଂଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଉଦ୍‌ଘାଟନ କରିଥିଲେ । ମହିଳାମାନେ ଆତ୍ମନିର୍ଭର ହେବା ସହ ଉଦ୍ୟୋଗ କ୍ଷେତ୍ରରେ ଅଧିକ ସଂଖ୍ୟାରେ ଆଗକୁ ଆସିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ ଶିକ୍ଷାବିତ୍, ବୃତିଗତ ବିଶେଷଜ୍ଞ, ମହିଳା ଉଦ୍ୟୋଗୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ମହିଳା ଉଦ୍ୟୋଗିତାର ବିଭିନ୍ନ ସମ୍ଭାବନା, ସମସ୍ୟା ଓ ଆହ୍ୱାନ ଉପରେ ମତ ବିନିମୟ କରିଥିଲେ । କାର୍ଯ୍ୟକ୍ରମରେ ପିଜି କାଉନସିଲ୍ ?ର ଅଧ୍ୟକ୍ଷ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ସ୍କୁଲ୍ ଅଫ୍ ଓମେନ୍ସ ଷ୍ଟଡିଜ୍‌ର ନିର୍ଦ୍ଦେଶିକା ଡ. ସୀମା ମଲ୍ଲିକ୍, ଦକ୍ଷତା ବିକାଶ ନିର୍ଦ୍ଦେଶକ ପ୍ରଫେସର ବିଜୟ ସୁନ୍ଦରରାୟ, ଇନୋଭେସନ୍, ଇନକ୍ୟୁବେସନ୍, ଉଦ୍ୟୋଗିତା ଓ ଷ୍ଟାର୍ଟଅପ୍ ନିର୍ଦ୍ଦେଶକ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ, ୟୁଏନ୍‌ଡିପିର ପୂର୍ବତନ ରାଜ୍ୟ ମୁଖ୍ୟ ଡ. ଆଭା ମିଶ୍ର ଏବଂ ଇଡିଆଇଆଇ (ପୂର୍ବାଂଚଳ)ର ଅଧ୍ୟାପକ ଡ. ସୁବ୍ରତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଇଡିଆଇଆଇ, ଅହମ୍ମଦାବାଦର ମହାନିର୍ଦ୍ଦେଶକ ଡ. ସୁନୀଲ ଶୁକ୍ଳା ଅନଲାଇନ୍ ମାଧ୍ୟମରେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଟେକ୍ନିକାଲ୍ ଅଧିବେଶନରେ ଡ. ନିବେଦିତା ଜେନା ଓ ଜୟନ୍ତୀ ମହାପାତ୍ର ମହିଳା ଉଦ୍ୟୋଗିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେହିପରି ଡ. ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଓ ଡ. ପ୍ରିୟଙ୍କା ଖୁରାନା ଇଡିଆଇଆଇ, ଅହମ୍ମଦାବାଦରେ ଅନୁଷ୍ଠିତ ଫ୍ୟାକଲ୍ଟି ମେଂଟର ଡେଭଲପମେଂଟ ପ୍ରୋଗ୍ରାମ୍‌ରେ ହାସଲ କରିଥିବା ଅଭିଜ୍ଞତା ବାଂଟିଥିଲେ । ମହିଳା ଉଦ୍ୟୋଗୀମାନଙ୍କୁ ପ୍ରତିଷ୍ଠାନଗତ ସହଯୋଗ, ଦକ୍ଷତା ବିକାଶ ଓ ଜ୍ଞାନ ଆଦାନପ୍ରଦାନର ସୁଯୋଗ ପ୍ରଦାନ କରିବା ଦିଗରେ ଏହି କର୍ମଶାଳା ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି । କର୍ମଶାଳାଟି ସଫଳତାର ସହ ସମାପ୍ତ ହୋଇଥିଲା ।

ବାଲୁଗାଁ ନଗର ପରିକ୍ରମା କଲା ସୁଜଳ ରଥ



ଚିଲିକା/ବାଣପୁର, ୦୬/୧୦ (ଆ.ପ୍ର) : ସ୍ୱଚ୍ଛ ପାନୀୟ ଜଳର ସୁବିନିଯୋଗ ସହ ଜଳ ବାହିତ ରୋଗର କାରଣ ଓ ଉଦ୍ଧାରିତା ସଂପର୍କରେ ଜନ ସଚେତନତା କରାଇବା ମହତ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ବାଲୁଗାଁ ଏନଏସିର ୧୧ଗୋଟି ୱାର୍ଡ ରେ ସୁଜଳ ରଥ ପରିକ୍ରମା ଆରମ୍ଭ କରିଛି । ଏହି ଅବସରରେ ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲୁଗାଁ ପି. ଏଚ. ଡି ର ସହକାରୀ ଯନ୍ତ୍ରୀ ଇଂ. ମଦନ ସିଂ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଏହି ସୁଜଳ ରଥ ସହର ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହି ପରିକ୍ରମା ରଥ ୧୨ ଦିନ ଧରି ପ୍ରତେକ ୧୧ଗୋଟି ୱାର୍ଡ ପରିକ୍ରମା କରିବା ସହ ପାନୀୟ ଜଳର ଅପଚୟ ରୋକିବା । ଜଳର ସୁ ବିନିଯୋଗ କରି ଭବିଷ୍ୟତ ପିଢ଼ି ପାଇଁ ଜଳ ସଂରକ୍ଷଣ କରି ରଖିବା, କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଏହି ଜନହିତକର କାର୍ଯ୍ୟକ୍ରମରେ ଇଂ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ(ଅମୃତ), ଜଳସାଥୀ ବନିତା ପ୍ରଧାନ, ଚନ୍ଦ୍ର ପ୍ରଭା ସାହୁ, ଭାରତୀ ଡାକୁଆ ଓ ସମସ୍ତ କାର୍ଯ୍ୟାଳୟ କର୍ମଚାରୀଙ୍କ ସହଯୋଗରେ ଏଭଳି ସୁନ୍ଦର କାର୍ଯ୍ୟକ୍ରମ ହୋଇପାରିଛି ।

ଗଜାନନ କମିଟି ତରଫରୁ ସାଂସ୍କୃତିକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା



ଭଦ୍ରକ, ୦୬/୧୦ (ଆ.ପ୍ର) : ଭଦ୍ରକ ହେଉଛି ଭାଇଚାରାର ସହର, ଏଠାରେ କାଳୀପୂଜା ପରେ ଗଣେଶ ପୂଜା ଗଣ ପର୍ବରେ ପରିଣତ ହୋଇଛି । ଦୀର୍ଘ ଏକ ମାସ ଧରି ସହରରେ ଗଜାନନ ପୂଜା ପାଉଛନ୍ତି । ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ ବୃକ୍ଷ ରୋପଣ, ରକ୍ତଦାନ ଶିବିର, ପ୍ରସାଦ ସେବନ ପ୍ରତିବର୍ଷ ପରି ଚଳିତ ବର୍ଷ ପାଳିତ ହେଉଛି ବୋଲି ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଗିଲାମୁକି ହବିବ ଓ ଟାଉନ ଥାନା ଇନିସ୍ପେକ୍ଟର ପ୍ରଶାଂଶୁ ଶେଖର ମିଶ୍ର କହିଥିଲେ । ସାମ୍ବାଦିକ ତଥା ଗଜାନନ କମିଟିର ମାର୍ଗ ଦର୍ଶକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଉକ୍ତ ଉତ୍ସବ ଅନୁଷ୍ଠିତ ହୋଇଥିଲା ନାରୀ ନେତ୍ରୀ ଶକ୍ତିସ୍ୱରୂପା ସଂଗଠନର ଉପସଭାପତି ଅନିତା ରାୟ, ସଦସ୍ୟା ସୀମା ରାଉତ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ କରିଥିଲେ । କମିଟିର ସଭାପତି ସନିଆ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶିବା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାଜିତା ଡ୍ୟାନ୍ସ ଗ୍ରୁପ ତରଫରୁ ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ ବଂଟି ନାୟକ, ରାକେଶ ନାୟକ, ମନୋଜ ନାୟକ, ଅଭୟ ନାୟକ, ଦେବା ନାୟକ ପ୍ରମୁଖ ଯୁବକ ମାନଙ୍କ ନେତୃତ୍ୱରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଶେଷରେ କୃତୀ ନୃତ୍ୟ ପ୍ରତିଯୋଗୀ ମାନଙ୍କୁ ଅତିଥି ପ୍ରଶଂସା ପତ୍ର ପ୍ରଦାନ କରିଥିଲେ ।

କଳ୍ପତରୁ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୦୬/୧୦ (ଆ.ପ୍ର) : ସ୍ୱଚ୍ଛତା ହେଉଛି ସୁସ୍ଥ ଜୀବନର ପ୍ରଥମ ପାହାଚ । ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତାର ବାର୍ତ୍ତା ପହଂଚାଇବା ଲକ୍ଷ୍ୟରେ ବାସୁଦେବପୁର ବଂଶୀପାଟଣାସ୍ଥିତ କଳ୍ପତରୁ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ । ମହାବିଦ୍ୟାଳୟ ପରିସର ସମେତ ଆଶ୍ରମ ପରିସରରେ ଚାଲିଥିଲା ସଫେଇ କାର୍ଯ୍ୟକ୍ରମ । ହାତରେ ଝାଡୁ...ମନରେ ସ୍ୱଚ୍ଛତାର ସଙ୍କଳ୍ପ...ଆଉ ମୁହଁରେ ଥିଲା ସ୍ୱଚ୍ଛ ସମାଜ ଗଠନର ବାର୍ତ୍ତା । ସରକାରଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ବଂଶୀପାଟଣାସ୍ଥିତ କଳ୍ପତରୁ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ପାଳିତ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଏକାଠି ହୋଇ ମହାବିଦ୍ୟାଳୟ ପରିସର ଏବଂ ଆଶ୍ରମ ପରିସରରେ ସଫେଇ କରିଥିଲେ । ପରିସରରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରିବା ସହ ସ୍ୱଚ୍ଛତା ପ୍ରତି ସମସ୍ତେ ସଚେତନ ରହିବାକୁ ଦିଆଯାଇଥିଲା ଆହ୍ୱାନ । କେବଳ ନିଜ ଘର ନୁହେଁ, ନିଜ ଶିକ୍ଷାନୁଷ୍ଠାନ, ଆଖପାଖ ପରିବେଶ ଏବଂ ସାରା ସମାଜକୁ ସ୍ୱଚ୍ଛ ରଖିବା ଦିଗରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ ଅଭିଯାନରେ ସାମିଲ ହୋଇଥିବା ସମସ୍ତେ । ସ୍ୱଚ୍ଛ ପରିବେଶ ହିଁ ସୁସ୍ଥ ଜୀବନର ଆଧାର । ତେଣୁ ଅଳିଆ ଆବର୍ଜନା ଏଣେତେଣେ ନପକାଇବା, ପରିବେଶକୁ ସୁରକ୍ଷା କରିବା ଏବଂ ସ୍ୱଚ୍ଛତାକୁ ନିଜ ଦୈନନ୍ଦିନ ଜୀବନର ଅଂଶ କରିବା ପାଇଁ ଦିଆଯାଇଥିଲା ସଚେତନତା ବାର୍ତ୍ତା । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀଙ୍କ ଉପସ୍ଥିତିରେ ଏହି ସଚେତନତାମୂଳକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଭୋଇ, ଶ୍ରୀଲତା ମହାକୁଡ୍, ଦେବେନ୍ଦ୍ର କୁମାର ମହାନ୍ତି, ଜସ୍ମାରାଣୀ ନାୟକ, ସଞ୍ଜୟ କୁମାର ପ୍ରଧାନ, ପ୍ରମିଳା ଅଗସ୍ତି, ନୀଳାମ୍ବର ଦୀକ୍ଷିତ, ଭରତ କୁମାର ମହାନ୍ତି, ଶ୍ରଦ୍ଧାଞ୍ଜଳୀ ପାଣିଗ୍ରାହୀଙ୍କ ସମେତ ବହୁ ଅଧ୍ୟାପକ-ଅଧ୍ୟାପିକା ଯୋଗଦେଇଥିଲେ । ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ...ଏହା ଏକ ନିରନ୍ତର ଦାୟିତ୍ୱ । ସମସ୍ତେ ନିଜ ନିଜ ସ୍ତରରେ ସ୍ୱଚ୍ଛତା ପ୍ରତି ସଚେତନ ହେଲେ ହିଁ ଗଢ଼ି ଉଠିବ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସମାଜ ।

ଦାଦନ ଶ୍ରମିକଙ୍କ ମରଶରୀର ଗାଁକୁ ଆଣିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ସହାୟତା ପାଇଁ, ସ୍ୱାକର ପ୍ରୟାସ

ଗୁ.ଉଦୟଗିରି/ଦାରିଙ୍ଗିବାଡ଼ି, ୦୬/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ଅନ୍ତର୍ଗତ କାଟିଙ୍ଗିଆ ପଂଚାୟତର ଆଡ଼ିବଙ୍ଗା ଗ୍ରାମର ଦାଦନ ଶ୍ରମିକ ସନ୍ତୋଷ ମଲ୍ଲିକ (୪୬)ଙ୍କ କେରଳ ରାଜ୍ୟରେ ଆଜି ସକାଳେ ହଠାତ୍ ମୃତ୍ୟୁ ଘଟିଛି । ତାଙ୍କ ମରଶରୀର କେରଳର କନ୍ନୁର ଜିଲ୍ଲାର ଏକ ସରକାରୀ ହସ୍ପିଟାଲରେ ରହିଥିବା ଜଣାପଡ଼ିଛି ।ପରିବାରର ଜୀବିକା ନିର୍ବାହ ପାଇଁ ସନ୍ତୋଷ ଦୀର୍ଘଦିନ ଧରି କେରଳରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ । ତାଙ୍କ ପରିବାରରେ ସ୍ତ୍ରୀ ସ୍ନେହଲତା ମଲ୍ଲିକଙ୍କ ସମେତ ୫ଜଣ ପୁଅଝିଅ ଅଛନ୍ତି । ପରିବାରର ଏକମାତ୍ର ରୋଜଗାରକାରୀଙ୍କୁ ହରାଇ ପରିବାରଟି ଏବେ ଅତ୍ୟନ୍ତ ଦୁର୍ଦ୍ଦିନରେ ପଡ଼ିଛି । ମରଶରୀରକୁ କେରଳରୁ ନିଜ ଜନ୍ମମାଟି ଆଡ଼ିବଙ୍ଗାକୁ ଆଣିବା ପାଇଁ ଆବଶ୍ୟକ ଯାତାୟାତ ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ପରିବାରର ନଥିବାରୁ ମୃତକଙ୍କ ସ୍ତ୍ରୀ ସ୍ନେହଲତା ମଲ୍ଲିକ ସାମାଜିକ ସଂଗଠନ 'ସୋସିଆଲ ୱର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ' (ସ୍ୱାକ)ର ସଭାପତି ଆମନ ଚନ୍ଦ୍ର ନାୟକଙ୍କୁ ଫୋନ୍ ଯୋଗେ ଘଟଣା ସମ୍ପର୍କରେ ଜଣାଇ ସହଯୋଗ ନିବେଦନ କରିଥିଲେ । ଏହି ଘଟଣା ପୁଣିଥରେ କନ୍ଧମାଳର ଦାଦନ ଶ୍ରମିକଙ୍କ ଦୁଃଖଦ ପରିସ୍ଥିତିକୁ ସାମ୍ନାକୁ ଆଣିଛି । ଗତ ଦୁଇ ମାସ ମଧ୍ୟରେ କନ୍ଧମାଳ ଜିଲ୍ଲାର ୧୬ ଜଣ ଦାଦନ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଛି । ଏହାକୁ ନେଇ ଜିଲ୍ଲାରେ ଚିନ୍ତା ପ୍ରକାଶ ପାଇଛି । ନିଜ ଅଂଚଳରେ ଅଧିକ ରୋଜଗାର ସୁଯୋଗ ସୃଷ୍ଟି କରାଯାଇପାରିଲେ ବାହାର ରାଜ୍ୟକୁ ଦାଦନ ଯିବା ଶ୍ରମିକଙ୍କ ସଂଖ୍ୟା କମିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ଏଥିସହିତ ବାହାର ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକଙ୍କ ପଞ୍ଜୀକରଣ, ସୁରକ୍ଷା ଓ ଆପତ୍କାଳୀନ ସହାୟତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ଘଟଣା ସମ୍ପର୍କରେ ଜାଣିବା ପରେ ସ୍ୱାକ୍ ପକ୍ଷରୁ କନ୍ଧମାଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୃତକଙ୍କ ମରଶରୀରକୁ କେରଳରୁ ନିଜ ଗ୍ରାମକୁ ଫେରାଇ ଆଣିବା ପାଇଁ ତ୍ୱରିତ ସହାୟତା ନିମନ୍ତେ ଅନୁରୋଧ କରାଯାଇଥିଲା । ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱ ଦେଇ ମାନବିକତାର ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦,୦୦୦ ଟଙ୍କାର ସହାୟତା ଅନୁମୋଦନ କରିଛନ୍ତି । ଅନୁମୋଦିତ ସହାୟତା ରାଶିର ଚେକ୍‌କୁ ସ୍ୱାକର ସଭାପତି ଆମନ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ଏବଂ ଜିଲ୍ଲା ମିଡିଆ ଫୋରମ୍ ସଭାପତି ସୁନୀଲ ବିଶାଳ ଗ୍ରହଣ କରିଥିଲେ । ପରେ ସେମାନେ ମୃତକଙ୍କ ପରିବାରକୁ ସାକ୍ଷାତ କରି ଚେକ୍‌ଟି ପ୍ରଦାନ କରିଥିଲେ । ଏହି ସମୟରେ ସ୍ୱାକର ସମ୍ପାଦକ ହୃଷିକେଶ ପ୍ରଧାନ ଓ ସନ୍ତୋଷ ଦିଗାଲ ମଧ୍ୟ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଏହି ତ୍ୱରିତ ମାନବିକ ହସ୍ତକ୍ଷେପ ଯୋଗୁଁ ସନ୍ତୋଷ ମଲ୍ଲିକଙ୍କ ମରଶରୀରକୁ କେରଳରୁ ତାଙ୍କ ଜନ୍ମମାଟିକୁ ଆଣିବା ପ୍ରକ୍ରିୟାରେ ପରିବାରକୁ ଆବଶ୍ୟକ ସହାୟତା ମିଳିପାରିଛି । ଦୁଃଖଦ ସମୟରେ ମୃତକଙ୍କ ପରିବାର ପାଖରେ ଛିଡ଼ା ହୋଇ ସହଯୋଗର ହାତ ବଢ଼ାଇଥିବାରୁ ପରିବାର ପକ୍ଷରୁ ଜିଲ୍ଲାପାଳ ଏବଂ ସ୍ୱାକ ପରିବାର ପ୍ରତି ଆନ୍ତରିକ କୃତଜ୍ଞତା ଜ୍ଞାପନ କରାଯାଇଛି । ଦାଦନ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁ ରୋକିବା ସହିତ ନିଜ ଜିଲ୍ଲାରେ ରୋଜଗାର ସୃଷ୍ଟି, ଶ୍ରମିକଙ୍କ ସୁରକ୍ଷା ଓ ସଙ୍କଟ ସମୟରେ ତୁରନ୍ତ ସରକାରୀ ସହାୟତା ଯୋଗାଇବା ଦିଗରେ ଅଧିକ ପ୍ରଭାବୀ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସାଧାରଣ ମହଲରେ ମତ ପ୍ରକାଶ ପାଉଛି ।

ଜଙ୍ଗଲ ସୁରକ୍ଷା ଏବଂ ବେଆଇନ ଖଣିଜ ପରିବହନ ରୋକିବାରେ ବଣାଇଁ ବନଖଣ୍ଡର ଅଭୂତପୂର୍ବ ସଫଳତା

ବଣାଇଁ, ୦୬/୧୦ (ଆ.ପ୍ର) : ଗତ ପାଂଚ ମାସ ମଧ୍ୟରେ କୋଇଡା ବନାଂଚଳ ମଧ୍ୟରେ ଥିବା ଜଙ୍ଗଲ ଅଂଚଳରୁ ବେଆଇନ ଖଣିଜ ପଦାର୍ଥ ଏବଂ ପ୍ରମୁଖ ଖଣିଜ ପଦାର୍ଥ ପରିବହନକୁ ରୋକିବାରେ ବଣାଇଁଗଡ ବନଖଣ୍ଡ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ନିରନ୍ତର କାର୍ଯ୍ୟାନୁଷ୍ଠାନ ଅଭିଯାନ ଫଳରେ ବନାଂଚଳରେ ବେଆଇନ ପରିବହନ/ଖଣି କାର୍ଯ୍ୟକଳାପରେ ଜଡିତ ପାଂଚଟି ଭାରୀ ଯାନ ଏବଂ ଗୋଟିଏ ଜେସିବି ମେସିନ ଜବତ କରାଯାଇଛି ଏବଂ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ବଣାଇଁଗଡ ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶରେ ଦିନରାତି ପାଟ୍ରୋଲିଂ, ସଠିକ ସ୍ଥାନ ଚିହ୍ନଟ ଏବଂ ବେଆଇନ ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ପରିବହନ ପ୍ରବଣ ଜଙ୍ଗଲ ଅଂଚଳ ଉପରେ ନିରନ୍ତର ନଜର ରଖିବା ଦ୍ୱାରା ଏହି ସଫଳତା ହାସଲ କରାଯାଇଛି । କୋଇଡା ବନାଂଚଳର କଣ୍ଟକର ରୂଖଣ୍ଡ ଏବଂ ବ୍ୟାପକ ଖଣି କ୍ଷେତ୍ରକୁ ବିଚାରକୁ ନେଇ, ମୁଖ୍ୟ ଖଣିଜ ପଦାର୍ଥର ବେଆଇନ ଉତ୍ତୋଳନ ଏବଂ ପରିବହନ ପାଇଁ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇଥିଲା । ଇତି ମଧ୍ୟରେ ଗୋଟିଏ ୧୬ ଚକିଆ ଟ୍ରକ ଖଜୁରଡିହି ପିଆରଏଫ ଭିତରେ ପ୍ରାୟ ୩୭.୦୦ ମେଟ୍ରିକ ଟନ୍ ଲୁହାପଥର ବେଆଇନ ଭାବରେ ପରିବହନ କରୁଥିବା ସମୟରେ ଏକ ଟ୍ରକ ଓଡି ୦୨ ସିଲି ୦୦୪୦କୁ ଜବତ କରାଯାଇଥିଲା । ଏହି ଅପରାଧରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ବିକାଶ ତାଣ୍ଡି, ବୟସ ୩୨ ବର୍ଷ, ପୁଅ ଲଖନ ତାଂତି, ବଡ଼ବିଲ, ଜିଲ୍ଲା କେନ୍ଦୁଝରରେ । ସାଧୁଚରଣ କାଲା, ବୟସ ୧୮ ବର୍ଷ, ପୁଅ ବିର୍ଶା କାଲା, ଗ୍ରାମ ପଟାବେଡା, ପିଏସ୍ କୋଇଡା, ଜିଲ୍ଲା ସୁନ୍ଦରଗଡ଼ । ୨୦୨୬-୨୭ ର ଓ.ଆର. ନଂ ୫୭କେ ଅନୁଯାୟୀ ଏକ ବନ ଅପରାଧ ମାମଲା ରୁଜୁ କରାଯାଇଥିଲା । ୧୬ ଚକିଆ ଟ୍ରକ ଜବତ – ୧୫.୦୮.୨୦୨୬ ୧୫.୦୮.୨୦୨୬ ରେ, ଗୋଣ୍ଡୁଆ ପିଆର ଏଫ୍ ଭିତରେ ପ୍ରାୟ ୪୪.୮୪ ମେଟ୍ରିକ ଟନ୍ ବେଆଇନ୍ ପରିବହନ ଲୁହାପଥର ବୋଝେଇ କରୁଥିବା ସମୟରେ ଏକ ୧୬ ଚକିଆ ଟ୍ରକ୍ ଓଡି ୦୯ ଭି ୨୫୮୧କୁ ଜବତ କରାଯାଇଥିଲା । ଏହି ମାମଲାରେ ଏକ ବନ ଅପରାଧ ମାମଲା ରୁଜୁ କରାଯାଇଥିଲା । ସେହି ଦିନ, ଗୋଣ୍ଡୁଆ ପିଆର ଏଫ ରେ ଆଉ ଏକ ୧୬ ଚକିଆ ଟ୍ରକ୍ ଓଡି ୦୯ ପି ୮୯୦୦କୁ ଜବତ କରାଯାଇଥିଲା, ଯେଉଁଥିରେ ପ୍ରାୟ ୯.୫୬୦ ମେଟ୍ରିକ ଟନ୍ ବେଆଇନ୍ ଲୁହାପଥର ବୋଝେଇ କରାଯାଇଥିଲା । ଜଣେ ଅଭିଯୁକ୍ତ, ଚରଣ ଗୋପ, ବୟସ ୩୩ ବର୍ଷ, ପୁଅ ବିରଂଚି ଗୋପ, ପୋଖରପିଲ୍, ପୋ- ଜେଟେୟା, ନୋଆମୁଣ୍ଡି ବଜାର, ଜିଲ୍ଲା ପଶ୍ଚିମ ସିଂହଭୂମି, ଝାଡ଼ଖଣ୍ଡକୁ ଏହି ଅପରାଧରେ ଗିରଫ କରାଯାଇଥିଲା । ମାମଲାଟି ଓ.ଆର. ନଂ ୬୮କେ ଓ ୬୯କେ ଅଫ୍ ୨୦୨୬-୨୭ ଅନୁଯାୟୀ ପଞ୍ଜିକୃତ ହୋଇଥିଲା । ୧୬ ଚକିଆ ଟ୍ରକ ଏବଂ ଜେସିପି ମେସିନ୍ ଜବତ – ୦୫.୧୦, ୨୦୨୬ ୦୫.୧୦.୨୦୨୬ ରେ, ଗଣ୍ଡୁଆ ପିଆରଏଫ ରେ ଏକ ଅପରେସନ୍ ସମୟରେ ବନ ବିଭାଗ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିଲା । ପ୍ରାୟ ୧୧.୬୮୦ ଏମଟି ବେଆଇନ ଲୁହାପଥର ବୋଝେଇ କରୁଥିବା ସମୟରେ ପଞ୍ଜିକରଣ ନଂ ଓଡି ୦୯ ଭି ୫୭୫୪ ବିଶିଷ୍ଟ ଏକ ୧୬ ଚକିଆ ଟ୍ରକ୍ ଜବତ କରାଯାଇଥିଲା । ଅପରେସନ୍ ସମୟରେ, ଗଣ୍ଡୁଆ ପିଆରଏଫ ମଧ୍ୟରେ ବେଆଇନ ଖଣି/ନିଷ୍କାସନ କାର୍ଯ୍ୟରେ ସମ୍ପୃକ୍ତି ପାଇଁ ପଞ୍ଜିକରଣ ନଂ ଓଡି ୦୯ ଏଡି ୯୦୫୪ ବିଶିଷ୍ଟ ଏକ ଜେସିପି ମେସିନ ମଧ୍ୟ ଜବତ କରାଯାଇଥିଲା । ଅପରାଧ ସହିତ ଜଡିତ ପୃଥକ ମାମଲା ପଞ୍ଜିକୃତ କରାଯାଇଥିଲା, ଯେପରିକି ଓ.ଆର. ନଂ ୯୧ କେ ଅଫ୍ ୨୦୨୬-୨୭ ଏବଂ ୟୁ.ଡି. ନଂ ୦୮କେ ଅଫ୍ ୨୦୨୬-୨୭ ଅନୁଯାୟୀ ଏକ ବନ ଅପରାଧ ମାମଲା ରୁଜୁ କରାଯାଇଥିଲା । ପ୍ରକାଶ ଥାଉକି, ବଣାଇଁଗଡ ବନଖଣ୍ଡ, କୋଇଡା ଫରେଷ୍ଟ ରେଞ୍ଜର ସମ୍ବେଦନଶୀଳ ଜଙ୍ଗଲ ଅଂଚଳରେ ନଜର ଏବଂ ସୁରକ୍ଷା ପଦକ୍ଷେପକୁ ତୀବ୍ର କରାଯାଉଛି । ବେଆଇନ ଖଣି, ପରିବହନ ଏବଂ ଜଙ୍ଗଲ ସମ୍ପଦକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ଅପରାଧକୁ ରୋକିବା ପାଇଁ ଦିନରାତି ପାଟ୍ରୋଲିଂ, ସୁରକ୍ଷା ଦଳଗୁଡ଼ିକର ରଣନୈତିକ ନିୟୋଜିତ ଏବଂ ଅଚାନକ କାର୍ଯ୍ୟାନୁଷ୍ଠାନ ଅଭିଯାନ କରାଯାଉଛି । ସାମ୍ପ୍ରତିକ କାର୍ଯ୍ୟାନୁଷ୍ଠାନ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଜଙ୍ଗଲ ଅଂଚଳ ମଧ୍ୟରେ ବେଆଇନ ଖଣିଜ ପଦାର୍ଥ ପରିବହନ, ଖଣିଜ ପଦାର୍ଥ ପରିବହନ ଏବଂ ଅନ୍ୟାନ୍ୟ ଯେକୌଣସି ବେଆଇନ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ । ବନ ବିଭାଗ ସମ୍ବେଦନଶୀଳ ଅଂଚଳରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଅଚାନକ ଯାଂଚ ଜାରି ରଖିବ । ବେଆଇନ ଖଣି, ଖଣିଜ ପଦାର୍ଥ ପରିବହନ କିମ୍ବା ଅନ୍ୟାନ୍ୟ ଜଙ୍ଗଲ ସମ୍ବନ୍ଧୀୟ ଅପରାଧରେ ସମ୍ପୃକ୍ତ ଥିବା ଯେକୌଣସି ବ୍ୟକ୍ତି, ଯାନବାହାନ, ଯନ୍ତ୍ରପାତି କିମ୍ବା ସଂସ୍ଥା ପ୍ରଯୁଜ୍ୟ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ପ୍ରଧାନଶିକ୍ଷକ ସ୍ୱର୍ଗତ ଉତମ ସାରଙ୍କ ସ୍ମୃତିଚାରଣ ସଭା

ଟାଙ୍ଗୀ ଚୌଦ୍ୱାର, ୦୬/୧୦ (ଆ.ପ୍ର) : ଚୌଦ୍ୱାର ପୌରପାଳିକା ଅଧିନ ୭ନଂ ୱାର୍ଡ ନିବାସୀ ପ୍ରଧାନଶିକ୍ଷକ ଉତମ ଚରଣ ନାୟକଙ୍କ ବିୟୋଗରେ ଏକ ସ୍ମୃତି ସଭା ଓଟିଏମ କଲୋନୀ ସ୍ଥିତ ବାପୁଜୀ ସରକାରୀ ପ୍ରାଥମିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପାର୍ଷଦ ଦିଲ୍ଲୀପ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅଂଚଳର ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ଓ ମହିଳା ମାନେ ଯୋଗଦେଇ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ପ୍ରଧାନ ଶିକ୍ଷକ ଉତମ ନାୟକଙ୍କ ଫୋଟୋଚିତ୍ର ରଖି ସ୍କୁଲର ଛାତ୍ର ଛାତ୍ରୀ, ଶିକ୍ଷୟତ୍ରୀ, ପ୍ରଧାନଶିକ୍ଷୟତ୍ରୀ, ଅଂଚଳର ମହିଳା ମାନେ ଓ ନେତୃସ୍ଥାନୀୟ ବ୍ୟକ୍ତି, ମାନେ ପ୍ରଥମେ ନିରବ ପାର୍ଥନା କରି ଉପସ୍ଥିତ ବ୍ୟକ୍ତି ମହିଳା ଓ ସ୍କୁଲ ପିଲାମାନେ ପ୍ରଧାନଶିକ୍ଷକଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ଥାନୀୟ ପାରିଷଦ ଦିଲ୍ଲୀପ ସାହୁ ତାଙ୍କ ଅଭିଭାଷଣରେ ସ୍ୱର୍ଗତ ଉତମ ସାର କିଭଳି ଏଠାରେ ୧୯୭୨ମସିହାରେ ସ୍କୁଲ ପ୍ରତିଷ୍ଠା କରି ହଜାର ହଜାର ପିଲାମାନଙ୍କର ଭବିଷ୍ୟତ ଗଢ଼ିଛନ୍ତ । ଗୁରୁ ଶିଷ୍ୟର ଏକ ଉଦାହରଣ ଦେଖିବାକୁ ମିଳେ ଏହି ବାପୁଜୀ ସ୍କୁଲରେ, ବର୍ତମାନର ସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଉତମ ସାରଙ୍କ ସହିତ ବିଦ୍ୟାଳୟ କାର୍ଯ୍ୟରେ ବିତାଇଥିବ ସମୟ ବିଷୟରେ ସ୍ମୃତିଚାରଣ କରିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ନିରଞ୍ଜନ ମହାନ୍ତି, ବସନ୍ତ ସେଠି, ରଶ୍ମିତା ସାମଲ, ନାଲୁ ବାରିକଙ୍କ ସମେତ ବହୁ ୱାର୍ଡ ବାସି ଉପସ୍ଥିତ ଥିଲେ ।

ମକା ବ୍ୟବସାୟୀଙ୍କୁ ସର୍ବସମ୍ମୁଖରେ ଛୁରା ମାଡ଼

କୋରାପୁଟ, ୦୬/୧୦ (ଆ.ପ୍ର) : କୋରାପୁଟ ସହରର ବସଷ୍ଟାଣ୍ଡ ପରିସରରେ ସ୍ପଷ୍ଟ ଦିବାଲୋକରେ ଜଣେ ମକା ବ୍ୟବସାୟୀଙ୍କୁ ଛୁରା ମାଡ଼ କରାଯାଇଛି । ଏହି ଘଟଣା ସ୍ଥାନୀୟ ଅଂଚଳରେ ଆତଙ୍କ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ଟିକିରା ସାହିର ଜୋସେଫ ସାଗର ବସଷ୍ଟାଣ୍ଡ ମଧ୍ୟରେ ମକା ବ୍ୟବସାୟ କରୁଥିବା ସମୟରେ ହଠାତ୍ ବ୍ୟବସାୟୀଙ୍କ ଉପରକୁ ମରଣାତ୍ମକ ଆକ୍ରମଣ ହୋଇଥିଲା । ଆକ୍ରମଣକାରୀ ଜଣକ ଛୁରୀ ସାହାଯ୍ୟରେ ବ୍ୟବସାୟୀଙ୍କୁ ଆଘାତ କରି ସେଠାରୁ ଫେରାର ହୋଇଯାଇଥିଲା । ଛୁରାମାଡରେ ଦୋକାନୀଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟ ବଡ଼ ମେଡିକାଲରେ ଭର୍ତି କରାଯାଇଛି । ଏହି ସମ୍ପୂର୍ଣ୍ଣ ଦର୍ବରୋଚିତ ଘଟଣାର ଦୃଶ୍ୟ ବସଷ୍ଟାଣ୍ଡରେ ଲଗାଯାଇଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଛୁରାମାଡ଼ କରିଥିବା ବ୍ୟକ୍ତିଙ୍କ ନାମ ରୋହିତ ସୂର୍ଯ୍ୟ ସେ ଆହତ ଜୋସେଫଙ୍କ ସମ୍ପର୍କୀୟ ଭାଇ ବୋଲି ସୂଚନା ମିଳିଛି । ତେବେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ସୂଚନା ମିଳିଛି । ଘଟଣା ସମ୍ପର୍କରେ ଖବର ପାଇ ଟାଉନ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ ଆକ୍ରମଣକାରୀକୁ ଚିହ୍ନଟ କରିବା ସହ ଧରିବା ପାଇଁ ଛାନଭିନ୍ ଜାରି ରଖିଛି । ଫେରାର ଯୁବକଙ୍କୁ ଧରିବା ସହ ଘଟଣାର ପ୍ରକୃତ କାରଣ ଖୋଜୁଛି ପୁଲିସ ।

୨୬ ଲିଟର ଦେଶୀ ମଦ ଜବତ, ୨ ଗିରଫ

ଦଶପଲ୍ଲା, ୦୬/୧୦ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚୋରା ଦେଶୀ ମଦ ବିରୋଧରେ ଚଢ଼ାଉ କରାଯାଇ ଦୁଇଟି ପୃଥକ ମାମଲାରେ ଦୁଇଜଣଙ୍କୁ ଗିରଫ କରାଯିବା ସହ ୨୬ ଲିଟର ଦେଶୀ ମଦ ଜବତ କରାଯାଇଛି । ପ୍ରଥମ ଘଟଣାରେ ପିଆର ନଂ . ୯୭/୨୦୨୬-୨୭ ଅନୁଯାୟୀ ନୂଆଗାଁ ଥାନା ଅଧୀନ ଥୁଆବାରୀ ଗ୍ରାମର ନିରଞ୍ଜନ ସାହୁ (୪୬)ଙ୍କୁ ରଣିଆ ଥାନା ଅନ୍ତର୍ଗତ ଗୋପାଳପୁର ଛକ ନିକଟରୁ ସକାଳ ସମୟରେ ୧୪ ଲିଟର ଦେଶୀ ମଦ ଜବତ କରାଯାଇଥିଲା । ସେହିପରି ପିଆର ନଂ . ୯୮/୨୦୨୬- ୨୭ ଅନୁଯାୟୀ ଦଶପଲ୍ଲା ଥାନା ଅଧୀନ ଖଳିସାହି ଗ୍ରାମର ବିରଂଚି ନାଏକ (୩୮)ଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି । ଉଭୟଙ୍କୁ ଗିରଫ କରାଯାଇଥିଲା । ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲଙ୍କ ନେତୃତ୍ୱରେ କନଷ୍ଟେବଳ ପ୍ରଦୀପ କୁମାର ନାଏକ, ପ୍ରହ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

ମନି ପର୍ସ ସହ ଟଙ୍କା ଓ ଏଟିଏମ କାର୍ଡ ଫେରାଇ ବଦାନ୍ୟତା ଦେଖାଇଲେ ଯୁବକ

ଯାଜପୁର, ୦୬/୧୦ (ଆ.ପ୍ର) : ଯାଜପୁର ଜିଲ୍ଲା କଟିଆ ମଙ୍ଗଳପୁର ଗ୍ରାମର ମହମ୍ମଦ ଫୈଜାନ୍ ଆକ୍ରମ୍ ନିଜ ଘରୁ ବାଇକ୍ ଯୋଗେ ଭୁବନେଶ୍ୱର ଯିବା ବେଳେ ଯାଜପୁର ସଦର ଥାନା ଅନ୍ତର୍ଗତ ବୁଢା ଘାଟ ନିକଟରେ ରାସ୍ତାରେ ପଡ଼ିଥିବା ଏକ ମନିପର୍ସ ପାଇଥିଲେ । ମାନିପର୍ସ ମଧ୍ୟରେ ଥିବା ୩ ଗୋଟି ଏଟିଏମ୍ କାର୍ଡ ସହ ୭୩୦୦ ଟଙ୍କା ଥିବା ଦେଖି ଏଟିଏମ୍ କାର୍ଡରେ ଥିବା ନମ୍ବର୍‌ରୁ ମଣିପର୍ସ ହଜାଇଥିବା ବ୍ୟକ୍ତିର ପରିଚୟ ପାଇ ହଜାଇ ଥିବା ବ୍ୟକ୍ତିଙ୍କୁ ସୂଚନା ଦେବାସହ ସଦର ଥାନାରେ ମଣୀପର୍ସ ଜିମାଦେଇ ଥିଲେ । ପରେ ମନୀପର୍ସ ହଜାଇଥିବା ମାସଢ଼ା କଲ୍ୟାଣପୁର ଗ୍ରାମର ସଙ୍ଗୀତ ସାହୁଙ୍କ ପିତା ସୁରେନ୍ଦ୍ର ସାହୁ ସଦର ଥାନାରେ ପହଂଚି ଉପଯୁକ୍ତ ପ୍ରମାଣ ଦେଇ ଟଙ୍କା ସହ ମନି ପର୍ସ ନେଇଥିଲେ ଓ ପର୍ସ୍ ଟିକୁ ପାଇଥିବା ଯୁବକଙ୍କ ବଦାନ୍ୟତା ପାଇଁ ଫୋନ୍ ଯୋଗେ ଧନ୍ୟବାଦ୍ ଜଣାଇଥିଲେ । ଯୁବକଙ୍କ ଏଭଳି ବଦାନ୍ୟତା ପାଇଁ ସଦର ଥାନା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ଜଣାପଡିଛି ।

ପାତ୍ରପୁରରେ ପୋଷଣ ମାସ ପାଳନ

ପାତ୍ରପୁର, ୦୬/୧୦ (ଆ.ପ୍ର) : ପାତ୍ରପୁର ବ୍ଲକରେ 'ପୋଷଣ ମାସ-୨୦୨୬' ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ସୁସ୍ଥ ଶିଶୁ, ସୁସ୍ଥ ପରିବାର ଏବଂ ଆମ ଅଙ୍ଗନୱାଡ଼ି ଆମ ଦାୟିତ୍ୱ ବାର୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ ଓ ମହିଳାଙ୍କ ପୋଷଣ, ସ୍ୱାସ୍ଥ୍ୟ ଏବଂ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷଣର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ବିଶେଷକରି ଶିଶୁଙ୍କ ସୁସ୍ଥ ବିକାଶ ପାଇଁ ପୁଷ୍ଟିକର ଖାଦ୍ୟ, ସ୍ୱଚ୍ଛତା ଓ ନିୟମିତ ସ୍ୱାସ୍ଥ୍ୟ ଯତ୍ନ ଅତ୍ୟନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ବିଡିଓ ଲକ୍ଷ୍ମଣ ଚରଣ ସୋରେନ ଓ ସିଡିପିଓ ନମିତା ପଣ୍ଡା ମଂଚାସୀନ ଥିଲେ । ଅଙ୍ଗନୱାଡ଼ି କର୍ମୀମାନଙ୍କ ଭୂମିକା ଓ ଶିଶୁ ତଥା ମାଁ ମାନଙ୍କ ପୋଷଣ ନିଶ୍ଚିତ କରିବାରେ ଅଙ୍ଗନୱାଡ଼ି କେନ୍ଦ୍ରର ଗୁରୁତ୍ୱ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଅଙ୍ଗନୱାଡ଼ି ସଂଘ ସଭାପତି ହେମଲତା ମହାନ୍ତି କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିଲେ । ମନ୍ତ୍ରଶ୍ରୀ ମହାରଣା ଓ ସାନ୍ତ୍ୱ କୁମାରି ବେହେରା କବିତା ପାଠ କରି ଉପସ୍ଥିତ ସମସ୍ତଙ୍କ ମନ ଜିଣିଥିଲେ । ପୋଷଣ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ଶିଶୁ ଓ ମହିଳାଙ୍କ ସୁସ୍ଥତା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା । ଏହା ସହିତ ପୋଷଣ ଅଭିଯାନର ଲକ୍ଷ୍ୟକୁ ସଫଳ କରିବା ପାଇଁ ଅଙ୍ଗନୱାଡ଼ି କର୍ମୀ ଓ ସମାଜର ସମସ୍ତ ବର୍ଗର ଲୋକଙ୍କୁ ଆଗେଇ ଆସିବାକୁ ଆହ୍ୱାନ କରାଯାଇଥିଲା ।

ପୁରୀବାସୀଙ୍କ ୧୮୯ ଦିନରେ ସଚେତନତା ପଦଯାତ୍ରା

ପୁରୀ, ୦୬/୧୦ (ଅ.ପ୍ର) : ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀବାସୀଙ୍କ ନିମନ୍ତେ ସ୍ଥାୟୀ, ସ୍ୱଷ୍ଟ ଓ ସମ୍ମାନଜନକ ବ୍ୟବସ୍ଥା ଦାବିରେ ଗତ ୧ ଅପ୍ରେଲ ଉତ୍କଳ ଦିବସରୁ ଶ୍ରୀଗୁଣ୍ଡିଚା ମନ୍ଦିର ଓ ତା ପରଦିନ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଚାଲିଥିବା ସଚେତନତା ପଦଯାତ୍ରା ମଙ୍ଗଳବାର ୧୮୯ ଦିନରେ ପହଂଚିଛି । ପବିତ୍ର ଇନ୍ଦିରା ଏକାଦଶୀ ଭଳି ପବିତ୍ର ଦିନରେ ମଧ୍ୟ ପୁରୀବାସୀ ନିଜ ଆରାଧ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇଁ ସ୍ଥାୟୀ ବ୍ୟବସ୍ଥାରୁ ବଂଚିତ ରହିବା ଗଭୀର ବେଦନାର ବିଷୟ ବୋଲି ସତ୍ୟାଗ୍ରହୀମାନେ କହିଛନ୍ତି । ଅସ୍ଥାୟୀ ବ୍ୟବସ୍ଥା ବଦଳରେ ପୁରୀବାସୀଙ୍କ ପାଇଁ ଏକ ସ୍ଥାୟୀ ଓ ସମ୍ମାନଜନକ ସମାଧାନ କରିବାକୁ ସରକାରଙ୍କୁ ଦାବି କରାଯାଇଛି । ଏହି ସଚେତନତା ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଯାଦବାନନ୍ଦ ରାୟ, କିଶୋର ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ମହାନ୍ତି, ସନ୍ଧ୍ୟାରାଣୀ ମିଶ୍ର, ଶୁଭଶ୍ରୀ ମହାରଣା, ମନୀଷା ପାତ୍ର, ଟିକି ସାହୁ, ତ୍ରିଶା ରାଉତ, ତନୁପ୍ରିୟା ଦାଶ, ମମତା ସ୍ୱାଇଁ, କାହ୍ନୁଚରଣ ପ୍ରଧାନ, ଜୁପିଟର ଦାସ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ବରୁଣ ମହାପାତ୍ର, ଲାଲା ଅନନ୍ତ ସିଂହ, ଗଦାଧର ମହାରଣା, ଅଭିମନ୍ୟୁ ରାୟଗୁରୁ, ଭୋଳା ଓ ସୁବାସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଯୋଗଦେଇଥିଲେ । ୧୮୯ ଦିନର ଏହି ଅବିରତ ପଦଯାତ୍ରା ଦର୍ଶାଉଛି ଯେ, ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ପଦ୍ଧତିରେ ଦାବି ଉପସ୍ଥାପନ କରିବାରେ ପୁରୀବାସୀଙ୍କ ସଂକଳ୍ପ ଆଜି ମଧ୍ୟ ଅତୁଟ । ପ୍ରତୀକ୍ଷା ଲମ୍ବା ହୋଇପାରେ, କିନ୍ତୁ ଅଧିକାର ପାଇଁ ଅହିଂସାତ୍ମକ ସଂକଳ୍ପ ଦୁର୍ବଳ ହୋଇନାହିଁ । ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ନିରବ ସତ୍ୟାଗ୍ରହ ଓ ସଚେତନତା ପଦଯାତ୍ରା ଅବ୍ୟାହତ ରହିବ ବୋଲି ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ।

ବାଇଗୁଁଣିଆ ପଂଚାୟତରେ ନୂତନ ସଭାଗୃହ ଉଦ୍ଘାଟିତ

ଭାପୁର, ୦୬/୧୦ (ଆ.ପ୍ର) : ଭାପୁର ବ୍ଲକ ବାଇଗୁଁଣିଆ ପଂଚାୟତ ପରିସରରେ ନୂତନ ସଭାଗୃହ ଉଦ୍ଘାଟିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ପଂଚାୟତ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଂଚ ନିରୂପମା ମହାରଣା ଯୋଗଦେବା ସହିତ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ସଭାଗୃହ ପଂଚାୟତ ପରିସରରେ ନିର୍ମାଣ କରାଯାଇଥିବା ବେଳେ ଏଣିକି ଦୀର୍ଘଦିନର ସମସ୍ୟା ଦୂରହେବ । ପୂର୍ବରୁ ପଂଚାୟତ ମଧ୍ୟରେ ବୈଠକ କରିବା ନିମନ୍ତେ ନାନା କସରତ କରିବାକୁ ପଡୁଥିବା ବେଳେ ଏବେ କିନ୍ତୁ ଏ ସମସ୍ୟା ସମାଧାନ ହେବ ବୋଲି ସରପଂଚ ଶ୍ରୀମତୀ ମହାରଣା କହିଛନ୍ତି । ବିଶେଷକରି ପଂଚାୟତରେ ବଢୁଥିବା ଜନସଂଖ୍ୟାକୁ ଲକ୍ଷ କରି ଏଭଳି ନିଷ୍ପତି ନିଆଯାଇଥିବା ବେଳେ କିନ୍ତୁ ଅନୁଦାନ ଅର୍ଥ ଅଭାବ ହେତୁ ଏହା ସାକାର ହୋଇ ପାରୁନଥିଲା । ତେବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ପଂଚାୟତର ପ୍ରମୁଖ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେଇ ଆର୍ଥିକ ଅନୁଦାନ ମଞ୍ଜୁର କରିଥିଲେ । ଫଳରେ ପଂଚାୟତ ପରିସରରେ ଏହି ସଭାଗୃହ ଏବେ ସାକାର ହୋଇଥିବା ସରପଂଚ ଶ୍ରୀମତୀ ମହାରଣା କହିଛନ୍ତି । ପଂଚାୟତର ୨୪ ୱାର୍ଡ ବିଶିଷ୍ଟ ସଦସ୍ୟଙ୍କ ଉପସ୍ଥିତିରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା ପରେ ଆଜିର ଏହି ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପିଇଓ ରାଧାଶ୍ୟାମ ମାଝି, ଏଡିଇଓ ସ୍ମୃତିରଞ୍ଜନ ନାୟକ, ନାଏବ ସରପଂଚ କେଦାର ଚନ୍ଦ୍ର ପ୍ରଧାନ, ସରପଂଚଙ୍କ ପ୍ରତିନିଧି ନାରାୟଣ ମହାରଣା, ୱାର୍ଡସଭ୍ୟ ଜ୍ୟୋତିରଞ୍ଜନ ମହାରଣା, ସୁଦର୍ଶନ ମଲ୍ଲିକ, ପୁଷ୍ପାଞ୍ଜଳି ଦାସ, ମାନସ ବିଶ୍ୱାଳ, ସରୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

୨୩ ଖଣ୍ଡ ଶାଳ କାଠ ଜବତ, ଜଣେ ଅଭିଯୁକ୍ତ ଅଟକ

ଝରୀଗାଁ, ୦୬/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରୀଗାଁ ବନାଂଚଳ ଅଧୀନ କଂଗ୍ରା ଗ୍ରାମ ନିକଟ ଜଙ୍ଗଲ ଅଂଚଳରେ ବନ ବିଭାଗ ପକ୍ଷରୁ ଚଳାଯାଇଥିବା ଏକ ସ୍ୱତନ୍ତ୍ର ଚଢ଼ାଉରେ ବହୁ ପରିମାଣର ଶାଳ ସାଇଜ କାଠ ଜବତ ହେବା ସହ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି । ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୫ଟା ୪୫ ମିନିଟ ସମୟରେ ବନ ବିଭାଗର ଏକ ଟିମ୍ କଂଗ୍ରା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ସେଠାରୁ ୨୩ ଖଣ୍ଡ ଶାଳ ସାଇଜ କାଠ, ଗୋଟିଏ କରତ, ଦୁଇଟି ଟାଙ୍ଗିଆ ଏବଂ ଗୋଟିଏ ମୋଟରସାଇକେଲ ଜବତ କରାଯାଇଥିଲା । ଜବତ ହୋଇଥିବା ମୋଟରସାଇକେଲଟି ଏକ ହିରୋ ସୁପର ସ୍ପ୍ଲେଣ୍ଡର (ନୀଳ ରଙ୍ଗ) ହୋଇଥିବାବେଳେ ଏହାର ପଞ୍ଜୀକରଣ ସଂଖ୍ୟା ଡଭ-୦୪-ଗଭ-୪୩୨ ବୋଲି ଜଣାପଡ଼ିଛି । ଏହି ଘଟଣାରେ କଂଗ୍ରା ଗ୍ରାମର ଶିବରାମ ଛଡ଼ିଆ (୫୨), ପିତା–ଲାଇସିଂ ଛଡ଼ିଆଙ୍କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି । ଚଢ଼ାଉ କାର୍ଯ୍ୟରେ ଝରୀଗାଁ ରେଞ୍ଜର ସୁଶାନ୍ତ ସିଂ, ଫରେଷ୍ଟର ମନରଞ୍ଜନ ନାୟକ, ରମାକାନ୍ତ ସାହୁ, ଫରେଷ୍ଟ ଗାର୍ଡ ସୁଶାନ୍ତ ମାଝୀଙ୍କ ସମେତ ପାରା ଷ୍ଟାଫ ଓ ଅନ୍ୟାନ୍ୟ ବନ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ । ବନ ସମ୍ପଦ ସୁରକ୍ଷା ଦିଗରେ ବନ ବିଭାଗର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଥିବା ବେଳେ, ଘଟଣା ସମ୍ପର୍କରେ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

ସାଇଲୋ ପଂଚାୟତର ଦିବଂଗତ ସରପଂଚ ସ୍ୱର୍ଗତ ସରୋଜ କୁମାର ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ତିର୍ତୋଲ/ରାହାମା, ୦୬/୧୦ (ଆ.ପ୍ର) : 'ମଣିଷ ଆରପାରିକୁ ଚାଲିଯାଏ ସିନା, ହେଲେ ତା'ର ସେବା, ଆତ୍ମୀୟତା ଓ ମହାନତା ସଦାସର୍ବଦା ଜୀବନ୍ତ ହୋଇ ରହିଥାଏ ।' ସାଇଲୋ ମାଟିର ଗୋଟିଏ ବର୍ଷର ବିରହ ଏବଂ ଅପୂରଣୀୟ ଶୂନ୍ୟତାକୁ ସାଥିରେ ନେଇ ଆଜି ପ୍ରାକ୍ତନ ସରପଂଚ ତଥା ଜନପ୍ରିୟ ସମାଜସେବୀ ସ୍ୱର୍ଗତ ସରୋଜ କୁମାର ସେଠୀ (ସରୋଜ ଭାଇ)ଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ମୃତିସଭା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଦେରମାଣପୁର (ମଠସାହି) ସ୍ଥିତ ତାଙ୍କ ବାସଭବନରେ ଅତ୍ୟନ୍ତ ଅଶ୍ରୁଳ ଓ ଭାବବିହ୍ୱଳ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସରୋଜ ଭାଇ ଜନସେବା ସଂଗଠନ' ଓ 'ସରୋଜ ସ୍ମୃତି କମିଟି'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତିସଭାର ଆରମ୍ଭରେ ଅଭୟ ଦାସଙ୍କ ଦ୍ୱାରା ଗୀତା ପାଠ, ପ୍ରଦୀପ ପ୍ରଜ୍ୱଳନ ଏବଂ ସ୍ୱର୍ଗତ ସେଠୀଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସ୍ମୃତିସଭାରେ ଅତିଥି ଭାବେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ଜ୍ୟୋତିର୍ବିଦ ଡ଼. ଅରୁଣ କୁମାର ପାଣି, ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସାଦ ଜେନା, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ପାରାଦ୍ୱୀପ ଶିଳ୍ପାଂଚଳର ଶ୍ରମିକ ନେତା ଅରିନ୍ଦମ ସର୍କେଲ, ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର, ଆଇନଜୀବୀ ଗତିକୃଷ୍ଣ ଶତପଥି, ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ, ଆଇନଜୀବୀ ରମେଶ ସାହୁ, ପୋଡନାଇ ପଂଚାୟତର ସରପଂଚ ବ୍ରଜକିଶୋର ମହାରାଜ, ଜଗତସିଂହପୁରର ପୂର୍ବତନ ସାଂସଦ ଡ଼. କୁଳମଣି ସାମଲ, କୁଜଙ୍ଗ ବ୍ଲକ ଜୋନ-୨ର ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଜୟ କୁମାର ସାହୁ, କୁଜଙ୍ଗ ବ୍ଲକର ସମାଜସେବୀ ମୁନ୍ନ ଗୁରୁ, ବର୍ତୀ କଲେଜର ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ବରୁଣି ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନାଦି ଚରଣ ଖଟୁଆ ଏବଂ ତପନ କୁମାର ଗୋଛାୟତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସରୋଜ ଭାଇଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେମାନେ କହିଥିଲେ ଯେ, ସରୋଜ ଭାଇଙ୍କ ଅକାଳ ବିୟୋଗ ଅଂଚଳ ପାଇଁ ଏକ ଅପୂରଣୀୟ କ୍ଷତି, କିନ୍ତୁ ତାଙ୍କର ଆଦର୍ଶ ଓ ଜନସେବାମୂଳକ କାର୍ଯ୍ୟ ସଦା ସମସ୍ତଙ୍କୁ ପ୍ରେରଣା ଯୋଗାଇ ଚାଲିବ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର ସ୍ୱାଇଁ ଅତ୍ୟନ୍ତ ସୁନ୍ଦର ଓ ଭାବପୂର୍ଣ୍ଣ ଭାବରେ ମଂଚ ପରିଚାଳନା କରିଥିଲେ । ସରୋଜ ଭାଇ ଆଜି ଶାରୀରିକ ଭାବେ ଆମ ଗହଣରେ ନାହାନ୍ତି ସତ, ହେଲେ ତାଙ୍କର ସ୍ମୃତି, ଆଦର୍ଶ ଓ ଜନସେବାମୂଳକ କାର୍ଯ୍ୟ ସାଇଲୋ ମାଟିର ପ୍ରତ୍ୟେକ ହୃଦୟରେ ସଦାସର୍ବଦା ଅମର ହୋଇ ରହିବ ବୋଲି ଉପସ୍ଥିତ ଅତିଥି ଓ ଗ୍ରାମବାସୀମାନେ ଭାବବିହ୍ୱଳ କଣ୍ଠରେ ପ୍ରକାଶ କରିଥିଲେ ।

ଲଗାଣ ବର୍ଷାରେ ଭୁଶୁଡି ପଡ଼ିଲା ବିଦ୍ୟାଳୟ, ଅଭିଯୋଗ ଆଣିଲେ ସିଂଘାପଡ଼ା ଗ୍ରାମବାସୀ

ଖଣ୍ଡପଡ଼ା, ୦୬/୧୦ (ଆ.ପ୍ର) : ଲଗାଣ ବର୍ଷାର ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା ଉଚ୍ଚ ବିଦ୍ୟାଳୟର ବାହ୍ୟ ପ୍ରାଚୀର ଭୁଶୁଡି ତଳେ ଖସି ପଡିଥିବା ଜଣାପଡିଛି । ତେବେ ନିମ୍ନମାନର କାର୍ଯ୍ୟ ଯୋଗୁଁ ବିଦ୍ୟାଳୟ ପ୍ରାଚୀର ଭୁଶୁଡି ପଡିଥିବା ନେଇ ଅଭିଯୋଗ ଉଠାଇ ସ୍ଥାନୀୟ ବାସିନ୍ଦା ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତୁରନ୍ତ ଉକ୍ତ ବିଦ୍ୟାଳୟର ପ୍ରାଚୀର ନିର୍ମାଣ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ସୂଚନାଯୋଗ୍ୟ ତତ୍କାଳୀନ ସରକାରଙ୍କ ଅମଳରେ ୫-ଟି ରୂପାନ୍ତରୀକରଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା । ମାତ୍ର ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟ ତଦାରଖ ଦାୟୀତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅଣଦେଖା ସାଙ୍ଗକୁ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ମନମାନୀ ଯୋଗୁଁ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସେହି ସମୟରେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଉଠାଇ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର କେହି ହେଲେ ସେତେବେଳେ ଉନ୍ନୟନ ମୂଳକ କାର୍ଯ୍ୟ ପ୍ରତି ସେତେଟା ନଜର ଦେଇ ନଥିବା ନେଇ ସିଙ୍ଘାପଡା ଗ୍ରାମବାସୀଙ୍କ ଠାରୁ ଜଣାପଡିଛି । ଫଳରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ ହେଉଛି । ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଆରମ୍ଭ
SEITHO ARAMBHA
ବୁଧବାର, ୦୭ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ସେବା ସଂକଳ୍ପ ଅଭିଯାନ ୨୦୨୬ ଅବସରରେ 'ନମୋ ସେବା ଗାଥା' ଅନ୍ତର୍ଗତ ପଥପ୍ରାନ୍ତ ନାଟକ ଅନୁଷ୍ଠିତ

କଳାହାଣ୍ଡି, ୦୬/୧୦ (ଆ.ପ୍ର) : ଆଜି ସ୍ଥାନୀୟ ଟାଉନ ହଲ ଠାରେ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ ୨୦୨୬ ଅବସରରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି । ଲୋକଙ୍କ ନିକଟରେ ସରକାରୀ ସେବା ଓ କଲ୍ୟାଣକାରୀ ଯୋଜନା ର ସୁଫଳ ପହଂଚାଇବା, ଜନ ସହଭାଗିତା ବଢ଼ାଇବା ଓ ସେବାକୁ ସାମୂହିକ ଆନ୍ଦୋଳନର ରୂପ ଦେବାକୁ ଜିଲ୍ଲାରେ ଗତ ୧୭ ସେପ୍ଟେମ୍ବରରୁ ବିଭିନ୍ନ ସେବା ସଂକଳ୍ପ ଅଭିଯାନ ୨୦୨୬ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେଉଛି ।ଏହି ପରିପେକ୍ଷୀରେ ଗତ ୨୮ ସେପ୍ଟେମ୍ବର ୨୦୨୬ ରୁ ୬ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସ୍ଥାନୀୟ କଳାକାର ଓ ସାଂସ୍କୃତିକ ଦଳ ଗୁଡ଼ିକ ଅଂଶଗ୍ରହଣ କରି ଜିଲ୍ଲାର ୧୩ ଟି ବ୍ଲକ୍‌ର ସମସ୍ତ ଗ୍ରାମ ପଂଚାୟତ ସ୍ତରରେ ଜନ କଲ୍ୟାଣକାରୀ ଯୋଜନାର ସଫଳତାକୁ ପ୍ରତିଫଳିତ କରୁଥିବା ୩୦୭ ଟି ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ । ଆଜି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱରରୁ ଆସିଥିବା ଏକ ପଥପ୍ରାନ୍ତ ନାଟକ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳ ମଧ୍ୟରେ ଉନ୍ନତିମୂଳକ ଯୋଜନା ଓ ବିକାଶକୁ ପ୍ରଦର୍ଶନ କରିଥିଲେ । ସ୍ୱଚ୍ଛ ଭାରତ, ବିଦେଶ ନିବେଶ, ଡିଜିଟାଲ ଶିକ୍ଷା, ସୋଲାର ଶକ୍ତି, ଆୟୁଷ୍ମାନ ଭାରତ,ଗ୍ରାମୀଣ ବିଜୁଳି, ଗମନାଗମନ, ସଡ଼କ, ଜଳ ସେଚନ, କୃଷି, ଅପରେସନ ସିନ୍ଦୂର, ଇଂଟରନେଟ ବ୍ୟବହାର ଓ ଯୋଗାଯୋଗ, ଡିବିଟି, ୟୁପି ଆଇ, ପ୍ରତିରକ୍ଷା ଉତ୍ପାଦନ ଉପରେ ବିଶେଷ ଗୁରୁତ୍ୱ ଦେଇ ନାଟକ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଘାନ, ସମ୍ମାନୀତ ଅତିଥି ଭାବେ ଡେପୁଟୀ କମାଣ୍ଡ (ସିଆର୍‌ପିଏଫ୍) ଏସ ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ବିଶି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କହଁର, ଡିପିଇଓ ରୂପ ସିଂ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ସହରର ବୁଦ୍ଧିଜୀବୀ, ନାଟକ ପ୍ରେମୀ ଦର୍ଶକ ଉପସ୍ଥିତ ଥିଲେ ।

ପାତ୍ରପୁର ତଳ ବସଷ୍ଟାଣ୍ଡ ରାସ୍ତା କାମରେ ଅହେତୁକ ବିଳମ୍ବ, ବଣିକ ସଂଘର ଅସନ୍ତୋଷ

ପାତ୍ରପୁର, ୦୬/୧୦ (ଆ.ପ୍ର) : ପାତ୍ରପୁର ଏନଏସି ଅନ୍ତର୍ଗତ ତଳ ବସଷ୍ଟାଣ୍ଡ ଛକରେ ରାସ୍ତା ନିର୍ମାଣ କାର୍ଯ୍ୟରେ ବିଳମ୍ବକୁ ନେଇ ମା' ଦୁର୍ଗାଦେବୀ ବଣିକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଆଜି ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ସଂଘ କହିଛି ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ପାଇଁ ଟେଣ୍ଡର ସରି ୨ ବର୍ଷରୁ ଅଧିକ ହେଲାଣି । ଜବରଦଖଲ ଉଚ୍ଛେଦ ପରେ ବସଷ୍ଟାଣ୍ଡର ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଶେଷ ହୋଇଛି ସତ ହେଲେ ମୂଳ ରାସ୍ତା ନିର୍ମାଣ ଆରମ୍ଭ ହୋଇନାହିଁ । ଫଳରେ ରାସ୍ତାରେ ବ୍ୟବସାୟୀ, ଗ୍ରାହକ ଏବଂ ପ୍ରତିଦିନ ହଜାର ହଜାର ଯାତ୍ରୀ ଦୁର୍ଦ୍ଦଶା ଭୋଗୁଛନ୍ତି । ସାମ୍ନାରେ ଦୁର୍ଗା ପୂଜା ଥିବାରୁ ଠିକାଦାରଙ୍କୁ ତାଗିଦ କରି ଶୀଘ୍ର କାମ ଶେଷ କରିବାକୁ ଦାବି ହୋଇଛି । ସେହିପରି ନିୟମ ଅନୁସାରେ କାମ ଆରମ୍ଭ ପୂର୍ବରୁ ପ୍ରକଳ୍ପର ସମ୍ପୂର୍ଣ୍ଣ ତଥ୍ୟ କେତେ ଟଙ୍କା, କଣ କାମ ହେବ ଓ କେବେ ସୁଦ୍ଧା ସରିବ, ତାହାର ସୂଚନା ଫଳକ ଲାଗିବା କଥା । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଫଳକ ଲଗାଯାଇନଥିବା ଅଭିଯୋଗ ହୋଇଛି । ଏହି ଅବସରରେ ସଭାପତି ଲକ୍ଷ୍ମୀ କିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପ-ସଭାପତି ଲାଛିମି ଆଚାରୀ, ପ୍ରମୋଦ ନାୟକ, ଅଜିତ ପାତ୍ର, ଗଣେଶ ସାହୁ, ରବି ପାତ୍ର, ସତ୍ୟବାନ ଯାଦବ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନ ଓ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି ।

ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଗଣିତ ସମାଧାନ କୌଶଳ ଶିବିର ଉଦ୍‌ଯାପିତ

ଭଦ୍ରକ, ୦୬/୧୦ (ଆ.ପ୍ର) : ଯୁବପିଢ଼ି ମଧ୍ୟରେ ଗଣିତ ପ୍ରତି ଆଗ୍ରହ, ଯୁକ୍ତିଶୀଳ ଚିନ୍ତନ ଓ ସୃଜନଶୀଳ ସମସ୍ୟା ସମାଧାନ ଦକ୍ଷତା ବିକଶିତ କରିବାର ମହତ୍ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା 'ଗଣିତ-ଓଡ଼ିଶା୧୦୦'ର ଆଉ ଏକ ଅଭିନବ ପ୍ରୟାସ ସଫଳତାର ସହ ଶେଷ ହୋଇଛି । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅକ୍ଟୋବର ୨ (ଶୁକ୍ରବାର)ରୁ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ତିନିଦିନିଆ 'ଗଣିତ ସମାଧାନ କୌଶଳ ଶିବିର' ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଛି । 'ମାଧବ ଗଣିତ ପ୍ରତିଯୋଗିତା' ଓ ଗଣିତ ପରାମର୍ଶଦାତା ସଂସ୍ଥା 'ଡିସିସନ ଓପିଟି' ର ମିଳିତ ସହଯୋଗ ଓ ପ୍ରାୟୋଜକତାରେ ଆୟୋଜିତ ଏହି ଶିବିରରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଓଡ଼ିଶାର ଅନ୍ୟ ଆଠଟି ମହାବିଦ୍ୟାଳୟରୁ ୬୦ ଜଣ ମେଧାବୀ ଗଣିତ ସ୍ନାତକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପାରମ୍ପରିକ ପାଠ୍ୟକ୍ରମର ସୀମା ଅତିକ୍ରମ କରି ଗଣିତକୁ କିପରି ଚିନ୍ତନ, ଅନୁସନ୍ଧାନ ଓ ସମସ୍ୟା ସମାଧାନର ଏକ ଉପଯୋଗୀ ମାଧ୍ୟମ ଭାବେ ଗ୍ରହଣ କରାଯାଇପାରେ, ଶିବିରରେ ଏହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଶିବିରରେ ଆଇଆଇଟି ଭୁବନେଶ୍ୱରର ଡ଼କ୍ଟର ତାରାକାନ୍ତ ନାୟକ ଓ ଡ଼କ୍ଟର ମହେନ୍ଦ୍ର ଗୁପ୍ତା, ଏବଂ ନାଇଜର, ଭୁବନେଶ୍ୱରର ଡ଼କ୍ଟର କମଳଲୋଚନ ପାତ୍ର ପ୍ରମୁଖ ବିଶିଷ୍ଟ ଗଣିତଜ୍ଞ ଯୋଗଦେଇଥିଲେ । ସେମାନେ ବିଭିନ୍ନ ଜଟିଳ ଗାଣିତିକ ସମସ୍ୟାକୁ ସରଳ ଓ ଅଭିନବ ଉପାୟରେ ସମାଧାନ କରିବାର କୌଶଳ, ଗାଣିତିକ ଚିନ୍ତନ ପ୍ରକ୍ରିୟା ଏବଂ ନୂତନ ଦୃଷ୍ଟିକୋଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଲଳିତ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ବର୍ସାର ଡ଼କ୍ଟର ଲକ୍ଷ୍ମୀକାନ୍ତ ନାୟକ ଓ ଗଣିତ ବିଭାଗୀୟ ମୁଖ୍ୟ ଗୀତାରାଣୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଡ଼କ୍ଟର ଅଲୋକ କୁମାର ସାହୁ ଶିବିରର ସ୍ଥାନୀୟ ସଂଯୋଜକ ଭାବେ ସମସ୍ତ କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ । ଗଣିତ ବିଭାଗର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ସହଯୋଗରେ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଛି ।

ଚତୁର୍ଥ ଦିନରେ ମା' ବିରଜାଙ୍କ ବିଶେଷ ଷୋଡସପଚାର ପୂଜା

ଯାଜପୁର, ୦୬/୧୦ (ଆ.ପ୍ର) : ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦୁର୍ଗା ପୂଜା ନିମନ୍ତେ ଦ୍ୱିତୀୟା ଷଷ୍ଠୀ ଠାରୁ ଆରମ୍ଭ ହୋଇଥିବା ବିଶେଷ ଷୋଡସପଚାର ପୂଜା ମଙ୍ଗଳ ବାର ଦିନ ଚତୁର୍ଥ ଦିନରେ ପହଂଚିଛି । ପ୍ରାତରୁ ମା' ବିରଜାଙ୍କ ଅଙ୍ଗ ଲାଗି ସେବାୟତ ମା'ଙ୍କୁ ସ୍ନାନ କରି ବେଶ କରି ଫୁଲରେ ସଜ୍ଜିତ କରିଥିଲେ । ପୂର୍ବାହ୍ନରେ ମା'ଙ୍କ ଗର୍ଭ ଗୃହରେ ବିଶେଷ ଷୋଡଶୋପଚାର ପୂଜା ହୋଇ ନୀତି ଲାଗି ପହୁଡ଼ ହୋଇଥିଲା । ପହୁଡ଼ ପୂର୍ବରୁ ଦ୍ୱିତୀୟାଷ୍ଟମୀ ଠାରୁ ମା'ଙ୍କ ଯଂଜ୍ଞ ମଣ୍ଡପରେ ସ୍ଥାପନ ହୋଇଥିବା କଳସର ପୂଜାର୍ଚ୍ଚନା କରାଯାଇଥିଲା । ଅପରାହ୍ନରେ ପହୁଡ଼ ଖୋଲିବା ପରେ ସନ୍ଧ୍ୟାରେ ଆରତୀ ହୋଇ ରାତ୍ରରେ ବିଶେଷ ଷୋଡଶପଚାର ପୂଜା, କଳସ ପୂଜା ହୋଇ ନୀତି ଲାଗି ପହୁଡ଼ ହୋଇଥିଲା । ମା'ଙ୍କ ରଥ ଦାଣ୍ଡରେ ନିର୍ମାଣ ହେଉଥିବା ସିଂହଧ୍ୱଜ ରଥ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନବଦିନ ବ୍ୟାପି ରଥ ଯାତ୍ରା ଅନୁଷ୍ଠିତ ହେବ ।

ଜି.ଉଦୟଗିରି ଠାରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

ଜି.ଉଦୟଗିରି, ୦୬/୧୦ (ଆ.ପ୍ର) : ଜି.ଉଦୟଗିରି ସ୍ଥିତ ହବାକ୍ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ ବ୍ଲକର ୪ଟି ଜୋନର ୧୪ଟି ବିଦ୍ୟାଳୟ ଓ ୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ବିଡିଓ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପିଏମଶ୍ରୀ ହବାକ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ କୁମାର ପାଟମାଝି, ଏବିଇଓ ନିବେଦିତା ପ୍ରଧାନ ଏବଂ ପ୍ରଫୁଲ୍ଲ କୁମାର ସାହୁ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର ଏବଂ ମିଲମାନ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସଞ୍ଜୟ ସାହୁ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ କବାଡ୍ଡି, ଖୋଖୋ, ଭଲିବଲ୍, ଚେସ୍, କ୍ରିକେଟ୍, ବ୍ୟାଡମିଂଟନ୍ ଓ ଯୋଗ ଭଳି ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ବାଳିକା ଓ ବାଳକଙ୍କ ବିଭିନ୍ନ ବର୍ଗରୁ ଉତମ ପ୍ରଦର୍ଶନ କରି ଚୟନ ହୋଇଥିବା ଖେଳାଳୀ ମାନେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ହବାକ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ତଥା ବ୍ଲକ ସମ୍ପାଦକ ସତ୍ୟବ୍ରତ କର୍ଣ୍ଣଙ୍କ ନେତୃତ୍ୱରେ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇ ପ୍ରତିଯୋଗିତା ଗୁଡ଼ିକ ପରିଚାଳନା କରିଥିଲେ । ରତିଙ୍ଗିଆ ପଂଚାୟତ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଅବତରଣ କରିଥିଲେ । ସମସ୍ତ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କ୍ରୀଡ଼ା ମାଧ୍ୟମରେ ନିଜ ପ୍ରତିଭା ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ । ଏହା ସହିତ କ୍ରୀଡ଼ା ପ୍ରତିଯୋଗିତାର ସମାପ୍ତି ଘୋଷଣା କରାଯାଇଥିଲା ।

ପ୍ରତିଭା ବିକାଶରେ ଶିଶୁ ମହୋତ୍ସବ ସୁରଭି ୨୦୨୬, କରବାଲୁଆ ଏନଏସି ଟିକିଟୀ

ଟିକିଟୀ, ୦୬/୧୦ (ଆ.ପ୍ର) : ଟିକିଟୀ ବ୍ଲକ ଅନ୍ତର୍ଗତ କରବାଲୁଆ କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି ୨୦୨୬ ପିଏମଶ୍ରୀ ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ମିନତି କୁମାରୀ ପାଠୀଙ୍କ ସୁସଂଯୋଜନାରେ କାର୍ଯ୍ୟକ୍ରମର ରଙ୍ଗୀନ ଝଲକ ସ୍ପଷ୍ଟ ଦେଖିବାକୁ ମିଳିଥିଲା, ଯେଉଁଥିରେ ଶିଶୁମାନେ ଝୁମି ହସି ଉଠିଥିଲେ । ଏହାର ଉଦ୍ଘାଟନୀ ପର୍ବରେ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା ବାସୁଦେବ ସୁବୁଦ୍ଧି, ଏବିଇଓ ମେଘନାଥ ବେହେରା, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ବିଦ୍ୟାଳୟ ଏସଏମସି ସଭାପତି ରବୀନ୍ଦ୍ର ବାଡତ୍ୟା ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭଉଦ୍ଘାଟନ କରିଥିଲେ । ଏଥିରେ ଟିକିଟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟିକିଟୀପେଣ୍ଠସ୍ଥିତ ପିଏମଶ୍ରୀ ନୋଡାଲ ହାଇସ୍କୁଲ, ବାଳିକା ପ୍ରାଥମିକ ବିଦ୍ୟାଳୟ, କରବାଲୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁମ୍ଭାର ସାହି ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଣ୍ଡିରି , ପ୍ରାଥମିକ ବିଦ୍ୟାଳୟ ଭୋଳାସିଙ୍ଗି, ଲିଆଖାଇ, କୋଳଥିଆ ଓ ବଡ଼ଗାଁ ପ୍ରଭୃତିରୁ ପ୍ରାୟ ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସମାବର୍ତ୍ତନ ପର୍ବରେ ମୁଖ୍ୟ ଆକର୍ଷଣ ଗୋଷ୍ଠୀ ଶିକ୍ଷାଧିକାରୀ ପନ୍ନଗଭୂଷଣ ମାଝି, ଜାତୀୟସ୍ତରର କଳାକାର ତଥା ବରିଷ୍ଠ ସାମ୍ବାଦିକ ରାଜଗୋପାଳ ପାଢ଼ୀ, ସାମ୍ବାଦିକ ତ୍ରିପତି ସାହୁ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ ପାଢ଼ୀ, ଏବିଇଓ ନାୟକ ସେଠୀ ପ୍ରଭୃତି ଉପସ୍ଥିତ ରହି କୁଇଜ, ବକ୍ତୃତା, ଶ୍ରୁତ ଲିଖନ, ପ୍ରବନ୍ଧ ଲିଖନ, ସଙ୍ଗୀତ, ଚିତ୍ରାଙ୍କନ, ଦଳଗତ ନୃତ୍ୟ, ଗଳ୍ପ କଥନ, ଗଣିତ ଖେଳ, ସୃଜନଶୀଳ ଲିଖନ ପରି ବିଭିନ୍ନ ପ୍ରତିଯୋଗିତାର ଶିଶୁ ପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନକରିବା ସହିତ ପ୍ରଥମ ସ୍ଥାନରେ ରହିଥିବା ପ୍ରତିଭାଧାରୀଙ୍କୁ ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ କରିଥିଲେ । ଏଥିରେ ଯୋଗଦେଇଥିବା ଅତିଥି, ବିଚାରକ ମଣ୍ଡଳୀ, ଗାଇଡ଼ ଶିକ୍ଷକଶିକ୍ଷୟିତ୍ରୀ, ପିଏମଶ୍ରୀ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦଙ୍କୁ, ବିଭୁପ୍ରସାଦ ରାଉତ, ସନ୍ତୋଷ କୁମାର ପ୍ରଧାନ, ଅଚ୍ୟୁତ ପତି, କାଳିଆ ବେହେରା, ନିରୂପମା ପାଢ଼ୀ, ମଂଚ ପରିଚାଳକ ବାଳକୃଷ୍ଣ ପଣ୍ଡାଙ୍କୁ ଏବଂ ଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ସି ଆର ସି ସି ମିନତି ପାଠୀ ହୃଦୟ କନ୍ଦରରୁ ଧନ୍ୟବାଦ ପ୍ରଦାନ କରିଥିଲେ ।

କୃଷକ ଉତ୍ପାଦକ ସଂଗଠନ ପାଇଁ ଅନ୍‌ଲାଇନ୍ ପ୍ରଶିକ୍ଷଣ

ଗୁଣପୁର, ୦୬/୧୦ (ଆ.ପ୍ର) : ଗୁଣପୁରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ମଙ୍ଗଳବାର କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ଅନ୍‌ଲାଇନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଭିଡିଓ ମାଧ୍ୟମରେ ଆୟୋଜିତ ଏହି ପ୍ରଶିକ୍ଷଣରେ ଏଫ୍‌ପିଓର ସୁଚାରୁ ପରିଚାଳନା ସହିତ ଆଇନଗତ ଅନୁପାଳନ, ପଞ୍ଜୀକରଣ, ହିସାବରକ୍ଷଣ, କର ବ୍ୟବସ୍ଥା ଓ ବିଭିନ୍ନ ବିଧିବଦ୍ଧ ନିୟମାବଳୀ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ବିଶେଷଜ୍ଞଙ୍କ ପକ୍ଷରୁ ମାର୍ଗଦର୍ଶନ ଦିଆଯାଇଥିଲା । ଏଫ୍‌ପିଓଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ସଂଗଠନର ଆର୍ଥିକ ଓ ପ୍ରଶାସନିକ ପରିଚାଳନାରେ ସ୍ୱଚ୍ଛତା ଆଣିବା ସହ ଆବଶ୍ୟକ ଆଇନଗତ ନିୟମ ପାଳନ ନେଇ ସଚେତନତା ସୃଷ୍ଟି କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କୃଷି ବିଜ୍ଞାନ କେନ୍ଦ୍ର, ଗୁଣପୁର ପରିସରରେ ଅନୁଷ୍ଠିତ ଏହି ଅନ୍‌ଲାଇନ୍ ପ୍ରଶିକ୍ଷଣରେ ଏଫ୍‌ପିଓ ସହ ଜଡ଼ିତ ବ୍ୟକ୍ତିମାନେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

ଘରେ କେହି ନଥିବା ବେଳେ ଝରକା ଭାଙ୍ଗି ଚୋରି : ଚୋରି ସୁନା ବିକ୍ରି କରି କିଣିଥିଲେ ଟ୍ରାକ୍ଟର, ୩ ଅଭିଯୁକ୍ତ ଗିରଫ

ବାଲିଗୁଡା, ୦୬/୧୦ (ଆ.ପ୍ର) : ଘରେ କେହି ନଥିବାର ସୁଯୋଗ ନେଇ ଝରକା ବାଟେ ପଶି ସୁନା ଅଳଙ୍କାର ଚୋରି । ଚୋରି କରିଥିବା ସୁନା ବିକ୍ରି କରି ସେହି ଟଙ୍କାରେ ଟ୍ରାକ୍ଟର କିଣିଥିବା ଅଭିଯୋଗରେ କୋଟଗଡ଼ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୨.୦୮୫ ଗ୍ରାମ ସୁନା, ନଗଦ ୨,୧୦୦ ଟଙ୍କା ଏବଂ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି । ପୁଲିସ ସୂଚନା ଅନୁସାରେ, ଗତ ସେପ୍ଟେମ୍ବର ୩୦ ତାରିଖ ରାତିରେ ଶ୍ରୀରାମପୁର ଗ୍ରାମର ଲୁସିଆନ ବଡ଼ନାୟକ ଓ ତାଙ୍କ ପରିବାର ସଦସ୍ୟ ଘରେ ନଥିବା ସମୟରେ ଅଭିଯୁକ୍ତମାନେ ଝରକା ଦେଇ ଘର ଭିତରକୁ ପ୍ରବେଶ କରିଥିଲେ । ପରେ ଆଲମାରୀ ଭାଙ୍ଗି ସେଥିରେ ଥିବା ସୁନା ଅଳଙ୍କାର ଚୋରି କରି ନେଇଥିଲେ । ଚୋରି ହୋଇଥିବା ସୁନା ଅଳଙ୍କାରକୁ ବିକ୍ରି କରି ମିଳିଥିବା ଟଙ୍କାରେ ଅଭିଯୁକ୍ତ ମାନେ ଏକ ଟ୍ରାକ୍ଟର କିଣିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି । ଘଟଣା ସମ୍ପର୍କରେ କୋଟଗଡ଼ ଥାନା କେସ୍ ନଂ-୧୮୪, ତାରିଖ ୦୪.୧୦.୨୦୨୬ ରୁଜୁ କରାଯାଇ ବିଏନ୍‌ଏସ୍‌ର ଧାରା ୩୩୧(୪)/୩୦୫(ଏ) ଅନୁଯାୟୀ ତଦନ୍ତ ଆରମ୍ଭ ହୋଇଥିଲା । ଗିରଫ ଅଭିଯୁକ୍ତ ମାନେ ହେଲେ ଶ୍ରୀରାମପୁର ନୂଆସାହିର ଲେଟ୍ ଚକ୍ରଧର ଉଠାଣସିଂହଙ୍କ ପୁଅ ଲିଟୁ ଉଠାଣସିଂହ, ଶ୍ରୀରାମପୁର ଓଡ଼ିଆସାହିର ନିରାକାର ବଡ଼କାନହରଙ୍କ ପୁଅ ପିତାବାସ ବଡ଼କାନହର ଏବଂ ମିଶନସାହି କୁବାଗୁଡ଼ାର କର୍ମ ବଡ଼ସେଠଙ୍କ ପୁଅ ପ୍ରେମାନନ୍ଦ ବଡ଼ସେଠ । ତିନିଜଣଙ୍କୁ ପୁଲିସ ଗିରଫ କରିବା ପରେ ଅଦାଲତକୁ ଚାଲାଣ କରିଛି ।

ଛାତ୍ର ସଂସଦ ନିର୍ବାଚନରେ ବିଜୁ ଜନତା ଦଳର ନିଷ୍କ୍ରିୟତା ବଢୁଥିବା ଚର୍ଚ୍ଚା



ହାଟଡିହି, ୦୬/୧୦ (ଆ.ପ୍ର) : ଏବେ ଛାତ୍ର ସଂସଦ ରାଜନୀତି ପାଣିପାଗକୁ ବେଶ୍ ରୋମାଂଚ କରୁଥିବା ବେଳେ ବିଜୁ ଜନତା ଦଳର ବନ୍ଦ କାର୍ଯ୍ୟାଳୟ ଅନେକ କର୍ମୀଙ୍କ ମନ ରେ ସନ୍ଦେହ ସୃଷ୍ଟି କଲାଣି । ଆଗକୁ ଛାତ୍ର ସଂସଦ ନିର୍ବାଚନ ପାଇଁ ଦୁଇ ପ୍ରମୁଖ ଦଳ ଏବେ ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଆଗକୁ ଆସିବାକୁ ସଜବାଜ ହେଉଥିବା ବେଳେ ଏବେ ବିଜୁ ଜନତା ଦଳରେ କିଏ ନେବ ଆନନ୍ଦପୁର ଓ ହାଟଡିହି ବ୍ଲକରେ ଛାତ୍ରଙ୍କ ଦାୟିତ୍ୱ ତାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । କାରଣ ଛାତ୍ର ସଂସଦ ନିର୍ବାଚନ ପାଇଁ ଏବିଭିପି ପକ୍ଷରୁ ରଣ ନୀତି ଜୋରଦାର ହେଉ ଥିବାବେଳେ ଛାତ୍ର କଂଗ୍ରେସ ପକ୍ଷରୁ ଏନଏସଆଇୟୁ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଧରି ବୈଠକ ଆରମ୍ଭ କରୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଅପର ପକ୍ଷେ ବିଜୁ ଜନତା ଦଳର କାର୍ଯ୍ୟାଳୟ ନ ଖୋଲିବା ବିଜୁ ଜନତା ଦଳର କର୍ମୀମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି । ଯେଉଁଠି ବିଜୁ ଜନତା ଦଳର ବିଧାୟକ ଅଭିମନ୍ୟୁ ସେଠୀ ବିଜୟ ହାସଲ କରିଥିବା ସତ୍ତ୍ୱେ କାର୍ଯ୍ୟାଳୟରେ ସବୁ ଦିନ ତାଲା ଝୁଲାଇବା ଅର୍ଥ କି ଆଗଭଳି ଲୋକେ ନେତୃତ୍ୱକୁ ପସନ୍ଦ କରୁ ନାହାନ୍ତି ନା ଭାରତୀୟ ଜନତା ପାର୍ଟି ସରକାରକୁ ସାମ୍ନା କରିବାକୁ ନେତୃତ୍ୱ ପଛ ଘୁଂଚା ଦେଉଛନ୍ତି ତାହା ବୁଝା ପଡୁନାହିଁ । ଯାହାଦ୍ୱାରା ଆଠ ବର୍ଷ ପରେ ହେଉଥିବା ଛାତ୍ର ସଂସଦ ନିର୍ବାଚନରେ ବିଜୁ ଜନତା ଦଳର ନିଷ୍କ୍ରିୟତା ବଢୁଥିବା ବୋଲି ଚର୍ଚ୍ଚା ହେଉଛି ।

ହାଓ୍ୱା ଧକ୍କାରେ ବାଇକ ଆରୋହୀ ମୃତ୍ୟୁ

ଚନ୍ଦାହାଣ୍ଡି, ୦୬/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧିନ ସିନାପାଲି କ୍ରିକେଟ ପଡିଆ ଠାରେ । ଘଟି ଯାଇଛି ଏକ ମର୍ମନ୍ତୁଦ ଶଡ଼କ ଦୁର୍ଘଟଣା ହାଇଓ୍ୱା ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇ ଯାଇଛି । ମୃତକର ପରିଚୟ ବର୍ତ୍ତମାନ ସୁଧା ପରିଚୟ ମିଳି ପାରିନାହିଁ । କ୍ଷତି ପୂରଣ ଦାବୀରେ ଉତ୍ୟକ୍ତ ଲୋକ ଶବକୁ ରାସ୍ତାରେ ରଖି ରାସ୍ତା ରୋକ କରିଛନ୍ତି । ଘଟଣା ସ୍ଥଳରୁ ହାଇଓ୍ୱା ଡ୍ରାଇଭର ଫେରାର ହୋଇ ଯାଇଛି । ଖବର ପାଇ ଚନ୍ଦାହାଣ୍ଡି ଥାନା ଅଧିକାରୀ ବିମଳ ଲାକ୍ରା ଉତ୍ୟକ୍ତ । ଲୋକଙ୍କୁ ବୁଝା ସୁଝା କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ।

ବାହାଡା - ବନମାଳୀପୁର ରାସ୍ତା ପାର୍ଶ୍ୱରେ କୁଢକୁଢ ଅଳିଆ, କେବେ ନିଦ ଭାଙ୍ଗିବ ପ୍ରଶାସନର ?

ଖଣ୍ଡପଡ଼ା, ୦୬/୧୦ (ଆ.ପ୍ର) : କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସଂପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି । ସେହିପରି ପ୍ରତ୍ୟେକ ପଂଚାୟତରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି ନିମନ୍ତେ ସରକାର ଅନୁଦାନ ଅର୍ଥ ଯୋଗାଇ ଦେଉଛନ୍ତି । ଏତେ ସବୁ ସତ୍ତ୍ୱେ ସଚେତନତାର ଅଭାବ ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅଧିନ ବାହାଡା ଛକରୁ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ କୁଢକୁଢ ଅଳିଆ, ଆବର୍ଜନା ଗଦା ହୋଇ ରହିଛି । ବାହାଡ଼ା ଛକର ବ୍ୟବସାୟୀମାନେ ରାସ୍ତା ପାର୍ଶ୍ୱରେ ଅଦରକାରୀ ସାମଗ୍ରୀ ଗୁଡ଼ିକ ପକାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି । ଫଳରେ ଉକ୍ତ ସ୍ଥାନରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ପ୍ରଶାସନ ଓ ବନମାଳୀପୁର ପଂଚାୟତ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ରାସ୍ତା ପାର୍ଶ୍ୱରୁ ଅଳିଆ, ଆବର୍ଜନା ହଟାଇବାକୁ ସାଧାରଣରେ ଦାବି ହେଉଛି । ତେବେ ଦେଖିବାକୁ ବାକି ରହିଲା କେବେ ପ୍ରଶାସନର ନିଦ ଭାଙ୍ଗୁଛି ?

ମହିଳା ଚାଷୀଙ୍କୁ ଉନ୍ନତ ଚାଷର ପରାମର୍ଶ

ଦଶପଲ୍ଲା, ୦୬/୧୦ (ଆ.ପ୍ର) : ଦଶପଲ୍ଲା ବ୍ଲକ ରାଣୀଝରୀ ଗ୍ରାମରେ ମହିଳା ଚାଷୀଙ୍କୁ ନେଇ 'ଓଏସ ଭିଏସ ଡବ୍ଲୁଏ' ପକ୍ଷରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି । ଏଥିରେ ୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪୦ ଜଣ ଚାଷୀ ଯୋଗଦେଇଥିଲେ । 'ଓଟୋ ପର ମିଲେ'ର ଆର୍ଥିକ ସହାୟତାରେ ନିକଟବର୍ତ୍ତୀ ୬ଟି ଗ୍ରାମରେ ପୋଷଣଶାଳା ବଗିଚା ପାଇଁ ଉନ୍ନତ ବିହନ ଯୋଗାଇ ଦିଆଯାଇଥିବା ବେଳେ ଆଧୁନିକ ଚାଷ ପ୍ରଣାଳୀ ନେଇ ପରାମର୍ଶ ଦିଆଯାଇଛି । ରାଣୀଝରୀ ଓ ବାଇଝରୀର ଚାଷୀଙ୍କୁ ବାଇଗଣ ବିହନ, କାଣିପଦରରେ କଦଳୀ ଓ ଅମୃତଭଣ୍ଡା ଚାରା ଯୋଗାଣ କରାଯାଇଛି । ଏଥିସହ ୪ଟି ଗ୍ରାମର ପୋଖରୀରେ ଉନ୍ନତ ମାଛ ଜାଆଁଳ ଯୋଗାଇ ଦିଆଯାଇଛି । ଚାଷୀମାନେ ମଧ୍ୟସ୍ଥିଙ୍କୁ ଏଡ଼ାଇ ସିଧାସଳଖ ବଜାର ସହ ଯୋଡ଼ି ହୋଇ ଅଧିକ ଲାଭ ପାଇବା ଉପରେ 'ଓଏସ ଭିଏସ ଡବ୍ଲୁଏ 'ପ୍ରତିନିଧି ନିହାର ରଞ୍ଜନ ଘଡେଇ ଓ ସତ୍ୟ ନାରାୟଣ ମିଶ୍ର ପରାମର୍ଶ ଦେଇଥିଲେ ।

ସେଇଥିପାଇଁ
ଆରମ୍ଭ
SEITHO ARAMBHA
ବୁଧବାର, ୦୭ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ହଠାତ୍ କ୍ୟାପ୍ଟେନ୍ସି ଛାଡ଼ିଲେ ହରମନପ୍ରୀତ

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ଅଚାନକ ମହିଳା କ୍ରିକେଟ୍ ଦଳର ଅଧିନାୟକତ୍ୱ ଛାଡିଛନ୍ତି ହରମନପ୍ରୀତ କୌର । ଇନଷ୍ଟାରେ ଇମୋସନାଲ ପୋଷ୍ଟ ବଡ଼ ନିଷ୍ପତି ବାବଦରେ ଘୋଷଣା କରିଛନ୍ତି ହରମନପ୍ରୀତ କୌର । ବିନିକିଆ ବିଶ୍ୱକପ, ଏସିଆନ ଗୋଲ୍ଡ ମେଡାଲ ବିଜୟୀ କ୍ୟାପ୍ଟେନ୍ ହରମନପ୍ରୀତ କୌରଙ୍କ ଏହି ନିଷ୍ପତି ସମସ୍ତଙ୍କୁ ଚକିତ କରିଛି । ପୋଷ୍ଟରେ ସେ ଲେଖିଛନ୍ତି ତାଙ୍କ ପାଇଁ ଏହି ନିଷ୍ପତି ସହଜ ନଥିଲା । କ୍ୟାପ୍ଟେନ୍ ଛାଡୁଛନ୍ତି କିନ୍ତୁ ଟିମ୍ ଇଣ୍ଡିଆ ସହ ଯାତ୍ରା ଜାରି ରହିବ । ତେବେ ତାଙ୍କ ସ୍ଥାନରେ ସ୍ମୃତି ମନ୍ଧାନାଙ୍କୁ ଅଧିନାୟକତ୍ୱ ଦାୟିତ୍ୱ ମିଳିବା ନେଇ ଅଧିକ ସମ୍ଭାବନା ରହିଛି । ଅଧିନାୟକତ୍ୱରୁ ଇସ୍ତଫା ଘୋଷଣା କରି ୩୭ ବର୍ଷୀୟ ହରମନପ୍ରୀତ କୌର ଲେଖିଛନ୍ତି, '' ଆଜି ସବୁ ଫର୍ମାଟରୁ ଭାରତୀୟ ମହିଳା କ୍ରିକେଟ୍ ଦଳର କ୍ୟାପ୍ଟେନ୍ସି ଛାଡୁଛି । ଏହା ସହଜ ନିଷ୍ପତି ନଥିଲା । ଏଥିରେ ବର୍ଷର ବର୍ଷର ସ୍ମୃତି, ତ୍ୟାଗ ଏବଂ ଏମିତି ମୁହୂର୍ତ୍ତ ରହିଛି ଯାହା ଜୀବନ ସାରା ସାଥୀରେ ରହିବ । ମୁଁ ଏହି ଦଳ ଏବଂ ଭାରତୀୟ ମହିଳା କ୍ରିକେଟ୍ ପାଇଁ ନିଜର ସର୍ବସ୍ୱ ଦେଇଛି । ମୋର ରକ୍ତ, ଝାଳ, ସମୟ ଏବଂ ଅନେକ ସମୟରେ ମୋର ନିଜସ୍ୱ ଖେଳ ଓ ବ୍ୟକ୍ତିଗତ ଆକାଂକ୍ଷା ଏକ ଅଂଶ ହୋଇ ରହିଛି । ଏପରି ମୁହୂର୍ତ୍ତ ମଧ୍ୟ ଆସିଛି ଯେତେବେଳେ ମୋତେ ମୋର ବ୍ୟକ୍ତିଗତ ପ୍ରଦର୍ଶନ, ନିଜର ବିକାଶ ଏବଂ ନିଜ ପାଇଁ ଥିବା ଇଚ୍ଛାକୁ ପଛରେ ପକାଇବାକୁ ପଡ଼ିଛି, କାରଣ ମୁଁ ବିଶ୍ୱାସ କରୁଥିଲି ଯେ ଦଳର ସ୍ୱାର୍ଥ ସର୍ବୋପରି । ଅଧିନାୟିକା ଭାବରେ, ମୋତେ କଠିନ ନିଷ୍ପତି ନେବାକୁ ପଡ଼ିଛି ।ଏପରି ନିଷ୍ପତି ଯାହା ସବୁବେଳେ ସହଜ ନଥିଲା କିମ୍ବା ସମସ୍ତଙ୍କ ଦ୍ୱାରା ସହଜରେ ବୁଝାପଡୁନଥିଲା, ଏବଂ କେତେକ କ୍ଷେତ୍ରରେ ଏଥିପାଇଁ ମୋତେ ବ୍ୟକ୍ତିଗତ ମୂଲ୍ୟ ମଧ୍ୟ ଦେବାକୁ ପଡ଼ିଛି । କିନ୍ତୁ ମୁଁ ନେଇଥିବା ପ୍ରତ୍ୟେକ ନିଷ୍ପତି ପଛରେ ଗୋଟିଏ ଉଦ୍ଦେଶ୍ୟ ଥିଲା - ଏହି ଦଳକୁ ଆହୁରି ଉନ୍ନତ କରିବା ଏବଂ ଅନ୍ୟ ଖେଳାଳିମାନଙ୍କୁ ବିକାଶର ସୁଯୋଗ ଦେବା, ଯାହା ଦ୍ୱାରା ସେମାନେ ନିଜ ଉପରେ ବିଶ୍ୱାସ ରଖିପାରିବେ ଏବଂ ନିଜର ସର୍ବୋତ୍ତମ ରୂପ ପ୍ରଦର୍ଶନ କରିପାରିବେ । '' ସେ ଆହୁରି ଲେଖିଛନ୍ତି, ମୁଁ ବହୁତ କିଛି ଦେଖିଛି । ମୁଁ ସବୁଠାରୁ କଷ୍ଟଦାୟକ ମୁହୂର୍ତ୍ତ, ହୃଦୟଭଙ୍ଗା ପରିସ୍ଥିତି, ସମାଲୋଚନା, ସନ୍ଦେହ ଏବଂ ଏପରି ଦିନ ମଧ୍ୟ ଦେଖିଛି ଯେତେବେଳେ କିଛି ଆମ ସପକ୍ଷରେ ଯାଉନଥିଲା । ଏହା ସହିତ ମୁଁ ସର୍ବୋଚ୍ଚ ସଫଳତାର ମୁହୂର୍ତ୍ତଗୁଡ଼ିକୁ ମଧ୍ୟ ଅନୁଭବ କରିଛି - ବିଜୟ, ଉତ୍ସବ, ଦେଶର ପ୍ରତିନିଧିତ୍ୱ କରିବାର ଗର୍ବ ଏବଂ ସେହି ମୁହୂର୍ତ୍ତଗୁଡ଼ିକ ଯାହା ମୋର ସମସ୍ତ ତ୍ୟାଗକୁ ସାର୍ଥକ କରିଛି ।ଆଜି ମୁଁ ଭାବବିହ୍ୱଳ ହୃଦୟ ସହିତ, କିନ୍ତୁ ଏକ ଶାନ୍ତିପୂର୍ଣ୍ଣ ମନ ନେଇ ଅଧିନାୟିକା ପଦରୁ ବିଦାୟ ନେଉଛି । କାରଣ ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ମୋ ଦଳ ଏକ ଭଲ ସ୍ଥିତିରେ ଅଛି । ଏପରି ଏକ ଦଳ ଯେଉଁଥିରେ ପ୍ରତିଭା, ଆତ୍ମବିଶ୍ୱାସ ରହିଛି ଏବଂ ଏହାର ଭବିଷ୍ୟତ ଅଂଶୀଦାର ହେବା ପାଇଁ ମୁଁ ଅତ୍ୟନ୍ତ ଉତ୍ସାହିତ । ମୁଁ ଅନୁଭବ କରୁଛି ଯେ ମୁଁ ମୋର କର୍ତ୍ତବ୍ୟ ପାଳନ କରିଛି । କ୍ୟାପ୍ଟେନ୍ସି ଛାଡ଼ିଛି କିନ୍ତୁ ଯାତ୍ରା ଜାରି ରହିବ ।'' ହରମନପ୍ରୀତ କୌରଙ୍କୁ ଏବେ ୩୭ ବର୍ଷ । ସେ ଗତ ୧୦ ବର୍ଷ ହେବ ଅଧିନାୟତ୍ୱ ତୁଲାଉଥିଲେ । ୨୦୧୬ରେ ତାଙ୍କୁ ପ୍ରଥମ ଥର ଟି-ଟ୍ୱେଂଟି ଅଧିନାୟକ ଦାୟିତ୍ୱ ମିଳିଥିଲା । ମହିଳା ଟି-ଟ୍ୱେଂଟି ଇଂଟରନ୍ୟାସନାଲରେ କୌର ଭାରତର ନେତୃତ୍ୱ ନେଇ ୧୫୫ଟି ମ୍ୟାଚରୁ ୯୨ଟି ବିଜୟ ହାସଲ କରିଛନ୍ତି । ୫୭ଟି ମୁକାବିଲା ହାରିଛନ୍ତି । ତାଙ୍କ ବିଜୟ ପ୍ରତିଶତ ୫୯. ୩୫ ପ୍ରତିଶତ ରହିଛି । ବିନିକିଆରେ ବି ଦମଦାର କ୍ୟାପ୍ଟେନ୍ସି ଦେଖିବାକୁ ମିଳିଛି । ସେ ୫୧ଟି ମ୍ୟାଚରେ ଭାରତର ନେତୃତ୍ୱ ନେଇଛନ୍ତି । ସେଥିରୁ ୩୦ଟି ଜିତିଛନ୍ତି । ୧୯ଟି ହାରିଛି ଭାରତ । ବିଜୟ ପ୍ରତିଶତ ୫୮. ୮୨ ରହିଛି । ଟେଷ୍ଟ କଥା କହିବାକୁ ଗଲେ ସେ, ୫ ମ୍ୟାଚରେ ନେତୃତ୍ୱ ନେଇଛନ୍ତି । ୪ଟି ମ୍ୟାଚ୍ ଜିତିଛନ୍ତି । ୩ଟି ଫର୍ମାଟରେ ତାଙ୍କର ଭଲ କ୍ୟାପ୍ଟେନ୍ସି ରହିଛି । ହରମନପ୍ରୀତ କୌରଙ୍କ ନେତୃତ୍ୱରେ ମହିଳା କ୍ରିକେଟ୍ ଟିମ୍ ବିନିକିଆ ବିଶ୍ୱକପ ଜିତିଛି । ଏସିଆନ ଗେମ୍ସରେ ୨ ଥର ସ୍ୱର୍ଣ୍ଣ ପଦକ ଜିତିଛି । କମନୱେଲ୍ଥ ଗେମ୍ସରେ ରୌପ୍ୟ ପଦକ ଜିତିଛି ମହିଳା କ୍ରିକେଟ୍ ଟିମ୍ । ଏସିଆ କପ ଟାଇଟଲ ବି ଜିତିଛି । ଘର ବାହାରେ ଐତିହାସିକ ଟେଷ୍ଟ ବିଜୟ ବି ହରମନପ୍ରୀତ କୌରଙ୍କ ନେତୃତ୍ୱରେ ହାସଲ କରିଛି ଟିମ୍ ଇଣ୍ଡିଆ । ଆଜି ଏହି କ୍ୟାପ୍ଟେନ୍ସି ଯାତ୍ରା ଶେଷ ହୋଇଛି ।

ଆଇପିଏଲକୁ ଫେରିଲେ ସୌରଭ ଗାଙ୍ଗୁଲି

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ଭାରତୀୟ କ୍ରିକେଟର ଅନ୍ୟତମ ମହାନ କ୍ୟାପ୍ଟେନ ସୌରଭ ଗାଙ୍ଗୁଲି ଆଇପିଏଲକୁ କମବ୍ୟାକ କରିଛନ୍ତି । ପ୍ରଥମଥର ପାଇଁ ଗାଙ୍ଗୁଲିଙ୍କୁ କୌଣସି ଆଇପିଏଲ ଟିମର ମୁଖ୍ୟ କୋଚ ଭାବେ ଦେଖିବାକୁ ମିଳିବ । ଆଗାମୀ ୨୦୨୭ ଆଇପିଏଲ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ଦାୟିତ୍ୱ ପାଇଛନ୍ତି ସୌରଭ । ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସରେ ଡିରେକ୍ଟର ଅଫ କ୍ରିକେଟ ଓ ମାର୍ଗଦର୍ଶକ ଭାବେ ଗାଙ୍ଗୁଲି କାମ କରିଥିଲେ । କିନ୍ତୁ ସେ କେବେ ବି କୌଣସି ଟିମର ମୁଖ୍ୟ କୋଚ୍ ଭାବେ କାମ କରି ନଥିଲେ । ହେଲେ ହେମାଙ୍ଗ ବଦାନିଙ୍କ ସେଟ୍ ଅପ୍ ଦିଲ୍ଲୀ କ୍ୟାପିଟାଲ୍ସରୁ ବିଦାୟ ନେବା ପରେ ଏବେ ଗାଙ୍ଗୁଲିଙ୍କୁ ମୁଖ୍ୟ କୋଚ ଭାବେ ସୁଯୋଗ ମିଳିଛି । ଏହାପୂର୍ବରୁ ରିକି ପଣ୍ଟିଂ ଦିଲ୍ଲୀର ମୁଖ୍ୟ କୋଚ ଥିବା ବେଳେ ଗାଙ୍ଗୁଲି କୋଚିଂ ଷ୍ଟାଫ ଭାବେ କାର୍ଯ୍ୟ କରିଥିଲେ । ନିକଟରେ ଦକ୍ଷିଣ ଆଫ୍ରିକା ଟି୨୦ ଲିଗରେ ପ୍ରେଟୋରିଆ କ୍ୟାପିଟାଲ୍ସର କୋଚିଂ ଦାୟିତ୍ୱ ତାଙ୍କୁ ମିଳିଥିଲା । ସେହିପରି ପୂର୍ବରୁ ସେ ବିସିସିଆଇ ସଭାପତି ଭାବେ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ବେଙ୍ଗଲ କ୍ରିକେଟ ଆସୋସିଏସନର ମୁଖ୍ୟ ହେଉଛନ୍ତି ଗାଙ୍ଗୁଲି । ତେଣୁ ତାଙ୍କ ପାଖରେ କୋଚିଂ ସହ ପ୍ରଶାସନିକ ଅଭିଜ୍ଞତା ମଧ୍ୟ ରହିଛି । ଦିଲ୍ଲୀ କ୍ୟାପିଟାଲ୍ସ ସୋଶାଲ ମିଡିଆରେ ଗାଙ୍ଗୁଲିଙ୍କ ନିଯୁକ୍ତି ସମ୍ପର୍କରେ ଦମଦାର ଷ୍ଟାଇଲରେ ଘୋଷଣା କରିଛି । ୨୦୨୭ ଆଇପିଏଲରେ ଦାଦାଗିରି ହେବ ବୋଲି ଫ୍ରାଂଚାଇଜ କହିଛି । ଦିଲ୍ଲୀ କ୍ୟାପିଟାଲ୍ସର ଅଧ୍ୟକ୍ଷ ପାର୍ଥ ଜିନ୍ଦଲ ମଧ୍ୟ ଗାଙ୍ଗୁଲିଙ୍କୁ ସ୍ୱାଗତ କରିଛନ୍ତି । ଗାଙ୍ଗୁଲି ମୁଖ୍ୟ କୋଚ ଦାୟିତ୍ୱ ପାଇଥିବା ବେଳେ ଆଗାମୀ ଦିନରେ ଅନେକ ହାଇପ୍ରୋଫାଇଲ୍ ଷ୍ଟାରଙ୍କୁ କୋଚିଂ ଟିମରେ ସୁଯୋଗ ମିଳିପାରେ । ରିପୋର୍ଟ ଅନୁସାରେ, ଯୁବରାଜ ସିଂହ ଦିଲ୍ଲୀ କ୍ୟାପିଟାଲ୍ସର ବ୍ୟାଟିଂ କୋଚ ଓ ତମିଶ୍ରା ଭାସଙ୍କୁ ଦ୍ରୁତ ବୋଲିଂ କୋଚ ଦାୟିତ୍ୱ ମିଳିପାରେ । ସେହିପରି ଭେଟରାନ ଲେଗ ସ୍ପିନର ଅମିତ ମିଶ୍ରା ସ୍ପିନ ବୋଲର କୋଚ ହୋଇପାରନ୍ତି । ୨୦୨୭ରେ ସ୍ଥାନୀୟ ହିରୋ ଋଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିବେ । ସେ ଦିଲ୍ଲୀ ପାଇଁ ଆଇପିଏଲ ଡେବ୍ୟୁ କରିଥିବା ବେଳେ ବେଶ କିଛି ବର୍ଷ ହେବ ଲକ୍ଷ୍ନୌ ପାଇଁ ଖେଳୁଥିଲେ । ହେଲେ ୨୦୨୭ ପୂର୍ବରୁ ଦିଲ୍ଲୀ ପୁଣି ପନ୍ତଙ୍କୁ ନିଜ ପାଖକୁ ଆଣିଛି ।

ମୁମ୍ବାଇ ରଣଜୀ ଟିମ୍‌ରୁ ବାଦ ପଡ଼ିଲେ ସୂର୍ଯ୍ୟ କୁମାର ଯାଦବ

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ଭାରତୀୟ କ୍ରିକେଟର ସୂର୍ଯ୍ୟ କୁମାର ଯାଦବଙ୍କୁ ବଡ଼ ଝଟକା । ୨୦୨୬ରେ ଭାରତ ତାଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ ଜିତିଥିଲା । ହେଲେ ଏହା ପରଠାରୁ ସୂର୍ଯ୍ୟ କୁମାର ଟିମ ଇଣ୍ଡିଆର ୩ଟି ଯାକ ଫର୍ମାଟରୁ ବାଦ ପଡ଼ିଛନ୍ତି । ତାଙ୍କ କ୍ୟାରିୟର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏବେ ତାଙ୍କୁ ଆଉ ଏକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି । ମୁମ୍ବାଇ ରଣଜୀ ଟ୍ରଫି ଟିମରୁ ଏହି ଭେଟରାନ କ୍ରିକେଟରଙ୍କୁ ବାଦ ଦେଇଛନ୍ତି ଚୟନକର୍ତ୍ତା । ସେ ରଣଜୀ ଟ୍ରଫି ୨୦୨୬-୨୭ ଋତୁ ପାଇଁ ଉପଲବ୍ଧ ଥିଲେ ମଧ୍ୟ ତାଙ୍କୁ ୧୧ ତାରିଖରୁ ଆରମ୍ଭ ହେଉଥିବା ଚଣ୍ଡିଗଡ଼ ବିପକ୍ଷ ମ୍ୟାଚ୍ ପାଇଁ ଚୟନକର୍ତ୍ତା ମୁମ୍ବାଇ ସ୍କ୍ୱାଡରେ ସାମିଲ କରି ନାହାନ୍ତି । ମୁମ୍ବାଇ ତା'ର ରଣଜୀ ଅଭିଯାନ ଅକ୍ଟୋବର ୧୧ରୁ ଆରମ୍ଭ କରିବ । ଏଥିପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ସୂର୍ଯ୍ୟ କୁମାରଙ୍କ ନାଁ ନାହିଁ । ସୂର୍ଯ୍ୟ କୁମାର ଟିମରେ ନଥିବା ବେଳେ ଉପ ଅଧିନାୟକ ଭାବେ ୧୯ ବର୍ଷୀୟ ଆୟୁଷ ମହାତ୍ରେଙ୍କୁ ନିଯୁକ୍ତ କରାଯାଇଛି । ସିଦ୍ଧାର୍ଥ ଲାଡ ରଣଜୀ ଋତୁରେ ମୁମ୍ବାଇର କମାଣ ସମ୍ଭାଳିବେ । କ୍ରିକବଜର ରିପୋର୍ଟ ଅନୁସାରେ, ୧୯ ବର୍ଷୀୟ ଆୟୁଷଙ୍କୁ ଚୟନକର୍ତ୍ତା ଭବିଷ୍ୟତର କ୍ୟାପ୍ଟେନ ଭାବେ ଏବେ ଠାରୁ ଗଢ଼ି ତୋଳିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ତାଙ୍କ ନେତୃତ୍ୱରେ ଭାରତ ଅଣ୍ଡର ୧୯ ବିଶ୍ୱକପ ଜିତିଥିଲା । ଏହି କାରଣ ପାଇଁ ୨ ବର୍ଷ ମଧ୍ୟରେ ମାତ୍ର ୧୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ଆୟୁଷ ମହାତ୍ରେଙ୍କୁ ଚଳିତ ରଣଜୀ ଋତୁରେ ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଛି । ସିଦ୍ଧାର୍ଥ ଲାଡଙ୍କ ନେତୃତ୍ୱାଧୀନ ମୁମ୍ବାଇ ଟିମରେ ଭାରତୀୟ ଦଳର ଟେଷ୍ଟ ଓପନର ଯଶସ୍ୱୀ ଜୈସ୍ୱାଲ ରହିଛନ୍ତି । ହେଲେ ସୂର୍ଯ୍ୟ କୁମାର ଯାଦବଙ୍କୁ ଚୟନକର୍ତ୍ତା ନାଲି ବଲ ଟୁର୍ଣ୍ଣାମେଂଟ ପାଇଁ ସୁଯୋଗ ଦେଇ ନାହାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉମେଶ ପାଣ୍ଡ୍ୱାରଙ୍କ ନେତୃତ୍ୱାଧୀନ ମୁମ୍ବାଇ ଚୟନ କମିଟିକୁ ସୂର୍ଯ୍ୟ କୁମାର ରଣଜୀ ଟ୍ରଫି ଖେଳିବାକୁ ଜଣାଇଥିଲେ । ତଥାପି ତାଙ୍କୁ ଟିମରେ ସ୍ଥାନ ମିଳିନି । ଶେଷଥର ପାଇଁ ସୂର୍ଯ୍ୟ କୁମାର ମୁମ୍ବାଇ ଟି-୨୦ ଲିଗ ଖେଳିଥିଲେ । ଭାରତୀୟ ଟିମରୁ ବାଦ ପଡ଼ିଥିବା ସୂର୍ଯ୍ୟ କୁମାର କମବ୍ୟାକ କରିବା ଲକ୍ଷ୍ୟରେ ରହିଥିଲେ ହେଁ ତାଙ୍କୁ ଏବେ ଏକ ଚ୍ୟାଲେଞ୍ଜିଂ ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ଏହାକୁ ନେଇ ତାଙ୍କ କ୍ରିକେଟିଂ ଭବିଷ୍ୟତ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

୨୦୩୬ ଅଲମ୍ପିକ୍ସ ଦୌଡ଼ରେ ଭାରତ ସହ ଆଉ ୭ଟି ଦେଶ

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ୨୦୩୬ ଅଲମ୍ପିକ୍ସର ଆୟୋଜନ ପାଇଁ ଭାରତ ସମେତ ୭ଟି ଦେଶ ନିଜର ଦାବି ଉପସ୍ଥାପନ କରିଛନ୍ତି । ଭାରତ, ଜର୍ମାନୀ, କାତାର ଏବଂ ତୁର୍କୀ ସମେତ ସାତଟି ଦେଶ ୨୦୩୬ ଅଲମ୍ପିକ୍ସର ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଥିବା , ଅନ୍ତର୍ଜାତୀୟ ଅଲମ୍ପିକ୍ କମିଟି ଏହି ସୂଚନା ଦେଇଛି । ନଭେମ୍ବର ମାସରେ 'ଫ୍ୟୁଚର ହୋଷ୍ଟ କମିଶନ' ସମ୍ମୁଖରେ ସେମାନଙ୍କର ପ୍ରକଳ୍ପ ଉପସ୍ଥାପନ କରିବାକୁ ସେମାନଙ୍କୁ ନିମନ୍ତ୍ରଣ କରାଯାଇଛି । IOC କହିଛି ଯେ, ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କେତେକ ବୈଷୟିକ ଦିଗ ଉପରେ କରାଯିବ, ଯେଉଁଥିରେ ଆୟୋଜନ ସ୍ଥଳର ମାଷ୍ଟର ପ୍ଲାନ୍, ଖେଳାଳିଙ୍କ ଅଭିଜ୍ଞତା, ଫଣ୍ଡିଂ ରଣନୀତି, ରାଜନୈତିକ ଓ ଜନସାଧାରଣଙ୍କ ସମର୍ଥନ, ଆୟୋଜନ କରିବାର କ୍ଷମତା ଏବଂ ଆୟୋଜକ ସମୁଦାୟକୁ ଦୀର୍ଘକାଳୀନ ଫାଇଦା ପହଂଚାଇ ଥିବା ଐତିହ୍ୟ ରଣନୀତି ଅନ୍ତର୍ଭୁକ୍ତ । IOC ଏକ ବିବୃତିରେ କହିଛି ଯେ, ଆଗ୍ରହୀ ପକ୍ଷମାନେ IOC ସହ ଲଗାତାର ଭାବେ ଆଲୋଚନା କରୁଛନ୍ତି ଏବଂ ୨୦୩୬ ଅଲମ୍ପିକ୍ସ ଆୟୋଜନ କରିବାକୁ ଚାହୁଁ ଥିବା ଦେଶ ଗୁଡ଼ିକ ହେଲେ , ଜର୍ମାନୀ, ହଙ୍ଗେରୀ, ଭାରତ, କାତାର, କୋରିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ । ଏଥିରେ ଆହୁରି କୁହାଯାଇଛି ଯେ, ଅନେକ ଜାତୀୟ ଅଲମ୍ପିକ୍ କମିଟି ୨୦୩୬ ପରେ ହେବାକୁ ଥିବା ଅଲମ୍ପିକ୍ସ ଖେଳର ଆୟୋଜନକୁ ନେଇ IOC ସହ ପ୍ରାରମ୍ଭିକ ଆଲୋଚନାରେ ସାମିଲ ଅଛନ୍ତି । ଆଗ୍ରହୀ ଦେଶ ଗୁଡ଼ିକୁ ନଭେମ୍ବରରେ 'ଫ୍ୟୁଚର ହୋଷ୍ଟ କମିଶନ ' ଆଗରେ ସେମାନଙ୍କର ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି । IOC ସ୍ପଷ୍ଟ କରିଛି ଯେ , ଅକ୍ଟୋବର ୩୧ ପରେ ୨୦୩୬ ଅଲମ୍ପିକ୍ସ ଆୟୋଜନ ପାଇଁ ଅନ୍ୟ କୌଣସି ଆଗ୍ରହୀ ପକ୍ଷର ପ୍ରସ୍ତାବ ଉପରେ ବିଚାର କରାଯିବ ନାହିଁ । ଭାରତ ୨୦୨୪ ମସିହାରେ ଅଲମ୍ପିକ୍ସ ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରି ଏକ ଚିଠି ଦାଖଲ କରିଥିଲା । ଏହା ପରେ ଓଡଭ ର ନୂଆ ସଭାପତି କ୍ରିଷ୍ଟି କୋଭେଂଟ୍ରି ଆୟୋଜକ ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖି ଥିଲେ ଏବଂ କହି ଥିଲେ ଯେ, ପ୍ରକ୍ରିୟାକୁ ଅଧିକ ଉନ୍ନତ କରିବା ପାଇଁ ସଦସ୍ୟ ଦେଶଗୁଡ଼ିକ ଠାରୁ ମତାମତ ନିଆଯିବ । ୨୦୩୬ ଅଲମ୍ପିକ୍ସ ପୂର୍ବରୁ ଭାରତରେ କମନୱେଲଥ୍ ଗେମ୍ସ ଆୟୋଜିତ ହେବ । CWG ୨୦୩୦ର ଆୟୋଜନ ଅହମ୍ମଦାବାଦରେ ଅନୁଷ୍ଠିତ ହେବାର ଅଛି । ଏଭଳି ପରିସ୍ଥିତିରେ ଯଦି ଅଲମ୍ପିକ୍ସ ଆୟୋଜନର ସୁଯୋଗ ମିଳେ , ତେବେ ଏହା ଭାରତ ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯିବ ।

ଆମକୁ ଜ୍ଞାନେଶ ନୁହଁ, ଗଣେଶ ଜୀ ସହାୟତା କରୁଛନ୍ତି: ସମ୍ବିତ ପାତ୍ର

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ନିର୍ବାଚନ କମିଶନଙ୍କ ବିରୋଧରେ ବିରୋଧୀଙ୍କ ହାଲାବୋଲ ଭିତରେ ବିଜେପି କାଉଂଟର ଆଟାକ କରିଛି । ବିଜେପିର ପୁରୀ ସାଂସଦ ସମ୍ବିତ ପାତ୍ର ଆଜି ସାମ୍ବାଦିକ ସମ୍ମିଳନୀ କରି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି । ତାଙ୍କ କହିବା କଥା ଯେ ବିରୋଧୀ ଦଳଗୁଡ଼ିକ ଯେକୌଣସି ପରିସ୍ଥିତିରେ ରାହୁଲ ଗାନ୍ଧିଙ୍କୁ କ୍ଷମତାର ଆସନରେ ବସାଇବାକୁ ଏପରି ପ୍ରାୟୋଜିତ ନାଟକ କରୁଛନ୍ତି । ଏପରି କି ପ୍ରୟାସ ଏବେ ନୁହେଁ, ବରଂ ବର୍ଷବର୍ଷ ଧରି କରାଯାଉଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ସମ୍ବିତ ପାତ୍ର କହିଛନ୍ତି, "ସୁପ୍ରିମକୋର୍ଟରେ ଶୁଣାଣି ଜାରି ରହିଛି । ଶୁଣାଣି ଶେଷ ହେବା ପୂର୍ବରୁ ମିଛ ଓ ଅରାଜକତାର ପରିବେଶ ବିରୋଧୀ ଦଳ ଗୁଡ଼ିକ ସୃଷ୍ଟି କରୁଛନ୍ତି । ମଟଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାରଙ୍କ ନିଯୁକ୍ତି ୨୦୨୫ ଫେବୃଆରୀ ୧୯ରେ ହୋଇଥିଲା । ଏହାପୂର୍ବରୁ ଆମେ ଆମେ ଲୋକସଭା ଓ ଏକାଧିକ ରାଜ୍ୟର ବିଧାନସଭା ନିର୍ବାଚନ ଜିତିଥିଲୁ । ତେଣୁ ଆମେ ଜ୍ଞାନେଶ କୁମାରଙ୍କ ସହାୟତାରେ ଜିତିଥିବା କହିବା ସଂପୂର୍ଣ୍ଣ ଭୁଲ । ଆମର ସହାୟତା ଜ୍ଞାନେଶ ନୁହନ୍ତି, ବରଂ ଗଣେଶ ଜୀ କରୁଛନ୍ତି । ବୁଦ୍ଧି, ବିଦ୍ୟା ଓ ଜ୍ଞାନର ଦେବତା ହେଉଛି ଗଣେଶ । ଏଠାକାର ଲୋକମାନେ ବୁଦ୍ଧି, ବିଦ୍ୟା ଓ ଜ୍ଞାନୀ ଅଟନ୍ତି । ଏଭଳି ଲୋକ ପରିବାରବାଦୀଙ୍କୁ ଭୋଟ ଦେବେ ନାହିଁ । ସେମାନେ ତାଙ୍କୁ ଭୋଟ ଦେବେ ଯିଏ ଦେଶକୁ ନର୍କିବାକୁ ଦେବେ ନାହିଁ ବୋଲି କହିଥିଲେ ।" ସେ ଆହୁରି କହିଛନ୍ତି ଯେ "ଯେକୌଣସି ପରିସ୍ଥିତିରେ ରାହୁଲ ଗାନ୍ଧିଙ୍କୁ ଲଂଚ ଓ ରିଲଂଚ କରିବା ପାଇଁ ଉଦ୍ୟମ ଚାଲିଛି । ଯେତେବେଳେ ଏହି କାମରେ ସଫଳତା ମିଳୁନାହିଁ ସେତେବେଳେ ବିରୋଧୀ ଅରାଜକତା ସୃଷ୍ଟି ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ସେମାନଙ୍କର ଗୋଟିଏ ଲକ୍ଷ୍ୟ ହେଉଛି ରାହୁଲ ଗାନ୍ଧିଙ୍କୁ ଲଂଚ କରିବା । ସେମାନେ ସୁପ୍ରିମକୋର୍ଟଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସାମ୍ବିଧାନିକ ସଂସ୍ଥା ଓ ହିନ୍ଦୁଙ୍କ ଉପରେ ଆକ୍ରମଣ କରୁଛନ୍ତି । ଏବେ କିଛି ଦିନ ହେବ ହେବ ସେମାନେ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଛନ୍ତି ।"

ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ବାୟୁସେନାର ପରବର୍ତ୍ତୀ ମୁଖ୍ୟ

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ହେବେ ପରବର୍ତ୍ତୀ ବାୟୁସେନା ମୁଖ୍ୟ । ପରମ ବିଶିଷ୍ଟ ସେବା ପଦକ (PVSM), ଅତି ବିଶିଷ୍ଟ ସେବା ପଦକ (AVSM), ବାୟୁସେନା ପଦକ (VM) ଓ ବିଶିଷ୍ଟ ସେବା ପଦକ (VSM)ରେ ସମ୍ମାନିତ ହୋଇଥିବା ଶ୍ରୀ ଦୀକ୍ଷିତ ଏବେ ବାୟୁସେନାର ଉପମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶଲ ଅମର ପ୍ରୀତ ସିଂହ ଅକ୍ଟୋବର ୩୧ ତାରିଖରେ ଅବସର ଗ୍ରହଣ କରିବେ । ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ ଓ ଦେଶର ୨୯ତମ ଏୟାର ଚିଫ୍ ମାର୍ଶଲ ଭାବେ କାର୍ଯ୍ୟ କରିବେ । ୧୯୮୬ ଡିସେମ୍ବର ୬ ତାରିଖରେ ସେ ଭାରତୀୟ ବାୟୁସେନାରେ କାର୍ଯ୍ୟ ଆରମ୍ଭ କରିଥିଲେ । ୪ ଦଶନ୍ଧିର ଲମ୍ବା କ୍ୟାରିଅରରେ ଅନେକ ଯୁଦ୍ଧ ବିମାନ ଉଡ଼ାଇଛନ୍ତି ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ । ତାଙ୍କର ୩୫୦୦ ଘଂଟାର ଉଡ଼ାଣ ଅଭିଜ୍ଞତା ରହିଛି । ସେ ଯୁଦ୍ଧ ବିମାନ ସହିତ ଟ୍ରେନର ଓ ପରିବହନରେ ନିୟୋଜିତ ଏୟାରକ୍ରାଫ୍ଟ ମଧ୍ୟ ଉଡ଼ାଇଛନ୍ତି । ସେ ମିରେଜ-୨୦୦୦, MIGର ବିଭିନ୍ନ ଯୁଦ୍ଧ ବିମାନ, HPT-32, AN-32, ଜାଗୁଆର, ତେଜସ୍ ଭଳି ବିମାନ ଉଡ଼ାଇଛନ୍ତି । ସେ ଅପରେସନ 'ସଫେଦ ସାଗର' ଓ 'ରକ୍ଷକ'ରେ ସାମିଲ ହୋଇଥିଲେ । ଅପରେସନ 'ସିନ୍ଦୂର'ରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ବାୟୁସେନାର ଉପମୁଖ୍ୟ ହେବା ପୂର୍ବରୁ ଆଶୁତୋଷ ଦୀକ୍ଷିତ ସେଂଟ୍ରାଲ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଓ ଚିଫ୍ସ ଅଫ୍ ଷ୍ଟାଫ୍ କମିଟିର ଅଧ୍ୟକ୍ଷଙ୍କ ସମନ୍ୱିତ ପ୍ରତିରକ୍ଷା କର୍ମଚାରୀଙ୍କ ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ । ବାୟୁସେନା ମୁଖ୍ୟାଳୟରେ ସେ ଏୟାର ଷ୍ଟାଫ୍ ରିକ୍ୟୁରମେଂଟସର ପ୍ରମୁଖ ନିର୍ଦ୍ଦେଶକ, ବାୟୁସେନା (ପ୍ରକଳ୍ପ)ର ସହକାରୀ ମୁଖ୍ୟ ଓ ବାୟୁସେନା (ଯୋଜନା)ର ସହକାରୀ ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ବାୟୁସେନାର ଉପ ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ଏହା ସହିତ ଆଶୁତୋଷ ଦୀକ୍ଷିତ ବାୟୁସେନାର ଦକ୍ଷିଣ ଏୟାର କମାଣ୍ଡର ଏୟାର ଡିଫେନ୍ସ କମାଣ୍ଡର ଓ ଦକ୍ଷିଣ ପଶ୍ଚିମ ଏୟାର କମାଣ୍ଡର ସିନିୟର ଏୟାର ଷ୍ଟାଫ୍ ଅଫିସର ଭାବେ କାର୍ଯ୍ୟ କରିଛନ୍ତି ।

ହର୍ମୁଜରେ ବାଣିଜ୍ୟିକ ଜାହାଜ ଉପରେ ପୁଣି ଆକ୍ରମଣ, ୧୧ ଭାରତୀୟ ଆହତ

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ଆମେରିକା-ଇରାନ ଉତେଜନା ମଧ୍ୟରେ, ଓମାନ ଉପକୂଳରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ୧୧ ଜଣ ଭାରତୀୟ ଆହତ ହୋଇଛନ୍ତି । ମଙ୍ଗଳବାର, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (MEA) ଏହି ଆକ୍ରମଣକୁ ନିନ୍ଦା କରି କହିଛି ଯେ ଆହତ ମାନଙ୍କୁ ଓମାନର ଖାସାବରେ ଚିକିତ୍ସା କରାଯାଉଛି । ବୈଦେଶିକ ମନ୍ତ୍ରଣାଳୟ କହିଛି, 'ଆଜି ଓମାନ ଉପକୂଳରେ ପାନାମା-ପତାକାଯୁକ୍ତ ବାଣିଜ୍ୟିକ ଜାହାଜ MT On Peace (IMO 9893204) ଉପରେ ଆକ୍ରମଣକୁ ଆମେ ନିନ୍ଦା କରୁଛୁ । ଏହି ଜାହାଜଟି ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ସମୟରେ ଏକ ପ୍ରକ୍ଷେପଣ ଦ୍ୱାରା ଆଘାତ ପାଇଥିଲା । ସେ କହିଛନ୍ତି, 'ଜାହାଜରେ ଥିବା ମୋଟ ୧୯ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୧୭ ଜଣ ଭାରତୀୟ ନାଗରିକ । ଆକ୍ରମଣରେ ୧୧ ଜଣ ଭାରତୀୟ ନାଗରିକଙ୍କ ସମେତ ୧୨ ଜଣ କ୍ରୁ ସଦସ୍ୟ ଆହତ ହୋଇଛନ୍ତି । ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ, ଆହତ କ୍ରୁ ସଦସ୍ୟ ମାନଙ୍କୁ ବାହାର କରାଯାଇଛି ଏବଂ ସେମାନେ ଓମାନର ଖାସାବରେ ଚିକିତ୍ସା ପାଉଛନ୍ତି । ଆମେ ଓମାନ କର୍ତ୍ତୃପକ୍ଷଙ୍କୁ ସେମାନଙ୍କର ମୂଲ୍ୟବାନ ସହାୟତା ପାଇଁ ଧନ୍ୟବାଦ ଜଣାଉଛୁ ।' ଗରଭ କହିଛି, 'ଏହି ଅଂଚଳରେ ଜାହାଜ ଉପରେ କ୍ରମାଗତ ଆକ୍ରମଣ ଭାରତ ପାଇଁ ଗଭୀର ଚିନ୍ତାର ବିଷୟ ।' ଆମେ ଏହି ଅଂଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଏପରି ଆକ୍ରମଣ ତୁରନ୍ତ ବନ୍ଦ କରିବା ପାଇଁ ଆମର ଦାବିକୁ ପୁନର୍ବାର ଦୋହରାଉଛୁ ।'

ଜେନ୍-ଜିଙ୍କ ପ୍ରଦର୍ଶନରେ ଜଳୁଛି ଫ୍ରାନ୍ସ

ନୂଆଦିଲ୍ଲୀ, ୬/୧୦ (ନ୍ୟୁ.ଏ): ଫ୍ରାନ୍ସର ଯୁବପିଢ଼ି ଏବେ ରାସ୍ତାକୁ ଓହ୍ଲାଇଛନ୍ତି । ଏମାନଙ୍କ ଦାବି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି । ଏହି ପ୍ରତିବାଦ ସେପ୍ଟେମ୍ବର ମାସରେ ଉତର ପ୍ୟାରିସରୁ ଆରମ୍ଭ ହୋଇଥିଲା ଏବଂ ଏବେ ସାରା ଦେଶରେ ବ୍ୟାପିଛି । ଆଶ୍ଚର୍ଯ୍ୟଜନକ ଭାବରେ, ସ୍କୁଲ ଏବଂ କଲେଜରେ ଭିଡ଼, ଭଙ୍ଗା କୋଠା ଏବଂ ଶିକ୍ଷକଙ୍କ ଅଭାବ କେବଳ ଭାରତ ପାଇଁ ନୁହେଁ; ଫ୍ରାନ୍ସ ମଧ୍ୟ ଏହି ସମସ୍ୟା ଗୁଡ଼ିକ ସହିତ ସଂଘର୍ଷ କରୁଛି । ଫ୍ରାନ୍ସରେ ପ୍ରତିବାଦ କରୁଥିବା ଛାତ୍ରମାନେ ଏହି ସମାନ ସମସ୍ୟା ଉଠାଇଛନ୍ତି । ଗତ ସପ୍ତାହରେ ଶହ ଶହ ସ୍କୁଲ ବନ୍ଦ କରାଯାଇଛି । ପ୍ରତିବାଦ ଏବେ ହିଂସାତ୍ମକ ରୂପ ନେଇଛି । ପ୍ରତିବାଦ ସମୟରେ ବିଭିନ୍ନ ସ୍ଥାନରେ ପୋଲିସ ଏବଂ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ରଏଟର୍ସ ଅନୁଯାୟୀ, ପ୍ରାୟ ୪୦୦ ସ୍କୁଲ ବନ୍ଦ ହୋଇଯାଇଛି ଏବଂ ଅନେକ ସ୍ଥାନରେ ହିଂସା ଘଟିଛି । ଫ୍ରାନ୍ସ ଶିକ୍ଷା ମନ୍ତ୍ରୀ ଏହି ହିଂସାକୁ 'ହିଂସାତ୍ମକ ସଂଖ୍ୟାଲଘୁଙ୍କ କାର୍ଯ୍ୟ' ଭାବରେ ବର୍ଣ୍ଣନା କରିଛନ୍ତି । ନ୍ୟାୟ ମନ୍ତ୍ରଣାଳୟ ଅନୁଯାୟୀ, ଗିରଫ ହୋଇଥିବା ୫୦୬୦ ଜଣଙ୍କ ମଧ୍ୟରୁ ୮୭ ପ୍ରତିଶତ ନାବାଳକ ଥିଲେ । ସରକାର ଅଭିଯୋଗ କରିଛନ୍ତି ଯେ, କଠୋର ବାମପନ୍ଥୀ ନେତାମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି, କିନ୍ତୁ LFI ସାଂସଦ ଲୁଇସ୍ ବୋୟାର୍ଡ ଏହାକୁ ଅସ୍ୱୀକାର କରିଛନ୍ତି । CNN ରିପୋର୍ଟ ଅନୁଯାୟୀ, ପ୍ୟାରିସର ଉତରରେ ଥିବା ଏକ ଉପନଗରୀୟ ହାଇସ୍କୁଲରେ ଧର୍ମଘଟ ଶିକ୍ଷକଙ୍କ ସମର୍ଥନରେ ଆରମ୍ଭ ହୋଇଥିବା ଏକ ପ୍ରଦର୍ଶନ ଏବେ ଏକ ଜାତୀୟ ସଙ୍କଟରେ ପରିଣତ ହୋଇଛି । ୫ହଜାରରୁ ଅଧିକ ଲୋକଙ୍କୁ ପୋଲିସ ଅଟକ ରଖିଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ନାବାଳକ ଯାହାଙ୍କ କୌଣସି ଅପରାଧିକ ରେକର୍ଡ ନାହିଁ । ଛାତ୍ର, ଶିକ୍ଷକ ଏବଂ ପୋଲିସ ଅଧିକାରୀ ଆହତ ହୋଇଛନ୍ତି । ଉତର-ପୂର୍ବ ଲେନ୍ସ ସହର ରେ, ଜଣେ ଛାତ୍ର ଏକ ଗ୍ରେନେଡ୍ ଉଠାଇବା ସମୟରେ ତାଙ୍କ ହାତ ହରାଇଥିବାର ରିପୋର୍ଟ ହୋଇଛି, ଏବଂ ତୁର୍ସର ଅନ୍ୟ ଜଣେ ଛାତ୍ର ଗୋଟିଏ ଆଖିରେ ଦୃଷ୍ଟି ହରାଇଛନ୍ତି । ସେପ୍ଟେମ୍ବର ୨୧ ତାରିଖରେ ପ୍ୟାରିସର ସେଂଟ-ଏକୁଏନ ହାଇସ୍କୁଲରେ ପ୍ରାରମ୍ଭିକ ପ୍ରତିବାଦକୁ ବହୁତ କମ୍ ଧ୍ୟାନ ଦିଆଯାଇଥିଲା । ଛାତ୍ରମାନେ, ସେମାନଙ୍କ ଶିକ୍ଷକମାନଙ୍କ ସହିତ, କର୍ମଚାରୀ ଏବଂ ସମ୍ବଳ ଅଭାବ ବିରୋଧରେ ପ୍ରତିବାଦ କରୁଥିଲେ । ସେମାନଙ୍କର ଦାବି ପୂରଣ ହେବା ପରେ ଧର୍ମଘଟ ଶେଷ ହୋଇଥିଲା ଏବଂ ଅତିରିକ୍ତ କର୍ମଚାରୀଙ୍କୁ ସ୍କୁଲକୁ ପଠାଯାଇଥିଲା । କିନ୍ତୁ ସେତେବେଳକୁ, ଅଗ୍ନିଶିଖା ଜଳି ସାରିଥିଲା । ଅନ୍ୟ ସ୍କୁଲ ପାଇଁ ସମାନ ଦାବି କରାଯାଇଥିଲା । ଫଳସ୍ୱରୂପ, ପ୍ରତିବାଦ ସାରା ଦେଶରେ ବ୍ୟାପି ଯାଇଥିଲା, ଯାହା ଫରାସୀ ଶିକ୍ଷା ମନ୍ତ୍ରଣାଳୟ ପାଇଁ ଏକ ସଙ୍କଟ ସୃଷ୍ଟି କରିଥିଲା । ସେପ୍ଟେମ୍ବର ୨୧ ତାରିଖରେ ଆରମ୍ଭ ହୋଇଥିବା ପ୍ରତିବାଦ ଏବେ ହିଂସାତ୍ମକ ରୂପ ନେଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das